# ଧରିତ୍ରୀ
DHARITRI

ପୃଷ୍ଠା–୮+୬

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୧/୨୦୨୪ (୮+୬=୧୪ ପୃଷ୍ଠା) | Bhubaneswar, Monday, November 11/2024 Page 14 ₹ 7.00 | SAMBALPUR

୫୦ଶ ଭାଗ ୩୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 346 | ମୂଲ୍ୟ ₹୭/-




**ସୁବ୍ରତଙ୍କୁ ୧୦ମ ଟାଇଟଲ**

ଅଲ୍ ଓଡ଼ିଶା ସ୍ନୁକର ଓ ବିଲିୟାର୍ଡସ ଚାମ୍ପିୟନଶିପ୍‌ର ବିଲିୟାର୍ଡସ ଇଭେଣ୍ଟରେ ସୁବ୍ରତ ଦାସ ତାଙ୍କର ୧୦ମ ଟାଇଟଲ ହାସଲ କରିଛନ୍ତି।

୦୮

୦୨

**ପରିଚୟ ଲୁଚାଉଥିଲେ ଶ୍ରୁତି**

ବରିଷ୍ଠ ଅଭିନେତା କମଲ ହାସନଙ୍କ ଝିଅ ଭାବେ ନିଜର ପରିଚୟକୁ ଲୁଚାଇବା ପାଇଁ ଏକଦା ଅଭିନେତ୍ରୀ ଶ୍ରୁତି ହାସନ ଚେଷ୍ଟା କରୁଥିଲେ।





ଜମ୍ମୁ-କଶ୍ମୀରର କିସ୍ତୱାର ଜଙ୍ଗଲରେ ରବିବାର ଏନ୍‌କାଉଣ୍ଟର ବେଳେ ଆତଙ୍କବାଦୀଙ୍କ ତଲାସି ଅଭିଯାନରେ ଭାରତୀୟ ଯବାନ।

# ଆତଙ୍କବାଦୀଙ୍କ ଗୁଳିରେ ଜେସିଓ ମୃତ, ୩ ଯବାନ ଆହତ

**ଜମ୍ମୁ,୧୦।୧୧**

ଜମ୍ମୁ-କଶ୍ମୀର କିସ୍ତୱାର ଜିଲାରେ ରବିବାର ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ସେନାର ଜଣେ ଜୁନିୟର କମିଶନ୍ଡ ଅଫିସର (ଜେସିଓ) ନିହତ ହୋଇଥିବାବେଳେ ଅନ୍ୟ ୩ ଯବାନ ଆହତ ହୋଇଛନ୍ତି। ମୃତ ଜେସିଓ ନାଏବ ସୁବେଦାର ରାକେଶ କୁମାରଙ୍କ ବଳିଦାନକୁ ସ୍ମରଣ କରି ସେନା ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି। ଆତଙ୍କବାଦୀମାନେ ଗୁରୁବାର ସନ୍ଧ୍ୟାରେ କିସ୍ତୱାର ଜିଲାର କୁନ୍ତୱାରା ଓ କେଶୱାନ୍ ଅଞ୍ଚଳରୁ ୨ ଜଣ ଭିଲେଜ୍ ଡିଫେନ୍ସ ଗାର୍ଡ (ଭିଡିଜି)ଙ୍କୁ ଅପହରଣ ପରେ ହତ୍ୟା କରିଥିଲେ। ନାଜିର ଅହମଦ ଓ କୁଲଦୀପ କୁମାର ଗୋରୁ ଚରାଇବା ପାଇଁ ଅଧୱାରୀ ଅଞ୍ଚଳର ମୁଞ୍ଜଲା ଧର ଜଙ୍ଗଲକୁ ଯାଇଥିବାବେଳେ ଆତଙ୍କବାଦୀମାନେ ଗୁଳି କରିଥିଲେ। ☞ପୃଷ୍ଠା-୪

# ହିନ୍ଦୀକୁ ପାର୍ଲାମେଣ୍ଟର ଭାଷା କରିବାକୁ ଉଦ୍ୟମ ହେଉଛି

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ପାର୍ଲାମେଣ୍ଟ ଟ୍ରେଜେରି ବେଞ୍ଚ (ସରକାରୀ ପକ୍ଷ)ର ଅଧିକାଂଶ ସଦସ୍ୟ ସେମାନଙ୍କ ଭାଷଣରେ ହିନ୍ଦୀ ଭାଷାକୁ ଅଧିକରୁ ଅଧିକ ବ୍ୟବହାର କରୁଛନ୍ତି। ଫଳରେ ଦକ୍ଷିଣ ଭାରତୀୟ ଏମ୍‌ପି ଏବଂ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରୁ ଆସିଥିବା ସଦସ୍ୟମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସିପିଆଇ(ଏମ୍) ଏମ୍‌ପି ଜନ୍ ବ୍ରିଟାସ୍ ରବିବାର କହିଛନ୍ତି। ଏପରିକି ଭଲ ଇଂଲିଶ୍ କହିପାରୁଥିବା ମନ୍ତ୍ରୀମାନେ ମଧ୍ୟ ହିନ୍ଦୀ ଭାଷା ବ୍ୟବହାର କରୁଛନ୍ତି। ପାର୍ଲାମେଣ୍ଟରେ ହିନ୍ଦୀକୁ ବାସ୍ତବ ଭାଷା କରିବା ପାଇଁ ଉଦ୍ୟମ ହେଉଥିବା ବ୍ରିଟାସ୍ ଅଭିଯୋଗ କରିଛନ୍ତି। ପିଟିଆଇକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ଏହା ଗୋଟିଏ ଘଟଣା ନୁହେଁ, ହିନ୍ଦୀକୁ ସଂସଦର ପ୍ରକୃତ ଭାଷା କରିବା ପାଇଁ ବିଧିବଦ୍ଧ ଯୋଜନା ଚାଲିଥିବା ସେ ଅନୁଭବ କରୁଛନ୍ତି। କେବଳ ପାର୍ଲାମେଣ୍ଟ ନୁହେଁ, ଏହା ବାହାରେ ମଧ୍ୟ ହିନ୍ଦୀକୁ ଲଦିଦେବା ପାଇଁ ସୁଚିନ୍ତିତ ଉଦ୍ୟମ ହେଉଛି। ପାର୍ଲାମେଣ୍ଟରେ ଜଣେ ଦୁଇଜଣ ମନ୍ତ୍ରୀଙ୍କୁ ବାଦ୍ ଦେଲେ ଅନ୍ୟ ମନ୍ତ୍ରୀ ଓ ଟ୍ରେଜେରି ବେଞ୍ଚ୍ କେବଳ ହିନ୍ଦୀ ବ୍ୟବହାର କରିବାକୁ ଏକ ନୂଆ ପ୍ରଥା ଭାବେ ଗ୍ରହଣ କରାଗଲାଣି। ପୂର୍ବରୁ କୌଣସି ପ୍ରଶ୍ନ ଇଂଲିଶ୍‌ରେ ପଚରାଯାଇଥିଲେ, ତାହାର ଉତ୍ତର ସେହି ଭାଷାରେ ଦିଆଯିବା ଏକ ପ୍ରଥା ରହିଥିଲା। ଏବେ ଏହି ସୁସ୍ଥ ପରମ୍ପରା ଆଉ ନାହିଁ। ଟ୍ରେଜେରି ବେଞ୍ଚ୍‌ର କୌଣସି ସଦସ୍ୟ ଇଂଲିଶରେ କହିବାକୁ ଚାହିଁଲେ, ତାଙ୍କୁ ହିନ୍ଦୀରେ କହିବା ପାଇଁ ସଙ୍କେତ ଦିଆଯାଉଛି ବୋଲି କେରଳର ରାଜ୍ୟ ସଭା ସଦସ୍ୟ ବ୍ରିଟାସ କହିଛନ୍ତି।



ଜନ୍ ବ୍ରିଟାସ୍

ବ୍ରିଟାସଙ୍କ କହିବା ଅନୁସାରେ ରାଜ୍ୟ ସଭାରେ ଶୂନ୍ୟକାଳ ବେଳେ ସେ ମାଲୟାଲମ ଭାଷାରେ ପ୍ରଶ୍ନ କରିଥିଲେ। ହେଲେ ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ହିନ୍ଦୀରେ ଉତ୍ତର ଦେଇଥିଲେ। କେନ୍ଦ୍ର ସରକାର ଦକ୍ଷିଣ ଭାରତୀୟ ଏମ୍‌ପିମାନଙ୍କୁ ଇଂଲିଶ୍‌ରେ ପତ୍ର ଲେଖୁଥିବାବେଳେ ଗୃହରେ ହିନ୍ଦୀରେ ଜବାବ ମିଳୁଛି। ଯୋଗାଯୋଗର ଭାଷା ଭାବେ ହିନ୍ଦୀର ଅତ୍ୟଧିକ ବ୍ୟବହାରକୁ ନେଇ ଇନ୍‌ଫୋସିସ୍‌ର ପୂର୍ବତନ ସିଏଫ୍‌ଓ ମୋହନଦାସ ପାଇ ମଧ୍ୟ ପୂର୍ବରୁ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଥିଲେ।

# ପ୍ରଧାନ ବିଚାରପତି ଭାବେ ଆଜି ଶପଥ ନେବେ ଜଷ୍ଟିସ୍ ଖାନ୍ନା



**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ବହୁ ଗୁରୁତ୍ୱପୂର୍ଣ୍ଣ ସୁପ୍ରିମକୋର୍ଟ ରାୟ ସହ ଜଡ଼ିତ ଥିବା ସର୍ବବରିଷ୍ଠ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ସୋମବାର ଭାରତର ୫୧ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିବେ। ସୋମବାର ପୂର୍ବାହ୍ନ ୧୦ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ତାଙ୍କୁ ଶପଥ ପାଠ କରାଇବେ। ବିଦାୟୀ ସିଜେଆଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅନ୍‌ଲାଇନ ପାଗଳାମି**




# ମହାରାଷ୍ଟ୍ରକୁ ପ୍ରତିଶ୍ରୁତିରେ ପୋତିଲେ

**ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଅବଗଣନା ଆରମ୍ଭ ହୋଇସାରିଥିବାବେଳେ ଉଭୟ ଶାସକ ମହାୟୁତି ଓ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟର ବଳ କଷାକଷି ଜୋର୍ ଧରିଛି। ଭାରତର ଅନ୍ୟତମ ଧନୀ ରାଜ୍ୟରେ ଏହି ନିର୍ବାଚନ କେବଳ କ୍ଷମତା ପାଇଁ ଲଢ଼େଇ ନୁହେଁ, ବରଂ ନେତୃତ୍ୱର ଲିଗାସି ଏବଂ ରାଜନୈତିକ ଅସ୍ତିତ୍ୱ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଭୋଟକୁ ୧୦ ଦିନ ବାକି ଥିବାବେଳେ ରବିବାର ଭାଜପା ଏବଂ ଏମ୍‌ଭିଏ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ଭୋଟରଙ୍କୁ ଅନେକ ମନଲୋଭା ପ୍ରତିଶ୍ରୁତି ଦିଆଯାଇଛି।**

ମୁମ୍ବାଇ,୧୦।୧୧

ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ପାଇଁ ନଭେମ୍ବର ୨୦ରେ ନିର୍ବାଚନ ଅନୁଷ୍ଠିତ ହେବ। ୨୩ରେ ଫଳାଫଳ ଆସିବ। ମତଦାନକୁ ୧୦ ଦିନ ବାକି ଥିବାବେଳେ ଅଧିକାଂଶ ଆସନରେ ମହାୟୁତି ଏବଂ ଏମ୍‌ଭିଏ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଅନୁମାନ କରାଯାଉଛି। ଭାଜପା ଅଜିତ୍ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଏକନାଥ ଶିନ୍ଦେଙ୍କ ଶିବସେନା ସହ ମେଣ୍ଟ କରି ମହାୟୁତି ବ୍ୟାନରରେ ଲଢ଼ୁଛି। ଶିବସେନା (ୟୁବିଟି), ଏନ୍‌ସିପି (ଶରଦ ପାୱାର) ଏବଂ କଂଗ୍ରେସ ହେଉଛନ୍ତି ବିରୋଧୀ ଏମ୍‌ଭିଏର ଅଂଶୀଦାର। ତେବେ ଉଭୟ ମେଣ୍ଟରେ ଅନେକ ଜଟିଳତା ରହିଛି। ଗତମାସରେ ହରିୟାଣାରେ ଭାଜପା ହ୍ୟାଟ୍ରିକ୍ ବିଜୟ ସହ କ୍ଷମତାକୁ ଫେରିଥିବାବେଳେ ଜମ୍ମୁ-କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ କଂଗ୍ରେସ ମେଣ୍ଟକୁ ସଫଳତା ମିଳିଥିଲା। ଏହା ପରେ ହେବାକୁ ଯାଉଥିବା ମହାରାଷ୍ଟ୍ର ନିର୍ବାଚନକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି। ହରିୟାଣାର ସଫଳତାକୁ ମହାରାଷ୍ଟ୍ରରେ ଦୋହରାଇବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଭାଜପାର ସଂକଳ୍ପପତ୍ର ଜାରି କରିଛନ୍ତି। ରାଜ୍ୟରେ ୨୫ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହ ୧୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ମାସିକ ୧୦ ହଜାର ଟଙ୍କା ଲେଖାଏ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ଦଳ ପ୍ରତିଶ୍ରୁତି ଦେଇଛି। ସେହିପରି ଧର୍ମାନ୍ତରୀକରଣ ନିରୋଧୀ ଆଇନ ପ୍ରଣୟନ, ଲଡ୍‌କୀ ବହିନ୍ ଯୋଜନାରେ ମହିଳାଙ୍କୁ ମିଳୁଥିବା ମାସିକ ସହାୟତାକୁ ୧,୫୦୦ରୁ ୨,୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ନିମ୍ନ ଆୟକାରୀ ପରିବାରଗୁଡ଼ିକୁ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ସାମଗ୍ରୀ ମାଗଣାରେ ଦିଆଯିବ ବୋଲି ଭାଜପା କହିଛି। ଅନ୍ୟପକ୍ଷେ ଏମ୍‌ଭିଏ ନିଜ ଘୋଷଣାପତ୍ର 'ମହାରାଷ୍ଟ୍ରନାମା'ରେ ୯ରୁ ୧୬ ବର୍ଷୀୟା ଝିଅଙ୍କୁ ମାଗଣାରେ ସର୍ଭିକାଲ କ୍ୟାନ୍ସର ଭାକ୍‌ସିନ, ମହିଳା କର୍ମଚାରୀଙ୍କୁ ରତୁସ୍ରାବ ବେଳେ ୨ ଦିନ ଛୁଟି, ଜାତିଗତ ଜନଗଣନା ଆଦିକୁ ଗୁରୁତ୍ୱ ଦେଇଛି।

### ଏମ୍‌ଭିଏର ମହାରାଷ୍ଟ୍ରନାମା

- ➡୯ରୁ ୧୬ ବର୍ଷୀୟା ଝିଅଙ୍କୁ ମାଗଣାରେ ସର୍ଭିକାଲ୍ କ୍ୟାନ୍ସର ଭାକ୍‌ସିନ
- ➡ମହିଳା କର୍ମଚାରୀଙ୍କୁ ରତୁସ୍ରାବ ବେଳେ ୨ ଦିନ ଛୁଟି
- ➡ଜାତିଗତ ଜନଗଣନା କରାଯିବ
- ➡ଝିଅମାନେ ୧୮ ବର୍ଷରେ ଉପନୀତ ହେଲେ ୧ ଲକ୍ଷ ଟଙ୍କା ପାଇବେ
- ➡ବର୍ଷକୁ ସିଲିଣ୍ଡର ପିଛା ୫୦୦ ଟଙ୍କାରେ ୬ ରୋଷେଇ ଗ୍ୟାସ୍



ମୁମ୍ବାଇରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଏନ୍‌ସିପି(ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେଙ୍କ ସମେତ ମେଣ୍ଟ ନେତାମାନେ ଏମ୍‌ଭିଏର ନିର୍ବାଚନୀ ଇସ୍ତାହାର ଜାରି କରୁଛନ୍ତି।

## କ୍ଷମତା ଲୋଭରେ ଏମ୍‌ଭିଏ ନେତା ଅନ୍ଧ: ଶାହା



ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଭାଜପାର ସଙ୍କଳ୍ପପତ୍ରକୁ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ପୀୟୂଷ ଗୋୟଲ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଉନ୍ମୋଚନ କରୁଛନ୍ତି।

କଂଗ୍ରେସ ନେତୃତ୍ୱାଧୀନ ଏମ୍‌ଭିଏ ଭୋଟ ପାଇଁ ଯେକୌଣସି ସ୍ତରକୁ ଖସିପାରିବ। ବିରୋଧୀ ମେଣ୍ଟ ତୁଷ୍ଟୀକରଣ ରାଜନୀତିରେ ବ୍ୟସ୍ତ ରହିଛି ବୋଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଛନ୍ତି। ବୁଲ୍‌ଧାନାର ଜଳଗାଓଁ ଓ ମଲ୍‌କାପୁରରେ ଭାଜପାର ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଶାହା କହିଛନ୍ତି, ରାଜ୍ୟର କଂଗ୍ରେସ ସଭାପତି ନାନା ପାଟୋଲେ ଉଲେମା କାଉନ୍‌ସିଲର ମୁସ୍‌ଲିମ ସଂରକ୍ଷଣ ଦାବିକୁ ଗ୍ରହଣ କରିଛନ୍ତି। ଶିକ୍ଷା ଓ ସରକାରୀ ନିଯୁକ୍ତିରେ ମୁସଲମାନମାନେ ୧୦% ସଂରକ୍ଷଣ ଚାହୁଁଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ସଂରକ୍ଷଣ ଛଡ଼ାଇନେଇ ମୁସଲମାନ ସମ୍ପ୍ରଦାୟକୁ ଦେଇଦେବ। ଏମ୍‌ଭିଏ ନେତାମାନଙ୍କ କ୍ଷମତା ଲୋଭ ସେମାନଙ୍କୁ ଅନ୍ଧ କରିଦେଇଛି। ଧର୍ମଭିତ୍ତିକ ସଂରକ୍ଷଣକୁ ଭାଜପା ପ୍ରଶ୍ରୟ ଦେବନାହିଁ ବୋଲି ଶାହା ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ପାଟୋଲେ ଶାହାଙ୍କ ଅଭିଯୋଗକୁ ଖଣ୍ଡନ କରି ମୁସଲିମ ସଂରକ୍ଷଣ ସମ୍ପର୍କିତ ଦାବିକୁ ଗ୍ରହଣ କରି ନ ଥିବା କହିଛନ୍ତି।

### ଭାଜପାର ସଂକଳ୍ପପତ୍ର

- ➡୨୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି
- ➡୧୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ମାସିକ ୧୦ ହଜାର ଟଙ୍କା ଲେଖାଏ ଷ୍ଟାଇପେଣ୍ଡ୍
- ➡ଧର୍ମାନ୍ତରୀକରଣ ନିରୋଧୀ ଆଇନ ପ୍ରଣୟନ
- ➡ମହିଳାଙ୍କୁ ମାସିକ ସହାୟତା ୧,୫୦୦ରୁ ୨,୧୦୦ ଟଙ୍କାକୁ ବୃଦ୍ଧି
- ➡ନିମ୍ନ ଆୟକାରୀ ପରିବାରଙ୍କୁ ମାଗଣାରେ ମିଳିବ ପିଡିଏସ୍ ସାମଗ୍ରୀ

### ସଂକ୍ଷେପରେ

## ମସ୍କୋ ଉପରେ ୩୪ ଡ୍ରୋନ୍ ଆକ୍ରମଣ କଲା ୟୁକ୍ରେନ୍

ମସ୍କୋ/କିଭ୍,୧୦।୧୧

ୟୁକ୍ରେନ୍ ପକ୍ଷରୁ ରବିବାର ମସ୍କୋ ଉପରେ ବଡ଼ ଧରଣର ଆକ୍ରମଣ କରାଯାଇଛି। ମସ୍କୋ ଓ ଏହାର ଆଖପାଖ ଅଞ୍ଚଳରେ ୟୁକ୍ରେନୀୟ ସେନା ୩୪ଟି ଡ୍ରୋନ୍ ମାଡ଼ କରିଛି। ଏଥିରେ ଜଣେ ମହିଳା ଆହତ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ଶେରେମେଟ୍‌ୟେଭୋ ଏବଂ ଡୋମୋଡେଡୋଭୋ ଏୟାରପୋର୍ଟ ସମେତ ରୁଷିଆର ସବୁଠୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ବିମାନବନ୍ଦରଗୁଡ଼ିକରେ ବିମାନ ଚଳାଚଳକୁ ସାମୟିକ ବନ୍ଦ କରିଦିଆଯାଇଛି। ଅନ୍ୟପକ୍ଷେ ରୁଷିଆ ରାଜଧାନୀ ଉପକଣ୍ଠରେ ମୋଟ ୩୨ ଡ୍ରୋନ୍‌କୁ ଖସାଇ ଦିଆଯାଇଥିବା ମସ୍କୋ ମେୟର ସେର୍ଗେୟ ସୋବ୍ୟାନିନ୍ ସୂଚନା ଦେଇଛନ୍ତି।

## ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପାଳି ପ୍ରଶାସନରେ ରହିବେନି ହାଲି, ପମ୍ପିଓ



ମାଇକ୍ ପମ୍ପିଓ



ନିକ୍କି ହାଲି

ୱାଶିଂଟନ,୧୦।୧୧

ଆମେରିକାର ପୂର୍ବତନ ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରତିଦ୍ୱନ୍ଦ୍ୱୀ ନିକ୍କି ହାଲି ଏବଂ ପ୍ରାକ୍ତନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କୁ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦ୍ୱିତୀୟ ପାଳି ପ୍ରଶାସନରେ ସାମିଲ କରିବେ ନାହିଁ ବୋଲି କହିଛନ୍ତି। ତେବେ ତାଙ୍କ ସହ ପୂର୍ବରୁ ଏକାଠି କାର୍ଯ୍ୟ କରିବା ବେଳେ ଟ୍ରମ୍ପ୍ ଏହାକୁ ଭଲଭାବେ ଉପଭୋଗ କରିବା ସହ ପ୍ରଶଂସା କରିଛନ୍ତି। ହାଲି ପୂର୍ବରୁ ସାଉଥ୍ କରୋଲିନାର ଗଭର୍ନର ରହିବା ସହ ଟ୍ରମ୍ପ୍‌ଙ୍କ ପୂର୍ବ ସରକାର ସମୟରେ ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ରହିଥିଲେ। ତେବେ ସେ ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କଲାବେଳେ ଟ୍ରମ୍ପ୍‌ଙ୍କୁ କଡ଼ା ସମାଲୋଚନା କରିଥିଲେ। ଖ୍ୟାତନାମା ନିବେଶକ ସ୍କଟ୍ ବେସେଣ୍ଟଙ୍କୁ ଅର୍ଥ ସଚିବ ଭାବେ ମନୋନୀତ କରାଯିବା ସମ୍ଭାବନା ରହିଛି।

## ହାସିନାଙ୍କୁ ଫେରାଇନେବା ପାଇଁ ଇଣ୍ଟରପୋଲ୍‌ର ସହାୟତା ନେବ ବାଂଲାଦେଶ

ଢାକା,୧୦।୧୧(ପିଟି)

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଭାରତରୁ ଫେରାଇନେବା ପାଇଁ ସେଠାର ଅନ୍ତରୀଣ ସରକାର ଇଣ୍ଟରପୋଲ୍‌ର ସହାୟତା ନେବେ ବୋଲି ରବିବାର ସୂଚନା ଦେଇଛନ୍ତି। ବାଂଲାଦେଶରେ ମାନବତା ବିରୋଧୀ ଅପରାଧରେ ସମ୍ପୃକ୍ତ ଥାଇ ବିଚାରର ସମ୍ମୁଖୀନ ହୋଇଥିବା ଅନ୍ୟ ପଳାତକମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ମଧ୍ୟ ସରକାର ଇଣ୍ଟରପୋଲ୍‌ର ସହଯୋଗ ଲୋଡ଼ିବେ। ଗତ ଜୁଲାଇ-ଅଗଷ୍ଟରେ ବାଂଲାଦେଶରେ ସରକାର ବିରୋଧୀ ଛାତ୍ର ଆନ୍ଦୋଳନ ଜୋର୍ ଧରିଥିବାବେଳେ ବଳ ପ୍ରୟୋଗ କରି ଏହାକୁ ଚପାଇଦେବା ପାଇଁ ହାସିନା ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୫ରେ ହାସିନା ଇସ୍ତଫା ଦେଇ ଭାରତ ପଳାଇଥିଲେ। ଆନ୍ଦୋଳନରେ ୭୫୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ଆହତ ହୋଇଥିଲେ। ଏହାକୁ ମାନବତା ବିରୋଧୀ ଅପରାଧ ଏବଂ ଗଣହତ୍ୟା ଭାବେ ଅଭିହିତ କରାଯାଇ ହାସିନା ଓ ତାଙ୍କ ଦଳର ନେତାମାନଙ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ପଳାତକ ଫାସିବାଦୀମାନେ ବିଶ୍ୱର ଯେଉଁଠି ଥାଆନ୍ତୁ ନା କାହିଁକି ସେମାନଙ୍କୁ ଫେରାଇ ଅଣାଯାଇ କୋର୍ଟରେ ଉତ୍ତରଦାୟୀ କରାଯିବ ବୋଲି ଆଇନ ବ୍ୟାପାର ଉପଦେଷ୍ଟା ଅସିଫ୍ ନଜରୁଲ୍ କହିଛନ୍ତି।

## ପିଆର୍‌ଡି ଯବାନଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା

କୁଶିନଗର, ୧୦।୧୧

ଉତ୍ତର ପ୍ରଦେଶର କୁଶିନଗର ଜିଲା ହନୁମାନଗଞ୍ଜ ଥାନା ଛିତୌନୀ ଅଞ୍ଚଳରେ ଡ୍ୟୁଟିରେ ନିୟୋଜିତ ଥିବା ପ୍ରାନ୍ତିୟ ରକ୍ଷକ ଦଳ(ପିଆର୍‌ଡି) ଯବାନ ରମାକାନ୍ତ ତିୱାରୀ(୫୮)ଙ୍କୁ ରବିବାର ବିପିନ ବର୍ମା ନାମକ ଜଣେ ମାନସିକ ବିକୃତ ବ୍ୟକ୍ତି ଏକ ଲୁହା ରଡ୍‌ରେ ପିଟି ହତ୍ୟା କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ବିପିନ ମଦ୍ୟପାନ କରି ବୁଲୁଥିବା ସମୟରେ ରମାକାନ୍ତ ତାଙ୍କୁ ଏପରି କରିବା ପାଇଁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ରମାକାନ୍ତଙ୍କୁ ଆକ୍ରମଣ କରିଥିଲା। ରାସ୍ତାରେ ପଡ଼ିଥିବା ଏକ ଲୁହା ରଡ୍‌କୁ ଧରି ବିପିନ ରମାକାନ୍ତଙ୍କ ମୁଣ୍ଡ ଏବଂ ମୁହଁକୁ ଗମ୍ଭୀର ଭାବେ ଆକ୍ରମଣ କରିଥିଲା। ଅଭିଯୁକ୍ତ ବିପିନଙ୍କୁ ପୋଲିସ ଗିରଫ କରିଛି।

## କେତେ ପଣ୍ଡିତ କଶ୍ମୀର ଫେରିଛନ୍ତି

### ମୋଦିଙ୍କୁ ଉଦ୍ଧବଙ୍କ ପ୍ରଶ୍ନ

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ଉପତ୍ୟକାକୁ କେତେଜଣ କଶ୍ମୀରୀ ପଣ୍ଡିତ ଫେରିଛନ୍ତି ବୋଲି ରବିବାର ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶ୍ନ କରିଛନ୍ତି। ସୋଲାପୁର ଜିଲାର ସଙ୍ଗୋଲାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଉଦ୍ଧବ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ମୋଦି ମହାରାଷ୍ଟ୍ର ନିର୍ବାଚନ ପ୍ରଚାରରେ ଆସିଥିବାବେଳେ ଅନୁଚ୍ଛେଦ ୩୭୦ ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ସେ ୩୭୦ କଥା କହିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ମହାରାଷ୍ଟ୍ରର କେତେ କୃଷକ ଉପକୃତ ହୋଇଛନ୍ତି ତାହା ଜଣାଇବା ଉଚିତ ଥିଲା। ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସବୁବେଳେ ୩୭୦ ଉଚ୍ଛେଦ, ରାମମନ୍ଦିର ନିର୍ମାଣ କଥା କହୁଛନ୍ତି। କିନ୍ତୁ ସେମାନେ ମହାରାଷ୍ଟ୍ରର ବେରୋଜଗାରି ପ୍ରସଙ୍ଗରେ ନୀରବ ବୋଲି ଉଦ୍ଧବ ସମାଲୋଚନା କରିଛନ୍ତି।



## ବାବା ସିଦ୍ଦିକି ହତ୍ୟାର ମୁଖ୍ୟ ଶୁଟର ଗିରଫ

ଲକ୍ଷ୍ନୌ,୧୦।୧୧

ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକି ହତ୍ୟାକାଣ୍ଡର ମୁଖ୍ୟ ଶୁଟର ଶିବକୁମାର ଗୌତମ ଓରଫ ଶିବଙ୍କ ସହ ତାଙ୍କର ୪ ସହଯୋଗୀଙ୍କୁ ଉତ୍ତରପ୍ରଦେଶ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ରବିବାର ଗିରଫ କରିଛି। ୟୁପିର ବାହାରିଚ୍ ଜିଲାରୁ ସେମାନଙ୍କୁ ଧରାଯାଇଛି। ଗିରଫ ସହଯୋଗୀମାନେ ହେଲେ ଅନୁରାଗ କାଶ୍ୟପ, ଜ୍ଞାନପ୍ରକାଶ ତ୍ରିପାଠୀ ଏବଂ ଆକାଶ ଶ୍ରୀବାସ୍ତବ। ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘନିଷ୍ଠ ସିଦ୍ଦିକିଙ୍କୁ ଅକ୍ଟୋବର ୧୨ ରାତିରେ ତାଙ୍କ ପୁଅ ତଥା ବିଧାୟକ ଜିଶନ ସିଦ୍ଦିକିଙ୍କ କାର୍ଯ୍ୟାଳୟ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଶୁଟର ଧର୍ମରାଜ କାଶ୍ୟପ ଏବଂ ଗୁରମେଲ ସିଂଙ୍କୁ ଗିରଫ କରାଯାଇଥିବାବେଳେ ଶିବକୁମାର ଖସିପଳାଇଥିଲେ।

## ଆତଙ୍କବାଦୀ ଡଲ୍ଲାଙ୍କ ୨ ଅପରେଟିଭ୍ ଗିରଫ

### ଶିଖ୍ ଆକ୍ଟିଭିଷ୍ଟ ଗୁରପ୍ରୀତ ସିଂ ହତ୍ୟା ମାମଲା

ଚଣ୍ଡିଗଡ଼,୧୦।୧୧

ଗ୍ୟାଙ୍ଗଷ୍ଟରରୁ ଆତଙ୍କବାଦୀ ହୋଇଥିବା ଅର୍ଶଦୀପ୍ ଡଲ୍ଲାଙ୍କ ୨ ପ୍ରମୁଖ ଅପରେଟିଭ୍‌ଙ୍କୁ ପଞ୍ଜାବ ପୋଲିସ ଗିରଫ କରିଛି। ସେମାନେ ଶିଖ୍ ଆକ୍ଟିଭିଷ୍ଟ ଗୁରପ୍ରୀତ୍ ସିଂ ହରି ନାଉ ହତ୍ୟା ମାମଲା ସହ ଜଡ଼ିତ। ସେମାନଙ୍କୁ ଗିରଫ କରାଯିବା ଫଳରେ ଅନ୍ୟୂନ ୪ଟି ସମ୍ଭାବ୍ୟ ଟାର୍ଗେଟ କିଲିଂକୁ ପ୍ରତିହତ କରାଯାଇପାରିଥିବା କୁହାଯାଉଛି। ସେମାନଙ୍କୁ ଧରିବା ପାଇଁ ମହାଲିର ଷ୍ଟେଟ୍ ସ୍ପେଶାଲ ଅପରେଶନ୍ସ ସେଲ୍ (ଏସ୍‌ଏସ୍‌ଓସି), ଗ୍ୟାଙ୍ଗଷ୍ଟର ନିରୋଧୀ ଟାସ୍କଫୋର୍ସ ଏବଂ ଫରିଦକୋଟ୍ ଜିଲା ପୋଲିସ ପକ୍ଷରୁ ମିଳିତ ଅଭିଯାନ ଚାଲିଥିଲା। ଗିରଫ ହୋଇଥିବା ଶୁଟରମାନେ ହେଲେ ବର୍ନାଲା ଅଞ୍ଚଳର ଅନମୋଲପ୍ରୀତ୍ ସିଂ ଓରଫ ବିଶାଲ ଏବଂ ଖରାର ନିଜ୍ଜାର ରୋଡ ବାସିନ୍ଦା ନଭଜୋତ୍ ସିଂ ଓରଫ ନୀତୁ। ସେମାନଙ୍କ ସହଯୋଗୀ ବଲ୍‌ଭିର ସିଂ ଓରଫ କାଲୁଙ୍କୁ ମଧ୍ୟ ଗିରଫ କରାଯାଇଛି। ସେ ଶୁଟର ନଭଜୋତ୍‌ଙ୍କ ଭାଇ। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କର ଅପରାଧ ରେକର୍ଡ ରହିଛି। ସେମାନଙ୍କଠାରୁ ୨ ଅତ୍ୟାଧୁନିକ ପିସ୍ତଲ, ୭ ଜୀବନ୍ତ କାର୍ଟ୍ରିଜ୍ ଏବଂ ଗୋଟିଏ .୩୦ ପିସ୍ତଲ ସହ ୪ ଜୀବନ୍ତ କାର୍ଟ୍ରିଜ୍, ଜାଲ୍ ଆଧାର କାର୍ଡ ଏବଂ ୨୭,୫୦୦ ଟଙ୍କା ଜବତ ହୋଇଛି।

## ଖଲିସ୍ତାନୀ ଆତଙ୍କବାଦୀ ଅର୍ଶଦୀପ୍ ଡଲ୍ଲା କାନାଡାରେ ଗିରଫ

ନୂଆଦିଲ୍ଲୀ,୧୦।୧୧



ଖଲିସ୍ତାନୀ ଆତଙ୍କବାଦୀ ଅର୍ଶଦୀପ୍ ଡଲ୍ଲାଙ୍କୁ କାନାଡା ପୋଲିସ ଗିରଫ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେ ଖଲିସ୍ତାନ ଟାଇଗର ଫୋର୍ସର କାର୍ଯ୍ୟକାରୀ ମୁଖ୍ୟ ରହିଥିବାବେଳେ ହରଦୀପ୍ ସିଂ ନିଜ୍ଜାରଙ୍କ ସହଯୋଗୀ। ସେ ଭାରତରେ ବିଭିନ୍ନ ଅପରାଧ ସହ ସମ୍ପୃକ୍ତ ଥାଇ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ଅକ୍ଟୋବର ୨୭/୨୮ରେ ମିଲ୍‌ଟନ୍ ଟାଉନ୍‌ରେ ଏକ ସଶସ୍ତ୍ର ଲଢ଼େଇରେ ସେ ସାମିଲ ଥିବା ସନ୍ଦେହ କରାଯାଉଛି। ନିକଟରେ ଘଟିଥିବା ଏକ ଗୁଳିକାଣ୍ଡ ଘଟଣାରେ ହାଲଟନ୍ ରିଜଓନାଲ ପୋଲିସ ସର୍ଭିସ (ଏଚ୍‌ଆର୍‌ପିଏସ୍) ତଦନ୍ତ ଚଳାଇଛି।

## ଦିଲ୍ଲୀର କାନାଡା ଦୂତାବାସ ବାହାରେ ବିକ୍ଷୋଭ

### ହିନ୍ଦୁ ମନ୍ଦିର ଉପରେ ଆକ୍ରମଣର ପ୍ରତିବାଦ

ନୂଆଦିଲ୍ଲୀ,୧୦।୧୧

କାନାଡାର ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ମନ୍ଦିରରେ ଗତ ୩ ତାରିଖରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦରେ ହିନ୍ଦୁ ଶିଖ୍ ଗ୍ଲୋବାଲ ଫୋରମ୍‌ର ସଦସ୍ୟମାନେ ରବିବାର ନୂଆଦିଲ୍ଲୀସ୍ଥିତ କାନାଡା ହାଇକମିଶନରଙ୍କ କାର୍ଯ୍ୟାଳୟ ବାହାରେ ବିଶାଳ ବିକ୍ଷୋଭ କରିଛନ୍ତି। ଶିଖ୍ ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଉପରେ ଚଢ଼ିବା ସହ ମନ୍ଦିର ହିଂସା ବିରୋଧରେ ସ୍ଲୋଗାନ ଦେଇଥିଲେ। ପୋଲିସ ହସ୍ତକ୍ଷେପ କରି ବିକ୍ଷୋଭକୁ ବନ୍ଦ କରାଇବା ପରେ ଦୂତାବାସ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ସଭା ମନ୍ଦିର ବାହାରେ ଖଲିସ୍ତାନୀ ଉଗ୍ରପନ୍ଥୀମାନେ ମହିଳା ଓ ଛୋଟ ପିଲାଙ୍କ ସମେତ ହିନ୍ଦୁ ଭକ୍ତମାନଙ୍କୁ ଲାଠିରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ବିଶ୍ୱ ନେତାମାନେ ନିନ୍ଦା କରିଛନ୍ତି। ହିନ୍ଦୁ ଓ ଶିଖ୍ ସମୁଦାୟଙ୍କ ପ୍ରତିନିଧିତ୍ୱ କରୁଥିବା ହିନ୍ଦୁ ଶିଖ୍ ଗ୍ଲୋବାଲ ଫୋରମ୍ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମନ୍ଦିର ଆକ୍ରମଣ ଘଟଣାରେ କାନାଡା ପୋଲିସ ଇତିମଧ୍ୟରେ ଶିଖ୍ ଫର୍ ଜଷ୍ଟିସ୍ ସଂଗଠନର କୋଅର୍ଡିନେଟର ଇନ୍ଦ୍ରଜିତ୍ ଗୋସାଲଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଗୋସାଲ ହେଉଛନ୍ତି ମୃତ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜାରଙ୍କ ଘନିଷ୍ଠ ସହଯୋଗୀ।

## ଷ୍ଟର୍ମରଙ୍କ ଦୀପାବଳି ପାର୍ଟିରେ ମଦ, ମାଂସ

### ବ୍ରିଟିଶ୍ ହିନ୍ଦୁଙ୍କ ସମାଲୋଚନା

ଲଣ୍ଡନ, ୧୦।୧୧

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର ଷ୍ଟର୍ମର ତାଙ୍କ ୧୦, ଡାଉନିଂ ଷ୍ଟ୍ରିଟ୍ ବାସଭବନରେ ଆୟୋଜନ କରିଥିବା ଦୀପାବଳି ପାର୍ଟିକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ଦୀପାବଳି ପାର୍ଟିରେ ମଦ ଓ ମାଂସ ପରଷା ଯାଇଥିବାବେଳେ ଏହା ବ୍ରିଟିଶ୍ ହିନ୍ଦୁ ସମୁଦାୟକୁ ଆହତ କରିଛି। ଷ୍ଟର୍ମରଙ୍କ ଦ୍ୱାରା ଆୟୋଜିତ ଏହି ଦୀପାବଳି ଉତ୍ସବରେ ବ୍ରିଟିଶ୍ ହିନ୍ଦୁ ସମୁଦାୟର ବହୁ ନେତାଙ୍କ ସମେତ ଲେବର ପାର୍ଟି ତଥା ବ୍ରିଟେନ୍‌ର ବହୁ ବରିଷ୍ଠ ରାଜନେତା ଯୋଗଦେଇଥିଲେ। ଏହି ଅବସରରେ ବ୍ରିଟିଶ୍ ଭାରତୀୟ ନୃତ୍ୟଶିଳ୍ପୀଙ୍କ କୁଚିପୁଡ଼ି ନୃତ୍ୟରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରାଯାଇଥିଲା। ତେବେ ଏହି ଉତ୍ସବର



ରାତ୍ରି ଭୋଜନ ମେନ୍ୟୁରେ ଲାମ୍ବ କବାବ, ବିଅର ଏବଂ ୱାଇନ ପରି ନିଶା ଦ୍ରବ୍ୟ ଏବଂ ମାଂସାହାରି ଭୋଜନ ପରଷାଯାଉଥିବାର ଦେଖି ସେଠାରେ ଥିବା କେତେଜଣ ବ୍ରିଟିଶ୍ ହିନ୍ଦୁ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଲଣ୍ଡନର ବିଶିଷ୍ଟ ହିନ୍ଦୁ ପଣ୍ଡିତ ତଥା ଲେଖକ ସତୀଶ କେ ଶର୍ମା ଏକ୍ସ'ରେ କହିଛନ୍ତି, ଗତ ୧୪ ବର୍ଷ ଧରି ଡାଉନିଂ ଷ୍ଟ୍ରିଟ୍‌ରେ ବିନା ମଦ ଏବଂ ମାଂସରେ ଦୀପାବଳି ପାର୍ଟିର ଆୟୋଜନ କରାଯାଉଥିଲା। ଚଳିତ ବର୍ଷର ଏହି ଉତ୍ସବରେ ମଦ ଓ ମାଂସ ପରଷାଯିବା ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଛି। ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହା ଏକ ବଡ଼ ସମ୍ବେଦନହୀନତାକୁ ଦର୍ଶାଉଥିବା ସେ କହିଛନ୍ତି। ଘଟଣାକୁ ନେଇ ୧୦, ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ପରିଚୟ ଲୁଚାଉଥିଲେ ଶ୍ରୁତି

ଚେନ୍ନାଇ

ଅଭିନେତ୍ରୀ ଶ୍ରୁତି ହାସନ ଦୀର୍ଘବର୍ଷ ହେବ ଅଭିନୟ ଜଗତରେ ସକ୍ରିୟ ରହିଛନ୍ତି। ସେ ତାଙ୍କ ବାପା କମଲ ହାସନଙ୍କ ପରି ଦକ୍ଷିଣ ଭାରତୀୟ ସିନେମାଠାରୁ ଆରମ୍ଭ କରି ବଲିଉଡ୍ ପର୍ଯ୍ୟନ୍ତ ବହୁ ସଫଳତା ହାସଲ କରିଛନ୍ତି। ତେବେ ଏକଦା ଶ୍ରୁତି କମଲଙ୍କ ଝିଅ ଭାବେ ନିଜକୁ ପରିଚୟ ଦେବାକୁ ଉଚିତ ମଣୁ ନ ଥିଲେ ବୋଲି ରବିବାର ଏକ ସାକ୍ଷାତ୍‌କାରରେ କହିଛନ୍ତି। ସେ କହିଛନ୍ତି, ଫିଲ୍ମ ଜଗତରେ କ୍ୟାରିୟର ଆରମ୍ଭ କରିବା ସମୟରେ ସେ କମଲଙ୍କ ଝିଅ ଭାବେ ନିଜର ପରିଚୟକୁ ଲୁଚାଇଥିଲେ। ସେତେବେଳେ ସେ ନିଜକୁ ପୂଜା ରାମଚନ୍ଦ୍ରନ ଭାବେ ପରିଚୟ ଦେଉଥିଲେ। ଫିଲ୍ମ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଏପରି କରୁଥିଲେ ବୋଲି ଶ୍ରୁତି କହିଛନ୍ତି। ସେତେବେଳେ କମଲଙ୍କ ଝିଅ ଭାବେ ତାଙ୍କୁ କେହି ଜାଣନ୍ତୁ ନାହିଁ ବୋଲି ସେ ଚାହୁଁଥିଲେ। ଶ୍ରୁତି ଆହୁରି କହିଛନ୍ତି, ଫିଲ୍ମ ଇଣ୍ଡଷ୍ଟ୍ରିରେ କ୍ୟାରିୟର କରିବା ସମୟରେ ଅନେକେ ତାଙ୍କୁ କମଲଙ୍କ ଝିଅ ଭାବେ ସମ୍ବୋଧନ କରୁଥିଲେ। ଏହା ତାଙ୍କୁ ବିରକ୍ତି ଆଣି ଦେଉଥିଲା। ତେଣୁ ସେ ବାଧହୋଇ ନିଜ ପରିଚୟ ଲୁଚାଇବାକୁ ଚେଷ୍ଟା କରିଥିଲେ। ତେବେ ଚେନ୍ନାଇରେ ରହୁଥିବାବେଳେ ଏହା ତାଙ୍କ ପାଇଁ ସମ୍ଭବ ହୋଇ ନ ଥିଲା। ତେଣୁ ଯେତେବେଳେ ତାଙ୍କ ମା' ଓ ବାପା ପରସ୍ପରଠାରୁ ଅଲଗା ହୋଇଯାଇଥିଲେ, ସେ ମୁମ୍ବାଇକୁ ଚାଲି ଆସିଥିବା ଶ୍ରୁତି କହିଛନ୍ତି। ଏହାପରେ ସେ କିଛିଦିନ ପାଇଁ ନିଜ ପରିଚୟକୁ ଲୁଚାଇ ପୂଜା ରାମଚନ୍ଦ୍ରନ ଭାବେ ଅଭିନୟ କ୍ଷେତ୍ରରେ ପାଦ ଥାପିବାକୁ ପ୍ରୟାସ କରିଥିଲେ।



# ଓଡ଼ିଶାର ସବୁଜ ସ୍ୱର



ଚନ୍ଦନ କର, ଅଭିନେତା



ଅମିୟ କୁମାର ମଲ୍ଲିକ, ଆଥଲେଟ୍



ଶକ୍ତି ମିଶ୍ର, କଣ୍ଠଶିଳ୍ପୀ



ଉପାସନା ବିଶ୍ୱାଳ, ଟେଲି ଆର୍ଟିଷ୍ଟ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର



ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟ, ରାରୁଆ, ମୟୂରଭଞ୍ଜ



ମହିଳା ସ୍ନାତକ ମହାବିଦ୍ୟାଳୟ, ନବରଙ୍ଗପୁର



ବିପିୟୁଟି, ରାଉରକେଲା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

ଭୁବନେଶ୍ୱର, ସୋମବାର, ୧୧ ନଭେମ୍ବର, ୨୦୨୪

## ଅନ୍ୟାନ୍ୟ ଖବର

# ଓଡ଼ିଶାରେ ପ୍ରଥମ ଥର ଆୟୋଜନ ହେବ 'ଉଦ୍ଭବ'

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

### 'ଉଦ୍ଭବ'ରେ ସାମିଲ ହେବେ ୨୨ ରାଜ୍ୟର ଛାତ୍ରୀଛାତ୍ର

ଓଡ଼ିଶାରେ ପ୍ରଥମ ଥର ଲାଗି ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ୨୦୨୪- 'ଉଦ୍ଭବ' ଆୟୋଜିତ ହେବାକୁ ଯାଉଛି। ଆସନ୍ତା ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଜାତୀୟସ୍ତରୀୟ ଉତ୍ସବ ହେବାକୁ ଥିବାବେଳେ ନ୍ୟାଶନାଲ୍ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟ (ଏନ୍‌ଇଏସ୍‌ଟିଏସ୍) ସହାୟତାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି। ଏଥିସହ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରାଳୟ ମନ୍ତ୍ରୀ ଜୁଏଲ ଓରାମ୍, ରାଜ୍ୟମନ୍ତ୍ରୀ ଦୁର୍ଗାଦାସ ଉଇକେ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନୀ ସମାରୋହରେ ସାମିଲ ହେବେ। ୨୨ଟି ରାଜ୍ୟରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୧୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ୨୫୦ ଶିକ୍ଷୟିତ୍ରୀ, ଶିକ୍ଷକ ଏହି ସମାରୋହରେ ସାମିଲ ହେବେ। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପାଳିତ ହେବ। ନୃତ୍ୟ, ସଙ୍ଗୀତ, ଡ୍ରାମା, ଥିଏଟର, ଚିତ୍ରାଙ୍କନ, ଭିଜୁଆଲ୍ ଆର୍ଟ, ବକ୍ତୃତା ଭଳି ୪୭ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏହାଫଳରେ ପିଲାମାନେ ପରସ୍ପରର ସଂସ୍କୃତି, ଐତିହ୍ୟ, ଭାଷା, ସାହିତ୍ୟ, ଇତିହାସ ସମ୍ପର୍କରେ ଅବଗତ ହୋଇପାରିବେ। ଅଭିନବ ଏବଂ ସୃଜନଶୀଳ କର୍ମଶାଳାରେ ଯୋଗଦେଇ ପିଲାମାନେ ନୂତନ କୌଶଳବିଦ୍ୟା ଶିଖିପାରିବେ। ଏହାସହ ବିଜେତାମାନଙ୍କୁ ପୁରସ୍କୃତ କରାଯିବ ଏବଂ ପ୍ରତ୍ୟେକ ଛାତ୍ରଙ୍କୁ ଅଂଶଗ୍ରହଣ ମାନପତ୍ର ପ୍ରଦାନ କରାଯିବ। ପ୍ରଥମେ ଜାମସେଦପୁରରେ ଏହାକୁ ଆରମ୍ଭ କରାଯାଇଥିବା ବେଳେ ପରେ ଏହା ଉଦୟପୁର (୨୦୧୯), ବେଙ୍ଗାଲୁରୁ (୨୦୨୨), ଡେରାଡୁନ (୨୦୨୩)ରେ ଆୟୋଜନ କରାଯାଇଥିଲା।

# ଆଜି ଦିନିକିଆ ଝାଡ଼ଖଣ୍ଡ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନିକିଆ ଝାଡ଼ଖଣ୍ଡ ଗସ୍ତରେ ଯିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଝାଡ଼ଖଣ୍ଡର ଦୁଇଟି ବିଧାନସଭା କ୍ଷେତ୍ର ଷଢ଼େଇକଳା ଖରସୁଆଁ ଓ ସିଂହଭୂମରେ ଆୟୋଜିତ ଦୁଇଟି ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କ ଭୋଟ୍ ହାତେଇବା ସକାଶେ ମୁଖ୍ୟମନ୍ତ୍ରୀ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଝାଡ଼ଖଣ୍ଡ ନିର୍ବାଚନ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଦୁଇ ଦିନିଆ ଗସ୍ତରେ ଯାଇ ପ୍ରଚାର କରିଥିଲେ। ଅନ୍ୟପଟେ ଭାଜପାର ବହୁ ନେତା ଏବେ ଝାଡ଼ଖଣ୍ଡ ଯାଇ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କାମରେ ଲାଗି ଯାଇଛନ୍ତି।

# ଅଦିନରେ ହ୍ୟୁଷ୍ଟନରେ ଗଡ଼ିଲା ନନ୍ଦିଘୋଷ ରଥ

ପୁରୀ/ଭୁବନେଶ୍ୱର, ୧୦।୧୧ (ଅଜିତ୍ କୁମାର ମହାନ୍ତି/ ବନ୍ଦନା ସେଠୀ)

### ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା ଥିଲା: ଇସ୍କନ

ଆମେରିକାର ହ୍ୟୁଷ୍ଟନ ସହରରେ ନଭେମ୍ବର ୯ରେ ଅଦିନରେ ନନ୍ଦିଘୋଷ ରଥ ଗଡ଼ିଛି। ତେବେ ଉକ୍ତ ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ନ ଥିବାବେଳେ ରାଧାକୃଷ୍ଣ ଏବଂ ନିତାଇଗୌରଙ୍କ ମୂର୍ତ୍ତି ବିରାଜମାନ କରିଥିବା ଦେଖିବାକୁ ମିଳିଛି। ତେବେ ନନ୍ଦିଘୋଷ ରଥ ପରି ଇସ୍କନର ଏହି ରଥ ପ୍ରତୀୟମାନ ହେଉଥିବାରୁ ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନ ଥିଲା, ବରଂ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା ଥିଲା ବୋଲି ଇସ୍କନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ଇସ୍କନ ପକ୍ଷରୁ ହ୍ୟୁଷ୍ଟନରେ ନଭେମ୍ବର ୩ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ୯ରେ ରଥଯାତ୍ରା ଆୟୋଜନ କରାଯିବାକୁ ଯୋଜନା ହୋଇଥିଲା। ଏ ନେଇ ସୋସିଆଲ ମିଡିଆରେ ଇସ୍କନ ପକ୍ଷରୁ ସୂଚନା ମଧ୍ୟ ଦିଆଯାଇଥିଲା। ଏହାକୁ ଜଗନ୍ନାଥପ୍ରେମୀ, ସେବାୟତଙ୍କ ସମେତ ପୁରୀ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜା ଦିବ୍ୟସିଂହ ଦେବ ତୀବ୍ର ବିରୋଧ କରିଥିଲେ। ଗଜପତି ମହାରାଜା ଇସ୍କନକୁ ଚିଠି ଲେଖି ମହାପ୍ରଭୁଙ୍କ ଅଦିନିଆ ରଥଯାତ୍ରା ବନ୍ଦ କରିବା ନିମନ୍ତେ ଅନୁରୋଧ କରିବା ସହ ଆବଶ୍ୟକ ପଡ଼ିଲେ ଆଇନର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ଆମେରିକାରେ ଥିବା ପ୍ରବାସୀ ଭାରତୀୟମାନେ ମଧ୍ୟ ଅଦିନିଆ ରଥଯାତ୍ରାକୁ ବିରୋଧ କରିଥିଲେ। ଫଳରେ ଇସ୍କନ ବାଧ୍ୟହୋଇ ସ୍ନାନଯାତ୍ରା ଓ ରଥଯାତ୍ରା ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ରଥଯାତ୍ରା ବଦଳରେ ଉକ୍ତ ଦିନ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା କରାଯିବ ବୋଲି ଇସ୍କନ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏଥିରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ନନ୍ଦିଘୋଷ ରଙ୍ଗ ପରି ହଳଦିଆ ଓ ନାଲି ରଙ୍ଗରେ ସଜ୍ଜିତ ରଥରେ କୃଷ୍ଣ, ବଳରାମ ଓ ନିତାଇଗୌରଙ୍କୁ ବସାଇ ଯାତ୍ରା ଆୟୋଜନ କରିଛି। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ସେବକ ଗୌରହରି ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ରଥ ପରି ରଥ କରି ଅଦିନିଆ ରଥଯାତ୍ରା କରିବା ଗ୍ରହଣଯୋଗ୍ୟ ନୁହେଁ। ମୂଳ ପୀଠର ପରମ୍ପରା ଓ ସଂସ୍କୃତିକୁ ଅବମାନନା କରି ଏକ ଚକ୍ରାନ୍ତ କରାଯାଉଛି। ଚକ୍ରାନ୍ତର ଶିକାର ହେବାକୁ ଦିଆଯିବ ନାହିଁ। ଅନ୍ୟପକ୍ଷରେ ଏ ସମସ୍ତ ଅଭିଯୋଗକୁ ଇସ୍କନ ପକ୍ଷରୁ ଖଣ୍ଡନ କରାଯାଇଛି। ଏନେଇ ଭୁବନେଶ୍ୱର ଇସ୍କନର ଭାଇସ୍ ପ୍ରେସିଡେଣ୍ଟ ତୁକାରାମ ଦାସ କହିଛନ୍ତି, ଆମେ ପୂର୍ବରୁ କହିଥିଲୁ ଯେ, ଜଗନ୍ନାଥ ରଥଯାତ୍ରା କରିବୁ ନାହିଁ। ରଥରେ ଶ୍ରୀଜଗନ୍ନାଥ ନ ଥିଲେ। ଯେ କୌଣସି ରଥକୁ ନନ୍ଦିଘୋଷ କୁହାଯାଏ ନାହିଁ, ଯେଉଁ ରଥ ଉପରେ ଜଗନ୍ନାଥ ସ୍ୱୟଂ ବିରାଜନ୍ତି ତାହାକୁ ନନ୍ଦିଘୋଷ କୁହାଯାଏ। ସମୟ ଅଭାବରୁ ପୂର୍ବରୁ ପ୍ରସ୍ତୁତ ରଥରେ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା କରାଯାଇଥିଲା।

# 'ଜୟୀ ରାଜଗୁରୁଙ୍କ ଉପରେ ଅଧିକ ଗବେଷଣା ନୂଆ ଅଧ୍ୟାୟ ସୃଷ୍ଟି କରିବ'

ଭୁବନେଶ୍ୱର,୧୦।୧୧(ବନ୍ଦନା ସେଠୀ)



ସମାରୋହରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

ଏ ଜାତି ହେଉଛି ବୀର ଜାତି। ଏହି ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଖ୍ରୀଷ୍ଟପୂର୍ବ ସମୟରୁ ଆରମ୍ଭ କରି ଇଂରେଜ ଶାସନ ପର୍ଯ୍ୟନ୍ତ ଓଡ଼ିଆ ଜାତି ବିଭିନ୍ନ ସମୟରେ ନିଜର ବୀରତ୍ୱ ପ୍ରଦର୍ଶନ କରିଆସିଛି। ସାରାଦେଶ ଯେତେବେଳେ ଇଂରେଜଙ୍କ ଅଧୀନକୁ ଆସିଯାଇଥିଲା, ସେତେବେଳେ ଏ ମାଟିର ବୀର ଜୟୀ ରାଜଗୁରୁ ସେମାନଙ୍କ ବିରୋଧରେ ଦେଇଥିବା ରଣହୁଙ୍କାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ତେଣୁ ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱ ଉପରେ ଅଧିକ ଗବେଷଣା ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ

### ରାଜ୍ୟସ୍ତରୀୟ ଜୟନ୍ତୀ

ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ସୂଚନା ଭବନଠାରେ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ହରିଚନ୍ଦନ କହିଲେ, ଓଡ଼ିଆ ଜାତିର ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ। ଏହି ବୀରତ୍ୱର ଗାଥାକୁ ଯୁବପିଢି ପଢିବା ଜରୁରୀ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଶିକ୍ଷାବିତ୍ ତଥା ପୂର୍ବତନ ଶିକ୍ଷା ପ୍ରଶାସକ ଡ. ପ୍ରଫୁଲ୍ଲ କୁମାର ରଥ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ତାଙ୍କଠାରେ ତ୍ୟାଗୀ ଓ ଯୋଗୀର ଅପୂର୍ବ ସମନ୍ୱୟ ଘଟିଥିଲା ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ କହିଲେ, ଇଂରେଜମାନଙ୍କୁ ଏ ମାଟିରୁ ତଡିବା ପାଇଁ ଯେଉଁ ଜାତୀୟତା ଜନ୍ମଲାଭ କରିଥିଲା, ତାହାର ନେତୃତ୍ୱ ବିପ୍ଳବୀ ଜୟୀ ରାଜଗୁରୁ ନେଇଥିଲେ। ଏହା ହିଁ ଥିଲା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହି ଅବସରରେ 'ଜୟୀ ରାଜଗୁରୁଙ୍କ ଜୀବନୀ' ଉପରେ ଆୟୋଜିତ ଆଲୋଚନାଚକ୍ରକୁ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ପୂର୍ବତନ ପ୍ରଶାସକ ଦିଗମ୍ବର ମହାନ୍ତି, ଐତିହାସିକ ଡ. ବିନୋଦିନୀ ଦାଶ, ଶିକ୍ଷାବିତ୍ ପ୍ରଫେସର ପ୍ରସନ୍ନ କୁମାର ଜେନା ଯୋଗଦେଇଥିଲେ। ସ୍ମୃତି ପରିଷଦ ଓଡ଼ିଶାର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସକାଳେ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ମଧ୍ୟାହ୍ନଭୋଜନ ବନ୍ଦ ଘଟଣା, ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ଫୁଲବାଣୀ,୧୦।୧୧
(ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ ଅନ୍ତର୍ଗତ ସାଇନପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଦିନ ମଧ୍ୟାହ୍ନଭୋଜନ ବନ୍ଦ ରହିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦାୟିତ୍ୱରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ବେହେରାଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କହଁର ନିଲମ୍ବନ କରିଛନ୍ତି।

ସୂଚନାଯୋଗ୍ୟ, ସାଇନପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୦ ଦିନ ତଳୁ ମଧ୍ୟାହ୍ନଭୋଜନ ଚାଉଳ ସରିଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କିଛି ଦିନ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରୁ ଚାଉଳ ଧାର ଆଣି କାମ ଚଳାଇଥିଲେ। ପରେ ୪ ଦିନ ମଧ୍ୟାହ୍ନ ଭୋଜନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅଭିଭାବକମାନେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦାୟିତ୍ୱରେ ଅବହେଳା ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଥିବା ସିଆରସିସି ରବୀନ୍ଦ୍ର ଦିଗାଲ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚାଉଳ ନ ଥିବା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ପୂର୍ବରୁ ଅବଗତ କରାଇଥିଲେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

# ଛତିଶଗଡ଼ରେ ଦୁର୍ଘଟଣା: ୩ ଓଡ଼ିଆ ଶ୍ରମିକ ମୃତ, ୧୨ ଆହତ

କୋଷାଗୁମୁଡ଼ା,୧୦।୧୧
(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସୀମାନ୍ତ ଛତିଶଗଡ଼ର ବକାୱଣ୍ଡ ରାଜନଗର ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପିକଅପ୍ ଏବଂ ଟ୍ରାକ୍ଟର ମଧ୍ୟରେ ଦୁର୍ଘଟଣା ଯୋଗୁ ୩ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ ଆହତ ହୋଇଛନ୍ତି। ମୃତ ଶ୍ରମିକମାନେ ହେଲେ କୋଷାଗୁମୁଡ଼ା ବ୍ଲକ୍ ଏମ. କେରାଗାଁ ପଞ୍ଚାୟତ ଶିରିଗୁଡ଼ା ଗ୍ରାମର ଧନାଇ ଭତ୍ରା (୪୨), ପୂର୍ଣ୍ଣ ଭତ୍ରା (୫୬) ଓ ଦୟାବତୀ ସରାବୁ(୪୪)। ସୂଚନା ଅନୁଯାୟୀ, ବକାୱଣ୍ଡ ଥାନା ଅଧୀନ ପଣ୍ଡାନାର ଗୁଜୁରାତି କୃଷି ଫାର୍ମରେ କାମ କରିବା ପାଇଁ ଏମ୍.କେରାଗାଁ ପଞ୍ଚାୟତ ଶିରାଗୁଡ଼ା ଗ୍ରାମର ୨୦ରୁ ୨୫ ଶ୍ରମିକ ପ୍ରତିଦିନ ପିକଅପ୍ ଭ୍ୟାନ୍ ଯୋଗେ ଯାଇଥାନ୍ତି। ଶନିବାର ବିଳମ୍ବିତ ରାତିରେ ଶ୍ରମିକମାନେ କାମ ସାରି ଘରକୁ ଫେରୁଥିବା ସମୟରେ ବକାୱଣ୍ଡ ନିକଟ ରାଜନଗର ନିକଟରେ ଧାନ ଭାର ଆଣୁଥିବା ଟ୍ରାକ୍ଟର ଟ୍ରଲି ସହ ପିକଅପ୍ ଧକ୍କା ହେଇଥିଲା। ଘଟଣାସ୍ଥଳରେ ଆହତ ସମସ୍ତ ଶ୍ରମିକଙ୍କୁ ଡିମରାପାଲ ମେଡିକାଲ କଲେଜକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଅଛନ୍ତି। ଆହତମାନେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: କସ୍ତୁରବା ପଡ଼ିଆ, ନୟାପଲ୍ଲୀ, ସମୟ: ପ୍ରାତଃ ୫ଟା ୩୦।
- ବିଲ୍ଡ ଭାରତ ଲିଡରଶିପ ଆୱାର୍ଡ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଉପଲକ୍ଷେ ଏକ ଚିତ୍ରକଳା ଶିବିର, ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମେରିକାରେ ଇସ୍କନର ଅଦିନିଆ ରଥଯାତ୍ରା ବିରୋଧରେ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଲ୍ ଓଡ଼ିଶା ଆଡିଶନାଲ ଭିଡିଓ ଆସୋସିଏଶନ ପକ୍ଷରୁ ୨ୟ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: ହୋଟେଲ ଆର୍ଯ୍ୟନ ପାଲେସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୫ତମ ବାର୍ଷିକ ପ୍ରତିଷ୍ଠା ଦିବସ, ସ୍ଥାନ: ଯାନ୍ତ୍ରିକ ଭବନ, ସତ୍ୟନଗର, ସମୟ: ମଧ୍ୟାହ୍ନ ୧୨ଟା।
- ନୃତ୍ୟ ଓ ସଙ୍ଗୀତ ମହୋତ୍ସବ 'ସ୍ତବକ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ପରିକ୍ରମା ପକ୍ଷରୁ ଗୀତିକବି 'ଜିତେନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନ', ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ସଂଭାବନାର ବୋଇତ ବନ୍ଦାଣ ଉତ୍ସବ ଓ ପ୍ରତିଯୋଗିତା, ସ୍ଥାନ: ହୋଟେଲ ପତ୍ରପୋଡ଼ା, ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା।
- ବିଶିଷ୍ଟ ଜ୍ୟୋତିର୍ବିଦ୍, ଲେଖକ, ଆଇନଜୀବୀ ରେବତୀକାନ୍ତ ଶାସ୍ତ୍ରୀଙ୍କ ସପ୍ତଦଶ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଡ. ଜୀବନ କୃଷ୍ଣ ମହାପାତ୍ରଙ୍କ ୨ଟି ଗଳ୍ପ ସଂକଳନ ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ହିନ୍ଦୁ ଏକତା ମଞ୍ଚ ଓ ଦେବାଳୟ ବିମୋଚନ ଉଦ୍ଦେଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭା, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ଗଙ୍ଗାମନ୍ଦିର ସାହି ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ଶ୍ରୀ ଶ୍ରୀ ଗଙ୍ଗାମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ପ୍ରଜ୍ଞାନ ପେଟ୍ରୋଲ ପମ୍ପ ଉଦ୍‌ଘାଟନ, ସ୍ଥାନ: କୁମ୍ଭୀପୁଟ, ପାଞ୍ଚଗାଁ, ତିଗିରିଆ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ବାଲେଶ୍ୱର

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- 'ମୁଁ ବି ହେବି ସାମ୍ବାଦିକ', ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଆର୍‌ଆଇଏସ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଆନନ୍ଦବଜାର ବଣିକ ସଂଘ ପକ୍ଷରୁ ହରିନାମ ସଂକୀର୍ତ୍ତନ ସମାପନ ଓ ପ୍ରସାଦସେବନ, ସ୍ଥାନ: ଥାନା ଛକ, ଆନନ୍ଦ ବଜାର, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଭୋଗରାଇ ପୂଜ୍ୟପୂଜା ପରିଷଦ ପକ୍ଷରୁ ସ୍ୱର୍ଗତ ଶିକ୍ଷକ ଯୋଗେନ୍ଦ୍ର ନନ୍ଦନ ଦାସଙ୍କ ସ୍ମୃତିଚାରଣ ସଭା, ସ୍ଥାନ: କମର୍ଦ୍ଦା, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ବଳାତ୍କାର ପୀଡ଼ିତା ଓ ପରିବାରକୁ ଭେଟିବେ ବିଜେଡିର ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସ୍ଥାନ: ଧୋବଶିଳା, ନୀଳଗିରି, ସମୟ: ମଧ୍ୟାହ୍ନ ୧୨ଟା।
- ବିପ୍ଳବୀ ନେତା ସ୍ୱର୍ଗତ ସୁଶ୍ରୀପଦ ପଣ୍ଡାଙ୍କ ୭୬ତମ ଜୟନ୍ତୀ ସଭା, ସ୍ଥାନ: ଅନଳିଆ ଚଣ୍ଡୀ ମନ୍ଦିର, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଘୁନାଥ ପଣ୍ଡାଙ୍କ ସ୍ମୃତିସଭା, ସ୍ଥାନ: ଶଂଖୀଡ଼ା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ହରିବଂଶ ପାଠ ଏବଂ ପୂଜା, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଝାଡ଼ଖଣ୍ଡରୁ ପ୍ରତ୍ୟାପ୍ରର୍ତ୍ତନ ସମୟରେ ରହଣି, ସ୍ଥାନ: ରାଇସୁଆଁ ଏୟାର ଷ୍ଟ୍ରିପ୍, ସମୟ: ଅପରାହ୍ନ ୪ ଟା ୩୦ ରୁ ୪ ଟା ୪୦।
- ବ୍ଲକ୍ କର୍ମଚାରୀଙ୍କ ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ପଞ୍ଚକ ବ୍ରତ ଉପଲକ୍ଷେ ଅଧିବାସ, ପୂଜା, ନାମ ସଂକୀର୍ତ୍ତନ, ସ୍ଥାନ: ହାବଳେଶ୍ୱର, ଡ଼ଅଁର, ଇଂଚୋଳ, ଶାଳନିଆଁ, ହାଟଡିହୀ, ସମୟ: ଅପରାହ୍ନ ୫ ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ ଶଙ୍କରପୁର୍ ଷ୍ଟାଡ଼ିୟମ, କେନ୍ଦୁଝର, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ମା' ଜଗଦ୍ଧାତ୍ରୀଙ୍କ ପୂଜା, ସ୍ଥାନ: ଭଞ୍ଜପୁର. ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- ଗ୍ରାମ୍ୟ ଉନ୍ନୟନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଜିଲା ଗସ୍ତ, ସ୍ଥାନ:ବାରିପଦା ସର୍କିଟ ହାଉସ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- କାର୍ତ୍ତିକେୟଙ୍କ ପୂଜା ଆରମ୍ଭ, ସ୍ଥାନ: ବୁଗୁଡା ଗୋପୀନାଥ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା।

## କନ୍ଧମାଳ

- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକ(ଆଜ୍ଞା)ଙ୍କ ୧୦୯ତମ ଜୟନ୍ତୀ, ସ୍ଥାନ: ବାଲିଗୁଡ଼ା ବନବାସୀ ସେବା ସମିତି ପରିସର, ସମୟ: ୧୦ଟା ୩୦।
- ପୁସ୍ତକ ମେଳା, ସାହିତ୍ୟ ଆଲୋଚନାଚକ୍ର, କବିତା ପାଠୋତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଫୁଲବାଣୀ କରୋନେଶନ ପଡିଆ, ସମୟ: ଅପରାହ୍ନ ୫ଟାରୁ ଆରମ୍ଭ ।

## ଜଗତ୍‌ସିଂହପୁର

- ପାରାଦୀପ ନଗର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ:୧ ନଂ ୱାର୍ଡ, ନେହେରୁବଙ୍ଗଳା, ପାରାଦୀପ, ସମୟ: ସକାଳ ୮ଟା।
- ନୂତନ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ପକ୍ଷରୁ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦର ବୈଠକ, ସ୍ଥାନ: ଗୋକୁଳ ଚନ୍ଦନ ସଙ୍ଗୀତ ଭବନ, ଖଡ଼ିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ନୟାଗଡ଼ ବ୍ଲକ୍ ଇଟାମାଟି ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ନୟାଗଡ଼ ବ୍ଲକ୍ ଇଟାମାଟି ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ଅପରାହ୍ନ ୩ଟା।
- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକ୍ ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକ୍ ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ:ଅପରାହ୍ନ ୩ଟା।
- ରାସୋତ୍ସବ ୨ୟ ଦିବସରେ ବସ୍ତ୍ର ହରଣ ଓ ଅଧିବାସ, ସ୍ଥାନ:ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ:ରାତି ୮ଟା।
- ଭାଗବତ ସପ୍ତାହରେ ପ୍ରାବଚନିକ କାର୍ଯ୍ୟକ୍ରମରେ ଜଡ ଭରତ, ଅଜାମିଳ ପ୍ରସଙ୍ଗ ଓ ପ୍ରହଲାଦ ଚରିତ, ସ୍ଥାନ:ଲଡୁକେଶ ମହେଶ ମନ୍ଦିର ସମ୍ମୁଖ ଶରଣକୁଳ, ସମୟ: ସନ୍ଧ୍ୟା ୭ଟା ।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ:ନୟାଗଡ ସହର ମା'ଦକ୍ଷିଣ କାଳୀଙ୍କ ଯାତ୍ରା ପଡ଼ିଆ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୁନ୍ଦ୍ରା ବ୍ଲକ୍ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବଡ କେରଙ୍ଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସ୍ତରୀୟ ପରବ-୨୦୨୪, ସ୍ଥାନ: ଦଶମନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ଦଶମନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ:- ୧୧. ୩୦ ।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ, ମଧ୍ୟାହ୍ନ: ୧୨ଟା ୩୦।

## ସମ୍ବଲପୁର

- କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ଖୋଟି ଓ ସଙ୍ଗୀତ ପ୍ରତିଯୋଗୀତା, ହୀରାକୁଦ ସ୍ଥିତ ଜିଗ ଜାଗ କ୍ଲବ, ସମୟ : ପୂର୍ବାହ୍ନ ୧୦ଟା।
- ଭୋଜପୁରୀ କ୍ରିକେଟ ଲିଗ, ସ୍ଥାନ : ରେଲବାଇ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ , ସ୍ଥାନ : ଗୌରିଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦ ।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସଦେଇପାଲି, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।

## ସୁବର୍ଣ୍ଣପୁର

- କାର୍ତ୍ତିକ ପଞ୍ଚୁକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସକାଳ ୬ଟା ।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଅବସରରେ ପ୍ରବଚନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟସ୍ଥିତ ଅଗ୍ରସେନ ଭବନ, ସମୟ: ସକାଳ ୭ଟା ୩୦।
- ଅନ୍ତରାଷ୍ଟ୍ରୀୟ ସତ୍ୟ ମହିମା ସାଧୁ ସମ୍ମିଳନୀ ଓ ମହିମା ବ୍ରହ୍ମ ଯଜ୍ଞ, ସ୍ଥାନ: ସୋନପୁର ଯୋଗେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ୩୦।
- ଅଖଣ୍ଡ ନାମଯଜ୍ଞର ପଚିଶତମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀ ପାଇଁ ଦିନଟିଏ, ସ୍ଥାନ: ଆମ୍ବସରଭଙ୍ଗା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୯୨ତମ ଚବିଶ ପ୍ରହର ନାମଯଜ୍ଞ ଉତ୍ସବ ପାଇଁ କଳସ ଯାତ୍ରା, ଅଧିବାସ, ସ୍ଥାନ: ସୋନପୁର ଗଙ୍ଗାଧର ମେହେର ଛକ, ସମୟ : ଅପରାହ୍ନ ୪ଟା ୩୦।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ : ସନ୍ଧ୍ୟା ୭ଟା।

## ବରଗଡ଼

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସୋହେଲା, ସମୟ, ପୂର୍ବାହ୍ନ ୧୦ଟା।
- ରାସ ପୂର୍ଣ୍ଣିମା ପୂଜା ମହୋତ୍ସବ ବାଲିଯାତ୍ରା ଅବସରରେ ପ୍ରବଚନ, ସ୍ଥାନ: ରେମଣ୍ଡା, ଭେଡେନ, ସମୟ: ସନ୍ଧ୍ୟା ୫ଟା ୩୦।

## ଝାରସୁଗୁଡ଼ା

- ପଞ୍ଚୁକ ପୂଜା, ସ୍ଥାନ: ସରବାହାଲ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: କୁକୁରଜଙ୍ଗା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବୃନ୍ଦାବତୀ ପୂଜା ଓ କୀର୍ତ୍ତନ, ସ୍ଥାନ: ଖେରୁଆଲ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଓପିଏ ଏମ୍ ବାଳକ ଉଚ୍ଚବିଦ୍ୟାଳୟ ବ୍ରଜରାଜନଗର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଆର୍‌ଏଲ୍‌ସିରେ ଶ୍ରମ ସଙ୍ଗଠନ ବୈଠକ, ସ୍ଥାନ: ସେକ୍ଟର-୫, ସମୟ: ପୂର୍ବାହ୍ନ ୧୧ଟା।
- ନୂଆଁଖାଇ ଭେଟଘାଟ୍, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶାଳ ଆଧ୍ୟାତ୍ମିକ ସଭା, ସ୍ଥାନ: ସେକ୍ଟର-୨ ଦୁର୍ଗାପୂଜା ପଡିଆ, ସମୟ: ସନ୍ଧ୍ୟା ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୭ ତେନ୍ତୁଳି ପଡିଆ, ସମୟ: ସକାଳ ୭ଟା ୩୦।
- ଡିପିଏସ୍ ସ୍କୁଲରେ କ୍ୟାରିୟର କାଉନସେଲିଂ କର୍ମଶାଳା, ସ୍ଥାନ: ସେକ୍ଟର--୧୪ ସ୍କୁଲ ପ୍ରାଙ୍ଗଣ, ସମୟ: ସକାଳ ୯ଟା ୩୦।
- ସୁବର୍ଣ୍ଣରେଖାର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସୁବର୍ଣ୍ଣରେଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ନାମ ପଞ୍ଜୀକରଣ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ସକାଳ ୮ଟା।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍ ଦେବଗଡ଼, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନୀ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ଓ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ଅପରାହ୍ନ ୩ଟା।
- ମା' କାଳୀ ପୂଜା ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ପୂଜା ମଣ୍ଡପ, ବାରକୋଟ, ସମୟ: ଅପରାହ୍ନ ୨ଟା।
- ମା' କାଳୀ ପୂଜା ବିସର୍ଜନ, ସ୍ଥାନ: ବାରକୋଟ ସଦର ମହକୁମା, ସମୟ: ଅପରାହ୍ନ ୩ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଡୋଙ୍ଗରିପାଲି, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ନାଗବାଚା ଗାଦି ଯାତ୍ରା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ ନାଗବାଚା ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- କରଡି ଚନ୍ଦ୍ରେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ଷଷ୍ଠ ଦିବସ, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା, ସମୟ: ସକାଳ ୮ଟା।
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ନବାହ୍ନ ପାରାୟଣ ଷଷ୍ଠ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଓ ସନ୍ଥ ସମ୍ମିଳନୀ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଉମରଗାଡ (କଙ୍କଳା),ବୌଦ୍ଧ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶ ଭାବରେ ଶନି ସହ ଚନ୍ଦ୍ରଙ୍କ ସଂଯୋଗ ରାଶ୍ୟାଧିପ ମଙ୍ଗଳଙ୍କ ନୀଚତ୍ୱ କାରଣରୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ବନ୍ଧୁଙ୍କ ସ୍ମୃତିଚାରଣ, ଆନୁଷ୍ଠାନିକ କାମ ସକାଶେ ଉତ୍ସାହିତ ରହିବେ। କିନ୍ତୁ ପାରିବାରିକ କଳହ, ଲୋକ ସମ୍ପର୍କ ଦିଗରୁ ବ୍ୟତିକ୍ରମର ସାମ୍ନା କରିବେ। ସରକାରୀ ସ୍ତରରୁ ସାହାଯ୍ୟ ଆଶାୟୀ ହୋଇପାରନ୍ତି।

**ବୃଷ**
ରାଶି ପ୍ରତି ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ। ବନ୍ଧୁମିଳନଜନିତ ଆନନ୍ଦମୁଖର ପରିବେଶରେ ମସ୍‌ଗୁଲ୍ ରହିପାରନ୍ତି। ଗୁରୁ ଗୃହସ୍ଥ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ।

**ମିଥୁନ**
ଅଷ୍ଟମାଧିପ ଶନି ଧନାଧିପ ସାନ୍ନିଧ୍ୟରେ ଅର୍ଥ ଓ ମତ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିପାରେ। ଦୁଃଖ ଖବର ମନକୁ ସାମୟିକ ନିସ୍ତେଜ କରିଦେବାର ଆଶଙ୍କା ରହିଛି। ଅବଶ୍ୟ ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହୋଇପାରନ୍ତି। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**କର୍କଟ**
ଚନ୍ଦ୍ର ଓ ସପ୍ତମାଧିପ ଦୁଃସ୍ଥାନସ୍ଥ ଯୋଗୁ ସ୍ୱାସ୍ଥ୍ୟର ଅବନତି ମନକୁ ବିବ୍ରତ କରିବ। ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ। ତଥାପି ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ପାଇବେ। ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡିପାରେ।

**ସିଂହ**
ରବିଙ୍କ ଦୁର୍ବଳତା ସାଙ୍ଗକୁ ଚତୁର୍ଥାଧିପତିଙ୍କ ଷଷ୍ଠଭାବସ୍ଥ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ଲାଗି ରହିବ। ତୃତୀୟାଧିପ ଶୁକ୍ରଙ୍କ ପ୍ରଭାବରୁ ପଡ଼ୋଶିନୀ କିମ୍ବା ହିତୈଷୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। କୌଣସି କାମରେ ପଛକୁ ଫେରି ଚାହିଁବା ପରିସ୍ଥିତି ସୃଷ୍ଟି ହେବନାହିଁ। ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**କନ୍ୟା**
ଲାଭାଧିପତି ଶନି ଯୁକ୍ତ କାରଣରୁ ଆଜି ଯାହା ପାଇବାକୁ ଚିନ୍ତା କରିଛନ୍ତି ତାହା ଦୁର୍ଲ୍ଲଭ ହୋଇପଡିବ। ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିପାରେ। ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନି। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ତୁଳା**
ଧନାଧିପତିଙ୍କ ନୀଚତ୍ୱ କାରଣରୁ ଆପଣଙ୍କୁ ଅର୍ଥପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେଇପାରନ୍ତି। ପାରିବାରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ବିଛା**
ପଣ୍ଡିତଗ୍ରହ ଦ୍ୱୟଙ୍କ ସ୍ଥିତି ପ୍ରଭାବରେ ଉନ୍ନତ ଯୋଜନାକୁ ବାସ୍ତବ ରୂପ ଦେବାର ନକ୍ସା ପ୍ରସ୍ତୁତ କରିପାରନ୍ତି। ଲୁହା ଦେଖି ପାଣି ଦେଲାପରି ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ ଶୁଭ ଖବର ମନକୁ ଆହ୍ଲାଦିତ କରିପାରେ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ଯାଇପାରନ୍ତି।

**ଧନୁ**
ରାଶିସ୍ଥ ଶୁକ୍ର ହେତୁ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟ ଧାରଣ କରିବେ। ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଆତ୍ମୀୟଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବାର ସମ୍ଭାବନା ରହିଛି। ଆଇନ ଅଦାଲତ କ୍ଷେତ୍ରରେ ଆଇନଜ୍ଞଙ୍କ ପରାମର୍ଶ ପାଇଁ ବାରମ୍ବାର ଦୌଡିବାକୁ ପଡିପାରେ।

**ମକର**
କେନ୍ଦ୍ରସ୍ଥ ମଙ୍ଗଳଙ୍କ ଦୁର୍ବଳତା ପରିବାରର ଆନ୍ତରିକ ସହଯୋଗ ପାଇବାରେ ଅସମର୍ଥ ହେବେ। ଦୀର୍ଘ ଦିନରୁ ଦେଖି ନ ଥିବା କୌଣସି ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ। କଳା, ସାହିତ୍ୟ, ସାମ୍ବାଦିକତା, ପରିବହନରେ ଏବଂ ସର୍ବୋପରି ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ଶନିଙ୍କ ସୁପ୍ରଭାବରୁ ପ୍ରତ୍ୟେକ ସମସ୍ୟାକୁ ସମାଧାନ କରିବାରେ ସଫଳ ହେବେ। ସଭାସମିତି, ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ। ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ନୂଆ ଯୋଜନା କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡିପାରେ।

**ମୀନ**
ବୃହସ୍ପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ପାରିପାର୍ଶ୍ୱିକ ସୁନ୍ଦର ପରିବେଶ ମନକୁ ଉତ୍ସାହିତ କରିବ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମାନସିକ ସୁସ୍ଥତା ରହି ନ ପାରେ। ତଥାପି ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଆପଣଙ୍କ ସୁପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁମାନଙ୍କ ସମର୍ଥନ ପୂର୍ଣ୍ଣମାତ୍ରାରେ ରହିବାର ସୂଚନା ରହିଛି।

ଆଜି ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, କାର୍ତ୍ତିକ ଶୁକ୍ଳ ଦଶମୀ ସୋମବାର, ଶ୍ରୀଜୀଉଙ୍କ ରାଧା ଦାମୋଦର ବେଶ ସମାପ୍ତି, ଶରତ ରାସ ଅଧିବାସ, କପିଳାସ ମହିମା ତପୋବନ ପାଦପୀଠରେ ବାର୍ଷିକ ତପୋବନ ମେଳା, ରାଶିନକ୍ଷତ୍ର-ଦିବା ଘ.୦୯।୩୯ ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୬ ଗତେ, ଘ.୦୭।୨୦ ମଧ୍ୟେ, ଘ.୦୮।୫୪ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୨୦ ଗତେ, ଘ.୦୮।୪୩ ମଧ୍ୟେ ରାହୁକାଳ।

# ରାଜ୍ୟରେ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ୪ଟି ମହିଳା କୋର୍ଟ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର): ରାଜ୍ୟରେ ମହିଳାମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଲାଗି ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ମହିଳାଙ୍କ ବିରୋଧରେ ବଢ଼ିଚାଲିଥିବା ଅପରାଧକୁ ନ୍ୟାୟ ଦେବା ଲାଗି ରାଜ୍ୟରେ ଖୁବ୍‌ଶୀଘ୍ର ୪ଟି ମହିଳା କୋର୍ଟ ସ୍ଥାପନ କରିବେ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ୪ଟି କୋର୍ଟ ପ୍ରତିଷ୍ଠା ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ପୃଥ୍ୱୀରାଜ କହିଛନ୍ତି, ରାଜ୍ୟରେ ୪ଟି ମହିଳା କୋର୍ଟ ପ୍ରତିଷ୍ଠା ସମ୍ବନ୍ଧୀୟ ପ୍ରସ୍ତାବ ଖୁବ୍‌ଶୀଘ୍ର ଓଡ଼ିଶା ହାଇକୋର୍ଟକୁ ପଠାଯିବ। ଏହି ୪ଟି କୋର୍ଟ କେବଳ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର ବିଚାର କରିବେ। ଏଥିରେ ମହିଳା ବିଚାରପତି ଏବଂ ସରକାରୀ ଓକିଲ ରହିବେ।

## ପ୍ରଥମ ପୃଷ୍ଠାରୁ...

### ଆତଙ୍କବାଦୀଙ୍କ ଗୁଳିରେ ...

ଏହି ଆକ୍ରମଣ ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଏ-ମହମ୍ମଦର କଶ୍ମୀର ଟାଇଗର୍ସ ଗୋଷ୍ଠୀ ନିଜକୁ ଦାୟୀ କରିବା ପରେ ସେନା ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଥିଲା। କେଶୱାନ୍ ଜଙ୍ଗଲରେ ଭିଡିଜି ନାଜିର ଓ କୁଲଦୀପଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିବା ସ୍ଥାନରୁ ଅଳ୍ପ କିଛି କି.ମି. ଦୂରରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସେନାକୁ ଗୋଇନ୍ଦା ସୂଚନା ମିଳିଥିଲା। ରବିବାର ପୂର୍ବାହ୍ନ ୧୧ଟାରେ ସେନା ଓ ପୋଲିସର ମିଳିତ ଟିମ୍ ଉକ୍ତ ଜଙ୍ଗଲର ଭର୍ଟ ରିଜ୍‌ରେ ଆତଙ୍କବାଦୀଙ୍କୁ ଘେରି ଗୁଳି ଚଳାଇଥିଲେ। ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରି ଗୁଳି କରିଥିଲେ। ଏଥିରେ ଜେସିଓଙ୍କ ସମେତ ୪ ଯବାନ ଆହତ ହୋଇଥିଲେ। ଆହତ ଯବାନମାନଙ୍କୁ ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଜେସିଓଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଯବାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି।

### ପ୍ରଧାନ ବିଚାରପତି ଭାବେ ....

ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ରବିବାର ଅବସର ଗ୍ରହଣ କରିଥିବାବେଳେ ଜଷ୍ଟିସ୍ ଖାନ୍ନା ତାଙ୍କ ସ୍ଥାନ ନେବେ। ସେ ଏହି ପଦବୀରେ ୨୦୨୫ ମେ' ୧୩ ପର୍ଯ୍ୟନ୍ତ ରହିବେ। ଅକ୍ଟୋବର ୧୬ରେ ସିଜେଆଇ ଚନ୍ଦ୍ରଚୂଡ଼ ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ଖାନ୍ନଙ୍କ ନାମ ସୁପାରିସ କରିବା ପରେ ତାଙ୍କ ନିଯୁକ୍ତି ନେଇ କେନ୍ଦ୍ର ସରକାର ୨୪ରେ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଗତ ଶୁକ୍ରବାର ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କର ସର୍ବୋଚ୍ଚ ଅଦାଲତରେ ଶେଷଦିନ ଥିଲା। ତାଙ୍କୁ ଅନ୍ୟ ବିଚାରପତି, ଆଇନଜୀବୀ ଏବଂ ସୁପ୍ରିମକୋର୍ଟ ତଥା ହାଇକୋର୍ଟର କର୍ମଚାରୀମାନେ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ୨୦୧୯ ଜାନୁଆରୀରୁ ଜଷ୍ଟିସ୍ ଖାନ୍ନା ସୁପ୍ରିମକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଆସୁଥିବାବେଳେ ଇଭିଏମ୍‌ଗୁଡ଼ିକର ପବିତ୍ରତାକୁ କାଏମ ରଖିବା ସହ ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ ରଦ୍ଦ କରିବା, ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ କାଏମ ରଖିବା ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ।

# ୮୯ ଡିଏସ୍‌ପି ହେଲେ ଅତିରିକ୍ତ ଏସ୍‌ପି

## ୧୧ ଅତିରିକ୍ତ ଏସ୍‌ପିଙ୍କ ବଦଳି

ଭୁବନେଶ୍ୱର,୧୦।୧୧
(ସତ୍ୟଜିତ୍ ରାଉତ)

ରାଜ୍ୟ ପୋଲିସରେ କାର୍ଯ୍ୟରତ ୮୯ଜଣ ଡିଏସ୍‌ପି ର୍‍ୟାଙ୍କର ଓପିଏସ୍ ଅଫିସରଙ୍କୁ ଅତିରିକ୍ତ ଏସ୍‌ପି ର୍‍ୟାଙ୍କକୁ ପଦୋନ୍ନତି ମିଳିଛି। ଏଥିସହ ସେମାନଙ୍କୁ ନୂଆ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦୁଝର ମୁଖ୍ୟାଳୟରେ ଡିଏସ୍‌ପି ଥିବା ହରପ୍ରିୟା ନାଏକଙ୍କୁ କେନ୍ଦୁଝର ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଭାବେ ନୂଆ ଦାୟିତ୍ୱ ମିଳିଥିବା ବେଳେ କମିଶନରେଟ୍ ପୋଲିସରେ ଏସିପି ଥିବା ସ୍ୱସ୍ତିକ ପଣ୍ଡାଙ୍କୁ ରାୟଗଡା ଆଇୟୁସିଏଡବ୍ଲ୍ୟୁରେ ଅତିରିକ୍ତ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଗଞ୍ଜାମ ପିସିଆର୍ ସେଲ୍ ଡିଏସ୍‌ପି ଥିବା ସନ୍ତୋଷ କୁମାର ବାରିକଙ୍କୁ ଗୋଇନ୍ଦା ଅତିରିକ୍ତ ଏସ୍‌ପି ଓ ବସ୍ତା ଏସ୍‌ଡିପିଓ ଅରୁଣ କୁମାର ସାହୁଙ୍କୁ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଅତିରିକ୍ତ ଏସ୍‌ପି ଭାବେ କାମ କରୁଥିବା ୧୧ଜଣ ବରିଷ୍ଠ ଓପିଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। କମିଶନରେଟ୍ ପୋଲିସରେ ଆଇଏବି ଅତିରିକ୍ତ ଡିସିପି ଥିବା ସ୍ମୃତିରଞ୍ଜନ କରଙ୍କୁ ପାରାଦୀପ ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ସ୍ପେଶାଲ ବ୍ରାଞ୍ଚ ଅତିରିକ୍ତ ଏସ୍‌ପି ଥିବା ମନୋଜ କୁମାର ରାଉତଙ୍କୁ କେନ୍ଦୁଝରର ଅତିରିକ୍ତ ଏସ୍‌ପି ଭାବେ ନୂଆ ଦାୟିତ୍ୱ ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ହଗା, ଯାଚି ମଗା;
ଏ ଦୁଇଟା ହତଭାଗା ।**

ଖାଇସାରି ଝାଡାଯିବା ସ୍ୱାସ୍ଥ୍ୟ ପାଇଁ ଅହିତକର ବା କ୍ଷତିକାରକ ହୋଇଥାଏ। ସେହିପରି ମାଗି ଯାଚି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କ ଜୀବନ ବଡ଼ ଦୁର୍ବିଷହ ହୋଇଥାଏ। ଏହିଧରଣର ବ୍ୟକ୍ତି ହତଭାଗା ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ପିତା ଗାଇବ ଗୀତା
ତେବେ ହୋଇବ ଜଗତଜିତା।**

ପିତା ନିୟମିତ ଖାଇବା ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର ହୋଇଥାଏ। ଗୀତା ଅତ୍ୟନ୍ତ ପବିତ୍ର ଗ୍ରନ୍ଥ। ଜୀବନର ବହୁ ସାରତତ୍ତ୍ୱ ଗୀତାରେ ଉଲ୍ଲେଖ କରାଯାଇଛି। ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଭାଜପାରେ ଯୋଗଦେବାପରେ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଓ ତାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରବିବାର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ: ମହେନ୍ଦ୍ର ସ୍ୱାଇଁ, ବରୀ)

## କଟକରେ କଲେଜ ଛାତ୍ରୀ ଗଣବଳାତ୍କାର ଘଟଣାରେ ରାଜନୀତି

# ଭାଜପା ସରକାରକୁ ବିଜେଡିର ଟାର୍ଗେଟ

**କଟକ,୧୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ପୁରୀଘାଟ ଥାନା ଅଞ୍ଚଳର ଏକ କାଫେରେ କିଛିଦିନ ତଳେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବା ଘଟଣାରେ ଭାଜପା ସରକାର ଦାୟୀ ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ମୁଖ୍ୟ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ସଦସ୍ୟମାନେ ଉକ୍ତ କାଫେରେ ରବିବାର ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ କଟକ ଡିସିପି ଜଗମୋହନ ମୀନାଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରି ଏକ ଦାବିପତ୍ର ଦେଇଛନ୍ତି। ଏନେଇ ଛୁରିଆ କହିଛନ୍ତି, ଘଟଣା ପରେ ପୀଡ଼ିତା କଟକ ଜିଲାର ୩ଟି ଥାନା ଅଞ୍ଚଳର ଦ୍ୱାରସ୍ଥ ହୋଇଥିବାବେଳେ ପୋଲିସ ତାଙ୍କ ଏତଲା ରଖି ନ ଥିଲା। ଏହାକୁ ନେଇ ପୋଲିସର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣାରେ ଫେରାର ଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏହି କାଫେ ଥିବା ସ୍ଥାନରେ ଗତ ନିର୍ବାଚନ ସମୟରେ ବିଧାୟକ ପ୍ରାର୍ଥୀ ହୋଇଥିବା ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପାଇଁ ଭାଜପା କାର୍ଯ୍ୟାଳୟ ଖୋଲାଯାଇଥିଲା। ସେହିପରି କାଫେ ନିକଟରେ ସିଏମ୍‌ସି ୨୬ ନମ୍ବର ୱାର୍ଡ କର୍ପୋରେଟର ତଥା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝାଙ୍କ ଘର ରହିଛି। ତେଣୁ ପୂର୍ଣ୍ଣଚନ୍ଦ୍ର ଓ ଗଗନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଛୁରିଆ କହିଛନ୍ତି।

ଏହି ଘଟଣାକୁ ନେଇ ଡିସିପି ମୀନା କହିଛନ୍ତି, ଉକ୍ତ ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମୋବାଇଲ ଫୋନ ଯାଞ୍ଚ ପାଇଁ ଫୋରେନ୍‌ସିକ୍ ଲାବରେଟୋରିକୁ ପଠାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାରଙ୍କୁ ଧରିବା ପାଇଁ ପୋଲିସ ଖୋଳତାଡ଼ ଜାରି ରଖିଛି। ପୋଲିସ ପ୍ରଶାସନ ପୀଡ଼ିତାଙ୍କ ପରିବାର ସହ ଯୋଗାଯୋଗରେ ରହିଛି ଏବଂ ଆର୍ଥିକ ସହାୟତା ପାଇଁ ତହସିଲଦାରଙ୍କୁ କୁହାଯାଇଛି। ଉକ୍ତ କାଫେରେ ବେଆଇନ ଭାବେ ହୁକା ବ୍ୟବହାର ଅଭିଯୋଗ ଆସିଛି। ପୁରୀଘାଟ ଥାନା ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଡିସିପି ସୂଚନା ଦେଇଛନ୍ତି।

# ବିଜେଡି ସରକାରରେ ଓଡ଼ିଶା ଅପରାଧର ସାମ୍ରାଜ୍ୟ ଥିଲା: ଭାଜପା

**କଟକ,୧୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ କମିଟି ମୁଖ୍ୟ ସ୍ନେହାଙ୍ଗିନୀ ଛୁରିଆ ଗଣବଳାତ୍କାର ଘଟଣାରେ ଭାଜପାକୁ ଟାର୍ଗେଟ କରିଥିବାରୁ ତାଙ୍କୁ ସିଏମ୍‌ସି ୨୬ ନମ୍ବର ୱାର୍ଡ କର୍ପୋରେଟର ତଥା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝା ଜବାବ ଦେଇଛନ୍ତି। ସେ କହିଛନ୍ତି ସମ୍ପୃକ୍ତ କମିଟି ଉପସ୍ଥାପନ କରିଥିବା ତଥ୍ୟ ଅମୂଳକ। ଯେଉଁଠାରେ ଏହି ଘଟଣା ଘଟିଛି ତାହା ବିଜେଡି କର୍ପୋରେଟରଙ୍କ ଅଞ୍ଚଳ। ବିଜେଡି ସରକାର ସମୟରେ ଅପରାଧର ସାମ୍ରାଜ୍ୟ ପାଲଟିଥିଲା ଓଡ଼ିଶା। କିନ୍ତୁ ମୋହନ ସରକାର ଆସିବା ପରେ ଆପରାଧିକ ଦିଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଘଟଣାରେ ବିଜେଡି ଅଯଥା ରାଜନୀତି କରୁଛି। ତୁରନ୍ତ ପୀଡ଼ିତା ଛାତ୍ରୀ କିପରି ନ୍ୟାୟ ପାଇବେ ସେ ଦିଗରେ ଭାଜପା ସରକାର ତତ୍ପର ରହିଛି। ସେହିପରି ଭାଜପା ନେତା ତଥା ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, କେବଳ ନିର୍ବାଚନ ସମୟରେ ଦଳ ପକ୍ଷରୁ ସେଠାରେ କାର୍ଯ୍ୟାଳୟ ଖୋଲାଯାଇଥିଲା। ପରେ ମାଲିକ କାହାକୁ ଘରଭଡ଼ା ଦେବେ ସେଥିପାଇଁ ଭାଜପା ଦାୟୀ ନୁହେଁ। ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ମୂଲ୍ୟହୀନ ବୋଲି ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତ ଦଶହରା ସମୟରେ ଉକ୍ତ କାଫେରେ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଜନ୍ମଦିନ ପାଳନ କରିଥିଲେ। ସେଠାରେ ଛାତ୍ରୀଙ୍କ ଅଜାଣତରେ ତାଙ୍କର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିଥିଲେ ପୁରୁଷ ବନ୍ଧୁ। ଏଥିରେ ସହଯୋଗ କରିଥିଲେ କାଫେ ମାଲିକ। କାଫେ ମାଲିକ ଓ ପୁରୁଷ ବନ୍ଧୁଙ୍କ ସାଙ୍ଗମାନେ ପୀଡିତାଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରକୁ ଡାକି ନେଇ ଉକ୍ତ ଭିଡିଓ ଦେଖାଇଥିଲେ। ଏହାପରେ ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଏହି ଘଟଣା ପୁରୀଘାଟ ଓ ବାରଙ୍ଗ ଥାନା ଅଞ୍ଚଳରେ ଘଟିଥିବାବେଳେ ପୀଡ଼ିତା ଛାତ୍ରୀ ଜଣକ ବାଦାମବାଡ଼ି ଥାନା ଅଞ୍ଚଳର ଏକ କଲେଜରେ ପଢୁଥିବାରୁ ସେ ଏଠାରେ ଏତଲା ଦେଇଥିଲେ।

# ବିକାଶର ପ୍ରୟୋଗଶାଳା ଏବେ ଦିଗହରା ଧର୍ମଶାଳା

## ଜନସମ୍ପର୍କ ପଦଯାତ୍ରାରେ ଭାଜପା ସରକାରଙ୍କୁ ବିଜେଡିର ସମାଲୋଚନା

**ଧର୍ମଶାଳା/କାଏମା,୧୦।୧୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଧର୍ମଶାଳା ବ୍ଲକର ଶାନ୍ତିବାଜରଠାରେ ପୂର୍ବାହ୍ନରେ ଶତାଧିକ ବିଜେଡି କର୍ମୀ ଏକତ୍ରିତ ହୋଇ ବଡ଼ମଙ୍ଗଳପୁର, ବାଲିଗରି, ନରସିଂହପୁର, ଚୋରମୁହାଁ, ଧର୍ମଶାଳା ବଜାର ଦେଇ ହାଟପଡ଼ିଆ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ହାଟପଡିଆଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ପଦଯାତ୍ରା କମିଟି ମୁଖ୍ୟ ସଞ୍ଜୟ ଦାସବର୍ମା, ପ୍ରତାପ କେଶରୀ ଦେବ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟିକା ପ୍ରମିଳା ମଲ୍ଲିକ, ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁରର ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ। ଶାନ୍ତ ଧର୍ମଶାଳାକୁ ଅଶାନ୍ତ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ବିକାଶର ପ୍ରୟୋଗଶାଳା ସାଜିଥିବା ଧର୍ମଶାଳା ନୂତନ ସରକାର ଆସିବାପରେ ଗୋଟାଏ ଦିଗହରା ଧର୍ମଶାଳାରେ ପରିଣତ ହୋଇଛି ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ପଦଯାତ୍ରାରେ ଧର୍ମଶାଳାର ଶତାଧିକ ବିଜେଡି କର୍ମୀ ସାମିଲ ହୋଇ ସରକାରଙ୍କ ବିଫଳତା ଉପରେ ନାରାବାଜି କରିଥିଲେ। ସଭାକୁ ପୂର୍ବତନ ବିଧାୟକ ବଳବନ୍ତରାୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେଶ ଚନ୍ଦ୍ର ମହାନ୍ତି, ଡ. ପ୍ରିୟନାଥ ମହାପାତ୍ର, ସୁରେନ୍ଦ୍ର ପଣ୍ଡା, ପ୍ରଭାତ ବଳବନ୍ତରାୟ, ଅରୁଣ ରାଉତ, ଲୋକନାଥ ପଣ୍ଡା, ରେଣୁବାଳା ଶତପଥୀ, ମମତା ଖୁଣ୍ଟିଆ, ମମତା ଦଣ୍ଡପାଟ, କ୍ଷିତୀଶ ନାୟକ, ସୌମ୍ୟପ୍ରକାଶ ବିଶ୍ୱାଳ, ଜଗଦାନନ୍ଦ ରାଉତ, କ୍ଷୀରାବ୍ଧି ତନୟା ମଲ୍ଲିକ ପ୍ରମୁଖଙ୍କ ସମେତ ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟ, ବହୁ ସରପଞ୍ଚ, ସମିତିସଭ୍ୟାସଭ୍ୟ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ମଞ୍ଚାସୀନ ବିଜେଡି ନେତା।



ଝାଡ଼ଖଣ୍ଡର ଏକ ନିର୍ବାଚନୀ ସଭାରେ ଓଡ଼ିଶା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭାଷଣ ଦେଉଛନ୍ତି।

# ଝାଡ଼ଖଣ୍ଡ ନିର୍ବାଚନ ପ୍ରଚାରରେ କେନ୍ଦୁଝର ନେତା

**କେନ୍ଦୁଝର,୧୦।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ଝାଡ଼ଖଣ୍ଡରେ ଆସନ୍ତା ୧୩ ଓ ୨୦ରେ ଦୁଇଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବ। ୧୩ ତାରିଖରେ ହେବାକୁ ଥିବା ୪୩ ଟି ବିଧାନସଭା ଆସନରୁ ୧୪ଟି ଆସନରେ ଓଡ଼ିଆଙ୍କ ପ୍ରଭାବ ରହିଛି। ଫଳରେ ଉକ୍ତ ଆସନଗୁଡ଼ିରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଆ ନେତାମାନେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ସମାବେଶରେ ସାମିଲ ହେଉଛନ୍ତି। ତେବେ ଚକ୍ରଧରପୁର, ଚାଇଁବସା, ଜଗନ୍ନାଥପୁର, ଷଢ଼େଇକଳା, ମାଜଗାଁ, ମନୋହରପୁର, ଜାମସେଦପୁର (ପୂର୍ବ) ଓ ଜାମସେଦପୁର (ପଶ୍ଚିମ) ପ୍ରମୁଖ ବିଧାନସଭା ଅଞ୍ଚଳରେ କେନ୍ଦୁଝର ଜିଲାର ନେତା ଡେରା ପକାଇଥିବା ସୂଚନା ମିଳିଛି। ଜିଲାର ଭାଜପା ବିଧାୟକ ଅଖିଳ ନାୟକ, ଡ. ଫକିର ନାୟକ, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ ପ୍ରମୁଖ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ରହି ପ୍ରଚାର କାର୍ଯ୍ୟରେ ସହଯୋଗ କରୁଛନ୍ତି। ରାଧାକାନ୍ତ ମହାନ୍ତ ଜଗନ୍ନାଥପୁର ବିଧାନସଭା କ୍ଷେତ୍ରର ପ୍ରବାସୀ ପ୍ରଭାରୀ ଭାବେ ରଣନୀତି କରୁଥିବା ସୂଚନା ମିଳିଛି। ପ୍ରକାଶଯୋଗ୍ୟ, ଏହି ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ାଙ୍କ ପତ୍ନୀ ଗୀତା କୋଡ଼ା ଭାଜପାର ପ୍ରାର୍ଥୀ ଅଛନ୍ତି। ସେହିପରି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ଷଢ଼େଇକଳା, ଜଗନ୍ନାଥପୁର, ଚକ୍ରଧରପୁର ନିର୍ବାଚନମଣ୍ଡଳୀରେ ଛୋଟ ଛୋଟ ବୈଠକ କରୁଛନ୍ତି। ଚମ୍ପୁଆ ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟ, ନାରୀନେତ୍ରୀ ଦାସମତି ଚାତାର, ଝରଣା ମହାନ୍ତ, ମମିତା ଭୌମିକ, ତୃପ୍ତିମୟୀ ମହାନ୍ତ, ଜୟନ୍ତୀ ମହାକୁଡ, ମଞ୍ଜରୀ ମୁର୍ମୁ, ପାଟଣାର ସମବାରି ମୁଣ୍ଡା ପ୍ରମୁଖ ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ରହି ନିର୍ବାଚନ ପରିଚାଳନା କରୁଛନ୍ତି।

# ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆସିବ ନୂଆ ଖସଡ଼ା



ଆର୍‌ଡିସ୍ତରୀୟ ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

**ସମ୍ବଲପୁର,୧୦।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଆଦି ଚାରି ଜିଲାରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନ ଓ ଖଣି ପାଇଁ ସୃଷ୍ଟି ହେଉଥିବା ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ୧ ମାସ ମଧ୍ୟରେ ନୂତନ ଖସଡ଼ା ପ୍ରସ୍ତୁତ କରାଯିବ। ଏଥିପାଇଁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ବଲପୁର ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି।

Notice is hereby given to General Public that, **I, Sri Sarat Chandra Singh** has lost the Original link RSD bearing No.- **11081200755, Dtd.04.01.2012 Executed in favour of Ashalata Sahani,** in respect of Plot No.- 1203 from Khata No.- 533/617, Tahasil- Bhubaneswar, Mouza- Bankuala, Dist.- Khordha, while he was coming from Rasulgarh square to his residence at Pandara lost the original sale deed somewhere and inspite of his best efforts failed to trace the same. Therefore, if any one has found the same, Please Contact- **Advocate, Sri N.C. Pattnaik, Mob- 9853311189, of PNBHFL, At Sahid Nagar, Bhubaneswar,** within **15 days** from the date of the publication, failing which the document will lose its legal force and any misuse of the document will be punishable under law. D-76208

## AFFIDAVIT

By virtue of an affidavit sworn before Notary Public, Bhubaneswar on dated 10th November, 2024, I, Shema Zabid, Address Plot No.-B1-99, Lingaraj Vihar, Pokhariput, P.S.-Airfield, Bhubaneswar, Dist.-Khurda, Odisha, PIN-751020, declare that I have changed my name from Shama Sultana Niazo to Shema Zabid. Henceforth, I shall be known as Shema Zabid for all purposes.
Shema Zabid
D-1904

By virtue of an affidavit sworn before Executive Magistrate Bhadrak, I, Amulya Mohalik(52) Vill-Kasati, P.o.-Talagopabindha, P.s.- Tihidi, Dist.- Bhadrak, Odisha, Pin- 756116. In my daughters Aadhaar Card bearing No.- 213510059576 her name is mentioned Dibyarupa Mohalik. I declare that I have changed my daughters name from DIBYARUPA MOHALIK to DIBYARUPA MAHALIK . Henceforth She shall be known as Dibyarupa Mahalik for all purposes. D-1912

ଆମ୍ଭେ ସଂଯୁକ୍ତା ନାୟକ ଓରଫ ମଞ୍ଜୁଲତା ନାୟକ, ସ୍ୱାମୀ- ସମ୍ଭୁନାଥ ନାୟକ, ଗ୍ରାମ/ପୋ.ଅ- ଜାମୁଝାଡ଼ି, ଭାୟା/ଥାନା- ସିମୁଳିଆ, ଜିଲ୍ଲା- ବାଲେଶ୍ୱର ଅଟେ। ଗତ ତା୨୫।୦୧।୨୦୨୪ରିଖରେ ସିମୁଳିଆ ତହସିଲଦାରଙ୍କ ଇଜିଲାସରେ କରିଥିବା ସତ୍ୟପାଠ ନଂ.-୨୨୨ ଓ ୨୪୬ ମୂଳେ ଘୋଷଣା କରୁଅଛୁକି ଉପରୋକ୍ତ ଦୁଇଟି ନାମ ମୋର ଅଟେ। ଆମ୍ଭ ବ୍ୟତୀତ ଆମ୍ଭ ଗ୍ରାମରେ ଉକ୍ତ ନାମରେ ଅନ୍ୟ କୌଣସି ମହିଳା ନାହାନ୍ତି। ଆମ୍ଭର ପ୍ରକୃତ ନାମ ସଂଯୁକ୍ତା ନାୟକ ସମସ୍ତ ପ୍ରକାର ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବାବେଳେ ଆମ୍ଭେ ଗତ ତା୦୫।୦୩।୨୦୧୫ରିଖରେ ଆମ୍ଭର ଡାକ ନାମ ମଞ୍ଜୁଲତା ନାୟକ ନାମରେ ସିମୁଳିଆ ପୋଷ୍ଟ ଅଫିସରୁ କେତେକ କେ.ଭି.ପି. କ୍ରୟ କରିଥିଲୁ। ଉକ୍ତ ଦୁଇ ନାମଧାରୀ ମହିଳା ଆମ୍ଭେ ଜଣେ ହୋଇଥିବାରୁ ଉକ୍ତ କେ.ଭି.ପି. ଟଙ୍କା ଉଠାଇବା ପାଇଁ ଏହା ପ୍ରକାଶ କରୁଅଛୁ। ଧ-୧୯୦୩

I, Nirupama Pradhan, Wife of Mr. Dipti Ranjan Swain, resident of SWAIN HOUSE, At/P.O.- Ukundara, Dist.- Jagatsinghpur, Pin-754111, Odisha declare by this affidavit No.- 73AA 654197 dtd.- 08.11.2024 that now onwards I shall be known as NIRUPAMA SWAIN for all future purposes. D-1908

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର ଆର୍.ପି.କେସ୍ ନଂ.-୧୬୯୬/୨୦୧୫

ଶ୍ରୀ ମୀନାକ୍ଷୀ ଟେକ୍ସଟାଇଲ୍ସ ପ୍ରାଇଭେଟ ଲିମିଟେଡ୍ .....ବାଦୀ

ବନାମ

ଏନ. ରାମା ରାଓ ଏବଂ ଅନ୍ୟମାନେ ......ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

୧. ଏନ ରାମା ରାଓ, ୨. ଏନ. ମୁରଲୀଧର ରାଓ, ଉଭୟଙ୍କର ପିତା ଏନ. ଲକ୍ଷ୍ମୀନାରାୟଣ ନାଇଡୁ, ସା- ପେନସନ ଲେନ, ଥାନା/ଜିଲ୍ଲା- କଟକ, ୩. ଶରତ କୁମାର ଦାସ, ୪. ନାରାୟଣ ଦାସ, ଉଭୟଙ୍କର ପିତା ଚିନ୍ତାମଣି ଦାସ, ଉଭୟ ପ୍ରତିବାଦୀମାନଙ୍କର ବାସସ୍ଥାନ ଗ୍ରାମ- ହରପୁର, ପୋଷ୍ଟ- ଯାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୩ ଏବଂ ୪ ନୋଟିସ ଜାରି ହୋଇ ମୃତ ଥିବା ହେତୁ, ଏବଂ ପ୍ରତିବାଦୀ ନଂ.-୧ ଏବଂ ୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୨୬।୧୧।୨୦୨୪ ଦିବା ୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ହରପୁର, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.- ୪୦, ସାବକ ପ୍ଲଟ୍ ନଂ.-୫୮, ସିକିମ ଖାତା ନଂ.-୧୭, ଏରିଆ- ଏ୦.୧୦୯ଡି., ହାଲ୍ ଖାତା ନଂ.-୧୬୫, ହାଲ୍ ପ୍ଲଟ୍ ନଂ.-୮୦, ଏରିଆ- ପାର୍ଟ ।

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୯୦୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରଫେସର ଡ. ଶ୍ରୀନିବାସ ମିଶ୍ର**
ପ୍ଲଟ୍ ନଂ.-୨୧୨, ଶହୀଦନଗର, ଭୁବନେଶ୍ୱର
ଆବିର୍ଭାବ: ତା୨୬।୧୦।୧୯୨୭
ତିରୋଧାନ: ତା୨୨।୧୧।୨୦୨୩
ତୁମ ସ୍ନେହ, ସଦିଚ୍ଛା ଓ କଲ୍ୟାଣପ୍ରଦ ମନୋଭାବ ଅବିସ୍ମରଣୀୟ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଜାମାତା, କନ୍ୟା, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ।
ଧ-୧୮୯୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ**



**୰ଦତ୍ତହରି ନାୟକ**
ନାରୀଗାଁ , ମଙ୍ଗଳପୁର, ଯାଜପୁର, N-6/386, IRC Village, Bhubaneswar
ଆବିର୍ଭାବ: ୧୬।୦୨।୧୯୪୭
ତିରୋଧାନ: ୨୨।୧୧।୨୦୨୩
କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ତିଥି ତା ୧୧।୧୧।୨୦୨୪ରିଖ ବିଶିଷ୍ଟ ସମାଜସେବୀ, ନାରୀଗାଁ ହାଇସ୍କୁଲର ପ୍ରତିଷ୍ଠାତା ସଭ୍ୟ ତଥା ପ୍ରଥମ ସମ୍ପାଦକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ ତୁମର ଆତ୍ମା ଶାନ୍ତିରେ ରହୁ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୯୧୦

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଗୋପୀନାଥ ପଣ୍ଡା**
ଟେଲି କମ୍ୟୁନିକେଶନ ଇଞ୍ଜିନିୟର
N6-505, ଜୟଦେବ ବିହାର
ତିରୋଧାନ: କାର୍ତ୍ତିକ ବଡ଼ ଦଶମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।
ତମର ପିଲାମାନେ ।
ଧ-୧୯୦୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ନବଘନ ବେହେରା**
ଜନ୍ମସ୍ଥାନ- ବନପ୍ରଭା, ଗଣେଶ୍ୱରପୁର, ଗୋପ
ଆବିର୍ଭାବ: ୧୩।୦୨।୧୯୫୦
ତିରୋଧାନ: କାର୍ତ୍ତିକ ଦଶମୀ ୨୨।୧୧।୨୦୨୩
ବାପା ତୁମର ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ ଶୁଭଆଶୀର୍ବାଦ ଆମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ ।
ଧ-୧୯୧୧

**ବଂବରାଡ଼ ବାଲୁଙ୍କେଶ୍ୱ ମନ୍ଦିରରେ ଭାଗବତ ପାଠ**

ସମ୍ବଲପୁର,(ପ୍ରମୋଦ ବହିଦାର): ଅଁଳା ନବମୀ ଓ ପଞ୍ଚୁକ ଉପଲକ୍ଷେ ନନ୍ଦପଡା ବଂବରାଡ଼ ବାଲୁଙ୍କେଶ୍ୱର ମନ୍ଦିରରେ ସାମୂହିକ ଭାଗବତ ପାଠ କରାଯାଇଥିଲା। ୬୧ ଜଣ ବ୍ରାହ୍ମଣ ସାମୂହିକ ଭାଗବତ ପାଠ କରିଥିଲେ। ବିକାଶ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ବାବା ବାଲୁଙ୍କେଶ୍ୱରଙ୍କ ରୁଦ୍ରାଭିଷେକ, ହୋମଯଜ୍ଞ ସହିତ ବିଧିପୂର୍ବକ ପୂଜାର୍ଚ୍ଚନା ପରେ ପୂର୍ଣ୍ଣାହୁତି ପଡ଼ିଥିଲା। ଏଥିରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମେତ ଅନେକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ଦୁର୍ଗା ମାଧବ ମିଶ୍ର, ସଞ୍ଜୀବ ଗୁରୁ, ଶାନ୍ତନୁ ଶତପଥୀ, ବିପ୍ଳବ ମିଶ୍ର, ବିରଜା ମିଶ୍ର, ବିଚିତ୍ରାନନ୍ଦ ମିଶ୍ର କରିଥିଲେ।

# ମାଣ୍ଡିଆ ଦେଇଛି ରୋଜଗାର, ପରିଚୟ

**ଜିଲାସ୍ତରୀୟ ମାଣ୍ଡିଆ ଦିବସ**

ସମ୍ବଲପୁର,୧୦।୧୧(ଭବାନୀ ଶଙ୍କର ଭୋଇ)




ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି।

ମାଣ୍ଡିଆ ଦିବସ ଅବସରରେ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାର ୯ ଟି ବ୍ଲକରୁ ଚାଷୀ ଏବଂ ଶ୍ରୀଅନ୍ନ ଯୋଜନାରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଦ୍‌ଘାଟନ କରି ଶ୍ରୀଅନ୍ନ କାର୍ଯ୍ୟକ୍ରମକୁ ସାଧାରଣ ଲୋକ ଏବଂ ଚାଷୀଙ୍କ ପାଖକୁ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର କୃଷକ ସୁରକ୍ଷା ସମିତି ସଭାପତି ଉମେଶ ମିଶ୍ର, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରଶେଖର ପଣ୍ଡା, କୁଚିଣ୍ଡା କୃଷି ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, ରେଢାଖୋଲ କୃଷୀ ଅଧିକାରୀ ପ୍ରଦୀପ କୁମାର ନନ୍ଦ, ଚିପଲିମା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ ମୋନାଲିସା ସାହୁ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁର କୃଷି ଜିଲା ଅଧିକାରୀ ଉମାଶଙ୍କର ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀଅନ୍ନର ଅଧିକ ଉପଯୋଗ ତଥା ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଏକ ଖାଦ୍ୟମେଳାର ଆୟୋଜନ କରାଯାଇଥିଲା। ଏଥିରେ ମାଣ୍ଡିଆ ସମ୍ପର୍କୀତ ବିଭିନ୍ନ ଖାଦ୍ୟଶସ୍ୟର ପ୍ରଦର୍ଶନୀ କରାଯାଇଥିଲା।

**ମାଣ୍ଡିଆ ଦେଇଛି ପରିଚୟ**

ମାଣ୍ଡିଆ ଅନେକଙ୍କୁ ରୋଜଗାର ଦେବା ସହ ପରିଚୟ ବି ଦେଇ ପାରିଛି। ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲିର ଦିବ୍ୟ ଭାରତୀ ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ଏକ ଉଦାହରଣ। ମାଣ୍ଡିଆ ଖାଦ୍ୟ ଶସ୍ୟକୁ ନେଇ ବିଭିନ୍ନ ଖାଦ୍ୟ ସାମଗ୍ରୀ ତିଆରି କରି ବିକ୍ରୀ କରିବା କାମ ଆରମ୍ଭ କରିବା ପରେ ଏବେ ଦୁଇ ବର୍ଷ ହେବ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଥିବା ଗୋଷ୍ଠୀର ସଦସ୍ୟାମାନେ ମତ ଦେଇଛନ୍ତି। ବ୍ଲକରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ହେଉଥିବା କାର୍ଯ୍ୟକ୍ରମ ମାନଙ୍କରେ ବିଗତ ଦୁଇବର୍ଷ ହେବ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୀ କରି ରୋଜଗାର କରିବା ସହ ଲୋକଲୋଚନକୁ ମଧ୍ୟ ଆସିପାରିଥିବା ଗୋଷ୍ଠୀର ମାନସୀ ପ୍ରଧାନ, ଶ୍ରଦ୍ଧାଞ୍ଜଳି ପ୍ରଧାନ, ମମତା ପ୍ରଧାନ, ସରୋଜିନୀ ସାହୁ ପ୍ରମୁଖ ରବିବାର ମାଣ୍ଡିଆ ଦିବସରେ ଆୟୋଜିତ ଖାଦ୍ୟ ପ୍ରଦର୍ଶନୀ ଅବସରରେ କହିଛନ୍ତି। ଆଗକୁ ନାକଟିଦେଉଳ ବ୍ଲକ ଛକରେ ଏକ ମାଣ୍ଡିଆ ଟିଫିନ୍ ସେଣ୍ଟର କରିବା ଯୋଜନା ମଧ୍ୟ ସେମାନେ ରଖିଛନ୍ତି।

**ଶ୍ରୀଅନ୍ନ ଅଭିଯାନ ଚାଷୀଙ୍କୁ ଦେଇଛି ପ୍ରୋତ୍ସାହନ**

ଚଳିତ ବର୍ଷ ସମ୍ବଲପୁର ଜିଲାରେ ୧୪ ଶହ ୭୫ ହେକ୍ଟର ମାଣ୍ଡିଆ ଚାଷ କରାଯାଇଥିବା ଜିଲା କୃଷି ବିଭାଗଠାରୁ ସୂଚନା ମଳିଛି। ଜିଲାର ୬ ଟି ବ୍ଲକରେ ଏବେ ଶ୍ରୀ ଅନ୍ନ ଯୋଜନାରେ ମାଣ୍ଡିଆ ମିଶନ କାର୍ଯ୍ୟକାରୀ କରାଯାଉଛି। ଶ୍ରୀଅନ୍ନ ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ମାଣ୍ଡିଆ ଜାତୀୟ ଖାଦ୍ୟ ପ୍ରତି ଲୋକଙ୍କ ଆକର୍ଷଣ ବଢିଛି। ତା' ସହ ଜିଲାରେ ବାଜରା, ମାଣ୍ଡିଆ କାଙ୍ଗୀ ଆଦି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ମଧ୍ୟ ବଢିଛି। ରେଢ଼ାଖୋଲ ବ୍ଲକର ୧୪ ପଞ୍ଚାୟତ ସହ ରେଢ଼ାଖୋଲ ଏନ୍‌ଏସିରେ ୪୮୩ ଜଣ ଚାଷୀ ଏବେ ୨୧୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରୁଛନ୍ତି। ଯୁଯୋମୁରା ବ୍ଲକରେ ୭୧୯ ଜଣ ଚାଷୀ ୩୫୦ ହେକ୍ଟର ମାଣ୍ଡିଆ ଚାଷ କରୁଛନ୍ତି। ଚାଷୀଙ୍କଠାରୁ ଉତ୍ପାଦିତ ମାଣ୍ଡିଆକୁ ଆଦିବାସୀ ଉନ୍ନୟନ ସମବାୟ ସମିତି ପକ୍ଷରୁ କ୍ରୟ କରାଯିବା ସୁବିଧା ରହିଛି। ବିଶେଷକରି ଅଣଜଳସେଚିତ ଅଞ୍ଚଳରେ ମାଣ୍ଡିଆ ଚାଷ ପ୍ରତି ଚାଷୀଙ୍କ ଜୀବିକା ଦେଇଛି। ଶ୍ରୀଅନ୍ନ ଯୋଜନାରେ ହେକ୍ଟର ପ୍ରତି ୧୦ ହଜାର ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

# ଏସ୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପାଉଁଶ ଡମ୍ପିଂକୁ ବିରୋଧ

ସମ୍ବଲପୁର,୧୦।୧୧(ବି.ଶଙ୍କର)

- ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ
- ମହାନଦୀରେ ପାଉଁଶ ମିଶିବା ସମ୍ଭାବନା

ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ପକ୍ଷରୁ ୮୦ ଦଶକରୁ ସମ୍ବଲପୁରର ଅନେକ ପରିବାରକୁ ଦୁର୍ଗାପାଲି (ବର୍ତ୍ତମାନ ଏସ୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ) ଜମି ବିକ୍ରି କରାଯାଇଥିଲା। କିନ୍ତୁ ଗତ ୨ ମାସ ହେବ ସେମାନଙ୍କ ବିନା ଅନୁମତି ଓ ସହମତିରେ ସେହି ପ୍ଲଟରେ ଗାତ ଖୋଳି ପାଉଁଶ ଡମ୍ପିଂ କରାଯାଉଛି। ଜମି ଅଧିକାରୀ ବିରୋଧ କରିବାରୁ ଏହାକୁ ସମତୁଲ କରିବା ପାଇଁ ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ପାଉଁଶ ପକାଉଛି ବୋଲି ଉତ୍ତର ରଖାଯାଇଛି। ଯଦି ଜମି ସମତୁଲ କରିବାର ଥିଲା ତେବେ ସେଠାରେ ପାଉଁଶ ପରିବର୍ତ୍ତେ ମାଟି ପକାଯାଇଥାନ୍ତା। କିନ୍ତୁ ନିର୍ଦ୍ଦିଷ୍ଟ କମ୍ପାନୀକୁ ଅନୁକମ୍ପା ଦେଖାଇ ପାଉଁଶ ବିଷର ବ୍ୟବସାୟରେ ଜିଲା ପ୍ରଶାସନ ରହିଥିବା ଜନସାଧାରଣ ଦାବି କରି ଆସୁଛନ୍ତି। ଏ ନେଇ ରବିବାର ପ୍ରୋଗ୍ରେସିଭ ସମ୍ବଲପୁର ଅନୁଷ୍ଠାନ ପକ୍ଷରୁ ରାଜସ୍ୱ ଓ ପରିଚାଳନା ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ମାରକ ପତ୍ର କରାଯାଇଛି। ମନ୍ତ୍ରୀଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ପୃକ୍ତ ସ୍ଥାନରେ ପକାଯାଉଥିବା ପାଉଁଶ ବର୍ଷା ପାଣିରେ ବୋହିଯାଇ ମହାନଦୀ ପାଣିରେ ମିଶିବା ସମ୍ଭାବନା ରହିଛି। ଏହି ବିଷ ପାଣି ସମ୍ବଲପୁର ସାଧାରଣ ଜନତାଙ୍କ ଜୀବନ ନେବାର କାରଣ ହେବ। ଏଥିପାଇଁ ସରକାର ଏବଂ ଜିଲା ପ୍ରଶାସନ ଦାୟୀ ରହିବ। ଏଥିପ୍ରତି ଧ୍ୟାନ ନ ଦେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ସମ୍ବଲପୁର ଜିଲା ରେଢ଼ାଖୋଲ ଏବଂ ଯୁଯୋମୁରା ବ୍ଲକର ବିଭିନ୍ନ ସ୍ଥାନରେ ପାଉଁଶ ପକାଯାଉଛି। ଫଳରେ ପରିବେଶ ପ୍ରଦୂଷଣ ହେଉଛି। ଶିଳ୍ପ ସଂସ୍ଥାରେ ନିଯୁକ୍ତି ନାହିଁ କିମ୍ବା ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ଅଞ୍ଚଳର ବିକାଶ ନାହିଁ। କିନ୍ତୁ ପ୍ରଦୂଷଣ ଓ ରୋଗର ଶିକାର ହେଉଛନ୍ତି ଅଞ୍ଚଳର ଜନସାଧାରଣ। ସ୍ଥାନୀୟ ଜନ ସାଧାରଣ ଏହାର ପ୍ରତିବାଦ କରୁଥିବା ବେଳେ ଜିଲା ପ୍ରଶାସନ ଶିଳ୍ପସଂସ୍ଥାର ସପକ୍ଷରେ ଅଛି ବୋଲି ପ୍ରୋଗ୍ରେସିଭ ସମ୍ବଲପୁରର ସଞ୍ଜିତ ମହାନ୍ତି ଅଭିଯୋଗ କରିଛନ୍ତି। ଏହି ପ୍ରତିନିଧି ଦଳରେ ଧିରେନ୍ଦ୍ର ଦେବତା, ଜୟନ୍ତ ପଟ୍ଟନାୟକ, ପ୍ରତାପ ଶର୍ମା, ଆକାଶ ଦେବତା, ଫିରୋଜ ସାହୁ, ଅଶ୍ଳେଷ ମୋହନ, ମନୋଜ ମେହେର, ସୌରଭ ସାହୁ, ଚନ୍ଦନ ବରିହା, କିରନ ପ୍ରଧାନ, ସମିର ଗର୍ଡିଆ, ପ୍ରଭାତ ସାହୁ, ଯୋଗେନ୍ଦ୍ର ପଟ୍ଟନାୟକ, ଲମ୍ବୋଦର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସମଲେଇ ଆଦିପୀଠରୁ ଜବରଦଖଲ ଉଚ୍ଛେଦ ଦାବି

ସମ୍ବଲପୁର,୧୦।୧୧ (ଭବାନୀ ଶଙ୍କର ଭୋଇ)

ମା' ସମଲେଇଙ୍କ ଦିବ୍ୟଲୀଳା ଘଟିଥିବା ଚାଉଁରପୁର ସମଲେଇ ଆଦିପୀଠରୁ ଜବରଦଖଲ ଉଚ୍ଛେଦ ପାଇଁ ରବିବାର ଗ୍ରାମବାସୀ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ପୂର୍ବର ଏହି ପୀଠର ସମସ୍ୟା ନେଇ ସେ ଅବଗତ ଥିବା କହିଥିଲେ। ପୀଠ ଅଞ୍ଚଳରୁ ଜବରଦଖଲକାରୀଙ୍କୁ ହଟାଇବା ନେଇ ପଦକ୍ଷେପ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଦାବିପତ୍ର ପ୍ରଦାନ ଅବସରରେ ଯୋଗେନ୍ଦ୍ର ମାଝୀ, ଆଦିତ୍ୟ ନାୟକ, ସରୋଜ ମହାପାତ୍ର, ବାବଲୁ ବାଗ ଉପସ୍ଥିତ ଥିଲେ।

# ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବ୍ଲକସ୍ତରୀୟ ବୈଠକ



ବ୍ଲକସ୍ତରୀୟ ବୈଠକରେ ବିଭିନ୍ନ ବିଦ୍ୟାଳୟର ପ୍ରତିନିଧି ବୃନ୍ଦ।

ସମ୍ବଲପୁର,୧୦।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକର ୧୯ଟି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଏକାଦଶତମ ବ୍ଲକସ୍ତରୀୟ ବୈଠକ ଭଣ୍ଡାରୀମାଲ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ମାନଭଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପାତ୍ର ସ୍ୱାଗତ ଭାଷଣ ଦେଇ ବୈଠକର ଲକ୍ଷ୍ୟ ବିଷୟରେ ଅବଗତ କରିଥିଲେ। ସଂସ୍କୃତ ଶିକ୍ଷକ ମନୋହର କାଲୋ ସଭା ପରିଚାଳନା କରିଥିଲେ। ବଡସାହି ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଫଳ ଚାରା ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ପଙ୍କଜିନୀ ବେହେରା, ସୁଷମା ବଡାଇ, ଇତିଶ୍ରୀ ପ୍ରଧାନ, ମୋନାଲିସା ଡନସନା, ଶିକ୍ଷକ ବିଭୁତିଭୂଷଣ ବେହେରା, ଅକ୍ଷୟ କୁମାର ପରମାଣିକ, ମୁନା କମାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସୁନିତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପିକ୍‌ଅପ୍‌କୁ ପିଟିଲା କଣ୍ଟେନର, ୨ଶ୍ରମିକ ମୃତ

ସମ୍ବଲପୁର,୧୦।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଜାତୀୟ ରାଜପଥ(୫୩)ର କେନଘାଟି ବ୍ରିଜ ନିକଟରେ ରବିବାର ସନ୍ଧ୍ୟାରେ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍(ଏପି-୩୯-ଟିଏ-୦୪୮୧)କୁ ପଛପଟୁ କଣ୍ଟେନର(ଡବ୍ଲ୍ୟୁବି-୨୩-ଇ-୩୩୦୯) ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍‌ରେ ଥିବା ୨ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ବିହାରର ବିନୟ ସାହା(୨୨) ଓ ଆଶିଷ କୁମାର(୨୩)। ଆହତ ସୁଦାମ ମାଝି, ପବିତ୍ର ମାଝି, ମନୋଜ ମାଝି ଓ ଯୋଗେଶ୍ୱର ମାଝିଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

# ମେଡିକାଲରେ ଚିକିତ୍ସିତ ଯୁବକଙ୍କୁ ବଢ଼ିଲା ସହଯୋଗର ହାତ



ଆହତ ବାଦଲଙ୍କ ସ୍ତ୍ରୀ ବବି ତାଣ୍ଡିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ସମ୍ବଲପୁର,୧୦।୧୧(ଭବାନୀ ଶଙ୍କର ଭୋଇ)

**ଦୀପାବଳି ବାଣଫୁଟା ବେଳେ ଆକ୍ରମଣରେ ଆହତ ଘଟଣା**

ସମ୍ବଲପୁର କ୍ଷେତରାଜପୁରରେ ଦୀପାବଳି ଅବସରରେ ଗତ ୧ ତାରିଖ ବାଣଫୁଟାକୁ ନେଇ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ ବାଦଲ ତାଣ୍ଡି। ସେହିଦିନଠାରୁ ସେ ବୁର୍ଲା ବିକାଶ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ରବିବାର ଗଣ୍ଡା ସମାଜ କଲ୍ୟାଣ ପରିଷଦର ଏକ ପ୍ରତିନିଧି ଦଳ ମେଡିକାଲକୁ ଯାଇ ବାଦଲଙ୍କୁ ସାକ୍ଷାତ୍ କରିଥିଲେ। ପରିଷଦ ସଭାପତି ନିହାଲ ସିଂହଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ରେଡକ୍ରସ ପକ୍ଷରୁ ମଞ୍ଜୁର ହୋଇଥିବା ୨୫ ହଜାର ଟଙ୍କା ଓ ପରିଷଦ ପକ୍ଷରୁ ୫ ହଜାର ଟଙ୍କା ବାଦଲଙ୍କ ସ୍ତ୍ରୀ ବବି ତାଣ୍ଡିଙ୍କୁ ପ୍ରଦାନ କରିଥିଲେ। ବାଦଲ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜାଣି ନିହାଲ ସିଂ ଜିଲା ରେଡ଼କ୍ରସକୁ ଆର୍ଥିକ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ। ଜିଲାପାଳ ତଥା ଜିଲା ରେଡ଼କ୍ରସ ସୋସାଇଟି ଅଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏନେଇ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ମଞ୍ଜୁର କରିଥିଲେ। ପରିଷଦ ଏହା ସହ ନିଜ ତରଫରୁ ଆଉ ୫ ହଜାର ମିଶାଇ ମୋଟ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ଏହି ଅବସରରେ ପରିଷଦ ଉପସଭାପତି ଶିବଶଙ୍କର ପ୍ରଧାନ, ସାଧାରଣ ସମ୍ପାଦକ ଅମିନ ମହାନନ୍ଦ, ଯୁବନେତା ଆଶିଷ ନନ୍ଦ ମଧ୍ୟ ଗଣ୍ଡା ସମାଜ କଲ୍ୟାଣ ପରିଷଦ ପ୍ରତିନିଧି ଦଳ ରେ ସାମିଲ ରହିଥିଲେ। ପ୍ରତିନିଧି ଦଳ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରି ବାଦଲଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

### ସ୍ୱେଚ୍ଛାସେବୀ ଦେଶ ଗଠନର ପ୍ରମୁଖ ଅଙ୍ଗ

**ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ**

କୁଚିଣ୍ଡା,୧୦।୧୧(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ତିନିଦିନ ଧରି ଚାଲିଥିବା ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ସମ୍ବଲପୁର ଜିଲାର ୪୧ଟି କଲେଜରୁ ୧୪୩ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କେଶାଇବାହାଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଓଡ଼ିଶା ରାଜ୍ୟ ଶାଖା ସଂଯୋଜକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ପ୍ରଶିକ୍ଷଣ ନେଉଥିବା ସ୍ୱେଚ୍ଛାସେବୀ ହେଉଛନ୍ତି ଦେଶ ଗଠନର ପ୍ରମୁଖ ଅଙ୍ଗ। ମଣିଷ ସମାଜ ସହ ଫାଷ୍ଟଏଡ, ବିପର୍ଯ୍ୟୟ, ସାଇବର ସହ ସଦାବେଳେ ସମ୍ପର୍କ ରହିଥିବାରୁ ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ରହିଛି। ଏଥିରେ ଡା.ସତ୍ୟପ୍ରକାଶ ଦୋରା, କେଶାଇବାହାଲ ପ୍ରଭୁଦୟାଲ ଗ୍ରାମ୍ୟ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ସରୋଜ ଦାସ, ଧମା କଲେଜ ଅଧ୍ୟକ୍ଷ ଅଶୋକ ପୁରୋହିତ, ସୁବ୍ରତ କୁମାର ପାଣିଗ୍ରାହୀ, ଅଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇ ରେଡକ୍ରସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ହରେଷ କୁମାର ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ମଳୟ ବୁଡା, ବିକାଶ ଚନ୍ଦ୍ର ପାଣି, ମିଲନ ନାୟକ, ଅଧ୍ୟାପିକା ଯଶୋଦା ମାଝି, ଆରତୀ ବେହେରା, ମନିଷା ବେହେରା, ପ୍ରଭାତୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ପିଡିଏସ୍ ଚାଉଳ ବଣ୍ଟନକୁ ନେଇ ଅସନ୍ତୋଷ

ନାକଟିଦେଉଳ,୧୦।୧୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମ ପଞ୍ଚାୟତରେ ପଡିଏସ୍ ଚାଉଳ ବଣ୍ଟନକୁ ନେଇ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକ୍ ସମୟରେ ରାଶନ କାର୍ଡ ହିତାଧିକାରୀ ପିଡ଼ିଏସ୍ ଚାଉଳ ପାଇ ପାରୁନାହାନ୍ତି। ଚାଉଳ ନେବାକୁ ପଞ୍ଚାୟତ କାର୍ଯ୍ୟାଳୟ ଆସି ଦୀର୍ଘ ସମୟ ଧରି ଠିଆ ହୋଇ ରହୁଛନ୍ତି। ସମ୍ପୃକ୍ତ ଯୋଗାଣ ସହାୟକ ହିତାଧିକାରୀଙ୍କୁ ଡକାଇ ଦେଉଥିଲେ ମଧ୍ୟ ସେ ଅନୁପସ୍ଥିତ ରହୁଛନ୍ତି। ଫଳରେ ହିତାଧିକାରୀ ମାନେ ଚାଉଳ ନେବାକୁ ଆସି ବହୁ ସମୟରେ ଫେରି ଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ରବିବାର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଚାଉଳ ନେବାକୁ ପଞ୍ଚାୟତ ଅଫିସ ଆସିଥିଲେ। ମଧ୍ୟାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଯୋଗାଣ ସହାୟକ ଆସି ନ ଥିବାରୁ ଲୋକେ ଦୀର୍ଘ ସମୟ ଧରି ଲମ୍ବା ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଶନିବାର ମଧ୍ୟ ହିତାଧିକାରୀମାନେ ପିଡ଼ିଏସ ଚାଉଳ ନେବାକୁ ପଞ୍ଚାୟତ କାର୍ଯ୍ୟାଳୟ ଆସିଥିଲେ ମଧ୍ୟ ସମ୍ପୃକ୍ତ ଯୋଗାଣ ସହାୟକ ଅନୁପସ୍ଥିତ ରହିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ସର୍ଭର ଲାଇନ ବହୁ ସମୟରେ ବିଭ୍ରାଟ ରହୁଥିବାରୁ ହିତାଧିକାରୀଙ୍କୁ ଠିକ ସମୟରେ ଚାଉଳ ବଣ୍ଟନ କରାଯାଇ ପାରୁ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ବାଟଗାଁ ଯୋଗାଣ ସହାୟିକା ସୁମତି ପ୍ରଧାନଙ୍କୁ ପଚରିବାରେ ବହୁ ସମୟରେ ସର୍ଭର ଲାଇନ ଅଚଳ ରହୁ ଥିବାରୁ ହିତାଧିକାରୀଙ୍କୁ ଠିକ୍ ସମୟରେ ଚାଉଳ ବଣ୍ଟନରେ ସମସ୍ୟା ଦେଖା ଦେଉଛି ବୋଲି କହିଛନ୍ତି। ରବିବାର କେବଳ ପାଣ୍ଡୁନାଲି ଏବଂ କୁଟାସିଙ୍ଗା ଗ୍ରାମର ହିତାଧିକାରୀଙ୍କୁ ଚାଉଳ ନେବା ପାଇଁ ଡକାଯାଇଥିଲା। ଏଥିରେ ବାଟଗାଁ ଗ୍ରାମର କେଜେଣ ହିତାଧିକାରୀ ଆସି ଆଗ ଚାଉଳ ନେବାକୁ ଅଡ଼ି ବସିଥଲେ। ତେଣୁ ସର୍ଭର ଲାଇନ ଠିକ ରହୁଥିବା ପର୍ଯ୍ୟନ୍ତ ହିତାଧିକାରୀମାନଙ୍କୁ ଚାଉଳ ବଣ୍ଟନ କରାଯାଉଛି। ତେଣୁ ବଣ୍ଟନକୁ ନେଇ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

# ବାର୍‌ହା ଆକ୍ରମଣରେ ଚାଷୀ ଗୁରୁତର

କୁଚିଣ୍ଡା,୧୦।୧୧(ବିରଞ୍ଚି ଦର୍ଜ୍ଜୀ)



ମେଡିକାଲରେ ଚିକିତ୍ସିତ ହେଉଛନ୍ତି ସୁଖା ବାଘ।

ସମ୍ବଲପୁର ଜିଲା କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ଗୋଛରା ସେକ୍ସନରେ ଜଣେ ଚାଷୀ ବାର୍‌ହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୁଚିଣ୍ଡା ଥାନା ରାମତିଲେଇମାଲ ଗ୍ରାମର ସୁଖା ବାଘ(୬୦)। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି। ରବିବାର ଭେଡେନ ନଦୀ ପଠାରେ ଥିବା ବଗିଚାକୁ ଲଙ୍କାମରିଚ ଚାରା ଲଗାଇବା ପାଇଁ ପରିବାର ସହ ଯାଇଥିଲେ। ପମ୍ପରେ ଡିଜେଲ ସରିଯିବାରୁ ସେ ଝିଅଙ୍କ ସହ ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ଘରକୁ ଯାଉଥିଲେ। କିଚିଣ୍ଡା ଯୋର(ନାଳା) ମଝିରେ ହଠାତ ଏକ ବାର୍‌ହା ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ସାଥିରେ ଥିବା ଝିଅ ଚିତ୍କାର କରିବାରୁ ପାଖ ବଗିଚାରେ କାମ କରୁଥିବା ଲୋକେ ଆସି ବାର୍‌ହାକୁ ଘଉଡାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଡାହାଣ ଗୋଡରେ ଗଭୀର କ୍ଷତ ହୋଇଛି। ଖବରପାଇ ରେଞ୍ଜର ଲେଖାରାଣୀ ମହାନନ୍ଦ, ଫରେଷ୍ଟର ଦୁଷ୍ମନ୍ତ ଖର୍ସେଲ, ଫରେଷ୍ଟ ଗାର୍ଡ ଚୂଡାମଣି ନାଏକ ମେଡିକାଲ ଯାଇ ଆହତ ବୃଦ୍ଧଙ୍କ ସହ ଆଲୋଚନା କରିଛନ୍ତି। ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ପକ୍ଷରୁ ଦିଆଯିବ ବୋଲି ରେଞ୍ଜର ମହାନନ୍ଦ କହିଛନ୍ତି। ସୂଚନାଯୋଗ୍ୟ ଯେ, ବାର୍‌ହା ସୁଖା ବାଘଙ୍କୁ ଆକ୍ରମଣ କରିବା ପୂର୍ବରୁ ୪/୫ଜଣଙ୍କୁ ମଧ୍ୟ ଆକ୍ରମଣ ଉଦ୍ୟମ କରିଥିଲା। ଚଇତ୍ରା ପାହାଡରେ ଦୀର୍ଘ ବର୍ଷ ହେବ ବହୁ ସଂଖ୍ୟକ ବାର୍‌ହା ବାସ କରୁଛନ୍ତି। ପାହାଡ ପାଦଦେଶରେ ଥିବା ଚାଷୀଙ୍କ ଫସଲକୁ ସେମାନେ ଆସି ନଷ୍ଟ କରୁଛନ୍ତି।

# ଜନାର୍ଦ୍ଦନଙ୍କ ରଚନାବଳୀ ସାହିତ୍ୟକ, ଚିତ୍ରକରଙ୍କ ଯୌଥ ସର୍ଜ୍ଜନା

ସମ୍ବଲପୁର,୧୦।୧୧(ବି.ଶଙ୍କର)




ରାଜ୍ୟସ୍ତରୀୟ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଜୟନ୍ତୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଜୟନ୍ତୀ**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଜୟନ୍ତୀ ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୟୁଟିଲିଟି ସେଣ୍ଟରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ୟୁର ପ୍ରାକ୍ତନ ପ୍ରଫେସର କାମଦେବ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ସାହୁ କହିଲେ ଯେ, ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ରଚନାବଳୀ ସାହିତ୍ୟକ ଓ ଚିତ୍ରକରଙ୍କ ଯୌଥ ସର୍ଜ୍ଜନା। ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଥିଲେ। ଏହା ସହିତ ସେ ଥିଲେ ନାଟ୍ୟକାର ଓ ଅଭିନେତା ତଥା ସମାଜସେବୀ। ତେଣୁ ତାଙ୍କ ସାହିତ୍ୟ ନୀତି, ଆଦର୍ଶ ଆଧାରିତ। ଡାକ୍ତର ପୂଜାରୀଙ୍କ ଦୁଃସାହସିକ ଯାତ୍ରା, ସେବା ଓ ଭକ୍ତିମୟ ଜୀବନର ପ୍ରତିଫଳନ ତାଙ୍କ ରଚନାବଳୀରେ କିଭଳି ପଡ଼ିଛି ତାର ବିଶ୍ଳେଷଣ କରିଥିଲେ।

ମୁଖ୍ୟ ଅତିଥି ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର କହିଥିଲେ, ଡାକ୍ତର ପୂଜାରୀ ପେଶାରେ ଜଣେ ଡାକ୍ତର ହୋଇଥିଲେ ମଧ୍ୟ ଋଷି ପ୍ରତିମ ଥିଲେ। ଗ୍ରାହସ୍ଥ୍ୟ ଜୀବନରେ ଥାଇ ସୁଦ୍ଧା ଆଶ୍ରମରେ ନିୟମିତ ପୁରାଣ ପାଠ, ହୋମ, ଜପ, ତପରେ ତନ୍ନିଷ୍ଠ ରହିଥିଲେ। କର୍ମ ଓ ସାଧନା ହେତୁ ସାହିତ୍ୟ ରଚନାରୁ ବିରତ ହୋଇଥିଲେ ମଧ୍ୟ ସେ ଯାହା କିଛି ରଚନା କରିଯାଇଛନ୍ତି ତାହା ଓଡ଼ିଆ ସାହିତ୍ୟ ପାଇଁ ଅମୂଲ୍ୟ ସମ୍ପଦ। ମାତ୍ର ବାର ବର୍ଷ ବୟସରୁ ସେ ତାଙ୍କ ସୃଜନ ଶକ୍ତିର ଅଭୂତପୂର୍ବ ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ. ଉମାଚରଣ ପତି କହିଥିଲେ, ମାନବ ସମ୍ବଳର ଯଥାର୍ଥ ବିକାଶ ଦ୍ୱାରା ହିଁ ପରିବାର, ସମାଜ ତଥା ରାଷ୍ଟ୍ରର ସଠିକ ବିକାଶ ସମ୍ଭବପର ହେବ। ଅର୍ଥ ଉପାର୍ଜନ ଓ ବିଳାସପୂର୍ଣ୍ଣ ଜୀବନ ହିଁ ଯଦି ଲକ୍ଷ୍ୟ ହୁଏ, ତେବେ ଜୀବନ ଧାରଣର ମାନରେ ଉନ୍ନତି ଆସି ପାରିବ ନାହିଁ। ଜନାର୍ଦ୍ଦନ ପୂଜାରୀଙ୍କ ଜୀବନ ଯାତ୍ରା ଏ ଦିଗରେ ଆମପାଇଁ ଉପଯୁକ୍ତ ପଥ ପ୍ରଦର୍ଶକ। ଅର୍ଜୁନ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ଶ୍ରଦ୍ଧାକର ସୂପକାରଙ୍କ ଦ୍ୱାରା ରଚିତ ଅମର ଜୀବନ ପୁସ୍ତକର ଇଂରାଜୀ ଅନୁବାଦ ଇମ୍ମୋର୍ଟାଲ ଲାଇଫର ଶୁଭ ଉନ୍ମୋଚନ କରାଯାଇଥିଲା। ପ୍ରିୟରଞ୍ଜନ ସାହୁ ଇଂରାଜୀ ଅନୁବାଦ କରିଛନ୍ତି। ଏହି ଅବସରରେ ଡାକ୍ତର ପୂଜାରୀଙ୍କ ସାହିତ୍ୟ ଉପରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଶୋଭନ ବେହେରା, ଜ୍ୟୋତିର୍ମୟୀ ପ୍ରଧାନ, ପଲ୍ଲବୀ ମହାନନ୍ଦ ଓ ସ୍ୱସ୍ତିକ ପ୍ରଧାନ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଐତିହାସିକ ଦୀପକ କୁମାର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଲକ୍ଷ୍ମୀନାରାୟଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଡିସେମ୍ବର ୨୪ରୁ ଛିନ୍ଦେଇକେଲା କ୍ରିକେଟ

ପାଇକମାଲ,୧୦।୧୧(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ରବିବାର ପ୍ରଶାନ୍ତ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଆସନ୍ତା ଡିସେମ୍ବର ୨୪ତାରିଖରୁ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍‌କୁ ନେଇ ଟି-୨୦ ଫର୍ମାଟରେ ମ୍ୟାଚ୍ ହେବ। ରାଜ୍ୟରୁ ୫ଟି ଟିମ୍ ଓ ଅନ୍ୟ ରାଜ୍ୟରୁ ୩ଟି ଟିମ୍ ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ସ୍ଥିର ହୋଇଥିଲା। ସଭାରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବର ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ଉପଦେଷ୍ଟା ହେମସାଗର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୱିନର ବ୍ରାଇଟ ଫ୍ୟୁଚର ସ୍କୁଲର ବାର୍ଷିକୋତ୍ସବ

ପଦ୍ମପୁର,୧୦।୧୧ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଖୁଣ୍ଟପାଲିସ୍ଥିତ ୱିନର ବ୍ରାଇଟ ଫ୍ୟୁଚର ସ୍କୁଲର ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଏବଂ ପ୍ରତିମା ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଟ୍ରଷ୍ଟି ସଂଯୁକ୍ତା ମିଶ୍ର, ଏକାଡେମିକ୍ ଡାଇରେକ୍ଟର ଡ. ରାକେଶ ସାହୁ, ଚେୟାରମ୍ୟାନ ଶ୍ରୀକାନ୍ତ ମିଶ୍ର ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ଅପାଳି ଅପରାଜିତା ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। କୋର୍ଡିନେଟର ନିବେଦିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରୀଛାତ୍ରଙ୍କ କୁଇଜ୍ ପ୍ରତିଯୋଗିତା

ବରଗଡ଼, ୧୦।୧୧(ପ୍ରେମାନନ୍ଦ ଖମାରୀ)

ଶକ୍ତି ସଂରକ୍ଷଣର ଗୁରୁତ୍ୱ ପ୍ରସଙ୍ଗରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ସହ ଶକ୍ତି ଦକ୍ଷତା ବିଷୟରେ ସଚେତନା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଶକ୍ତି ଦକ୍ଷତା ବ୍ୟୁରୋ ସହଯୋଗରେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ନିର୍ଦ୍ଦେଶାନୁକ୍ରମେ ଶକ୍ତି କ୍ଲବର ମାର୍ଗଦର୍ଶକ ଶିକ୍ଷକ ସଞ୍ଜୟ ଖମାରୀଙ୍କ ତତ୍ତ୍ୱାବଧାନରେ ଏହି କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶକ୍ତି କ୍ଲବ, ମାନକ କ୍ଲବ୍, ବିଜ୍ଞାନ କ୍ଲବ୍, ଇକୋ କ୍ଲବ ଏବଂ ଗଣିତ କ୍ଲବର ମୋଟ ୪୦ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଛାତ୍ର କରନ ପଟେଲ, ଛାତ୍ରୀ ଆଦ୍ୟାଶା ଭୋଇ ଏବଂ ସଂସ୍କୃତି ଗଡତିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଆଶୁତୋଷ ଭୋଇ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଶ୍ରୀପତି ସାହୁ, ଅଙ୍କିତ ମହନ୍ତ, ପ୍ରଶାନ୍ତ ମହାପାତ୍ର ସହଯୋଗ କରିଥିଲେ।

# ସଂକୀର୍ତ୍ତନରେ ଅଶ୍ଳୀଳତା ବନ୍ଦ ପାଇଁ ଆହ୍ୱାନ



ସଂକୀର୍ତ୍ତନରେ ଅଶ୍ଳୀଳତା ବିରୋଧରେ ସଚେତନତା ସୃଷ୍ଟି କରାଯାଉଛି।

ବରଗଡ଼, ୧୦।୧୧(ପ୍ରେମାନନ୍ଦ ଖମାରୀ)

ଭାବଭକ୍ତିର ସଂକୀର୍ତ୍ତନରେ ଦିନକୁ ଦିନ ଅଶ୍ଳୀଳତା ଏବଂ ଦ୍ୱିଅର୍ଥବୋଧକ ସଙ୍ଗୀତ ପ୍ରବେଶ କରୁଛି। ଏହାକୁ ସଂକୀର୍ତ୍ତନପ୍ରେମୀମାନେ ବିରୋଧ କରି ଆସୁଛନ୍ତି। ଏହି କ୍ରମରେ ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ସଂସ୍କୃତି ସଚିବ ଓ ସଂସ୍କୃତି ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇସାରିଛି। ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ସରକାର ପଦକ୍ଷେପ ନେବାକୁ ଯାଉଥିବା ସୂଚନା ମିଳିଥିବାବେଳେ ଭାବଭକ୍ତି ଓ ସଂସ୍କୃତିର ପରିଚୟ ସଂକୀର୍ତ୍ତନରେ ମଧ୍ୟ ଖୁବ୍ ଶୀଘ୍ର ରାଜ୍ୟ ସରକାର ଅଶ୍ଳୀଳତା ଓ ଦ୍ୱିଅର୍ଥବୋଧକ ସଙ୍ଗୀତ ପରିବେଷଣରେ କଟକଣା ଲଗାଇବେ ବୋଲି ଜିଲା ସଂକୀର୍ତ୍ତନ ପରିଷଦ ଆଶାବାଦୀ ରହିଛି। ଏହି ପରିପ୍ରେକ୍ଷୀରେ ଜନସଚେତନତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକ ଅନ୍ତର୍ଗତ ଗ୍ରାମଗୁଡିକରେ ଅଶ୍ଳୀଳତା ବିରୋଧରେ ଜନ ସଚେତନତା ସୃଷ୍ଟି କରାଯାଉଛି। ସଂକୀର୍ତ୍ତନ ପରିଷଦର ପ୍ରତିନିଧିମାନେ ଗାଁକୁ ଯାଇ ଅଶ୍ଳୀଳ ସଂକୀର୍ତ୍ତନ ବନ୍ଦ ପାଇଁ ଜନଜାଗରଣ କରୁଛନ୍ତି। ପରିଷଦର ବରିଷ୍ଠ ସଦସ୍ୟ ସୁଶିଲ ଠାକୁର, ରାମ ସାହୁ, ଭରତ ପ୍ରଧାନ, ସୌମିତ୍ୟ ଦାଶ ପ୍ରମୁଖ ରବିବାର ଭଟଲି ବ୍ଲକ ଅନ୍ତର୍ଗତ ସାନ ଅମ୍ଲିପାଲି ଗ୍ରାମରେ ସ୍ଥାନୀୟ ସଂକୀର୍ତ୍ତନ ପରିଷଦର ସଭାପତି ସୁବାସ ଦାଶ, ସଦାନନ୍ଦ ଦାଶ, ଗୋପାଳ ବାରିକଙ୍କ ଉପସ୍ଥିତିରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ସଂକୀର୍ତ୍ତନ ସଂସ୍କୃତିକୁ ସୁରକ୍ଷା କରିବା ସହିତ ସଂକୀର୍ତ୍ତନରେ ଅଶ୍ଳୀଳତା ଓ ଦ୍ୱିଅର୍ଥବୋଧକ ସଙ୍ଗୀତ ପରିବେଷଣକୁ ସଂକୀର୍ତ୍ତନପ୍ରେମୀ ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାମ ବରିହା, ସମାରୁ ବରିହା, ମୋହିତ ଲାଲ ବରିହା, ପ୍ରମୋଦ ବରିହା, ସୁରଲି ବରିହା, ଲେକୁ ବରିହା, ଗୁରୁଦେବ ବରିହା, କରୁଣାକର ବାରିକ, ଅନ୍ତର୍ଯାମୀ ଛତର, ଜଳନ୍ଧର ବରିହା, ଶ୍ୟାମଲାଲ ବାରିକ, ସଦାନନ୍ଦ ବାରିକ, ଗଣେଶ ବାରିକ ପ୍ରମୁଖ ସ୍ଥାନୀୟ ସଂକୀର୍ତ୍ତନ ପରିଷଦର ସଦସ୍ୟଙ୍କ ସମେତ ଉକ୍ତ ଗ୍ରାମର ଶତାଧିକ ସଂକୀର୍ତ୍ତନପ୍ରେମୀ ସଂକୀର୍ତ୍ତନରେ ଅଶ୍ଳୀଳତା ଓ ଦ୍ୱିଅର୍ଥବୋଧକ ସଙ୍ଗୀତକୁ ବିରୋଧ କରିବା ପାଇଁ ସଂକଳ୍ପ ନେଇଥିଲେ। ଏଥିସହ ଏଭଳି ସଂକୀର୍ତ୍ତନ ପରିବେଷଣ କରିଥିବା ସଂକୀର୍ତ୍ତନ ଦଳକୁ ନାମଯଜ୍ଞରେ ଯୋଗ ଦେବା ପାଇଁ ଡକାଯିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ।

# ବ୍ରାହ୍ମଣ ସମାଜର ପରିବାର ମିଳନ ଉତ୍ସବ

ଗାଇସିଲେଟ,୧୦।୧୧
(ଦୁର୍ଗା ପ୍ରସାଦ ତ୍ରିବେଦୀ)

ଗାଇସିଲେଟ ବ୍ଲକର ଗାଇସିଲେଟ ପଞ୍ଚାୟତସ୍ତରୀୟ ବ୍ରାହ୍ମଣ ପରିବାର ମିଳନ ଉତ୍ସବ ସ୍ଥାନୀୟ ନୈମିଷାରଣ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜର ସଭାପତି ଡା. ସୁନିଲ କୁମାର ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପର୍ଶୁରାମ ବାହିନୀ ସଭାପତି ରଞ୍ଜନ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ ଏମ୍‌ପି ପ୍ରଦୀପ କୁମାର ପୁରୋହିତ, ସମ୍ମାନୀୟ ଅତିଥି ଭାବେ ସଦାନନ୍ଦ ପାଢୀ, ପଞ୍ଚାୟତ ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା, ପାଇକମାଳ ବ୍ଲକ ସଭାପତି ଗିରିଶ ଚନ୍ଦ୍ର ନାୟକ, ପଦ୍ମପୁର କୋଷାଧ୍ୟକ୍ଷ ଶାନ୍ତନୁ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ରବିନ୍ଦ୍ର କମାର ପଣ୍ଡା ବିବରଣୀ ପାଠ କରିଥିଲେ। ଗାୟତ୍ରୀ ବାହିନୀ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ କର ମହିଳା ସମାଜର ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏବଂ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ପୁଷ୍ପାଞ୍ଜଳି ଦାଶ, ଅମ୍ବିକା ପ୍ରସାଦ ତ୍ରିବେଦୀ, ଅରବିନ୍ଦ ପଣ୍ଡା, ମିହିର କୁମାର ଦାଶ, ନିଟ୍ ପରୀକ୍ଷାରେ ସଫଳତା ପାଇଥିବା ଆଶାରାଣୀ ପୁରୋହିତ, ଓଡିଶା କୃଷି ବୈଷୟିକ ପରୀକ୍ଷାରେ ସଫଳତା ପାଇଥିବା ଶୁଭଲକ୍ଷ୍ମୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରାମାୟଣ, ମହାଭାରତ ଓ ପୁରାଣ ଉପରେ କୁଇଜ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଞ୍ଜୟ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ନିଶାମୁକ୍ତ ଯୁବ ଅଭିଯାନରେ ସାମୂହିକ ଶପଥ



ନିଶାମୁକ୍ତ ଯୁବ ଅଭିଯାନରେ ସାମୂହିକ ଶପଥ ପାଠ କରାଯାଉଛି।

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

ନିଶାମୁକ୍ତ ଯୁବ ଅଭିଯାନ ଅବସରରେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଶପଥ ପାଠ କରାଇଥିଲେ। କ୍ରୀଡ଼ା ଶିକ୍ଷକ ଜ୍ୟୋତିଶ୍ଚନ୍ଦ୍ର ପଧାନ, ଈଶ୍ୱର ପଧାନ, ତେଜରାମ ସା, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପ୍ରଶାନ୍ତ ମହାପାତ୍ର ସହଯୋଗ କରିଥିଲେ। ଏହି ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟର ମାନକ କ୍ଲବ, ବିଜ୍ଞାନ କ୍ଲବ, ଶକ୍ତି କ୍ଲବ, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ଗଣିତ କ୍ଲବ, ନେତାଜୀ ସ୍କାଉଟ ଏବଂ ଜୁନିଅର ରେଡକ୍ରସ୍ ସଦସ୍ୟଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଜୀବନରେ ତମାଖୁ ଜାତୀୟ ଦ୍ରବ୍ୟ ବ୍ୟବହାର ନ କରିବା ତଥା ନିଜ ପରିବାର ସଦସ୍ୟ, ବନ୍ଧୁ ଏବଂ ପରିଚିତମାନେ ଯେପରି ଏହାକୁ ବ୍ୟବହାର ନ କରିବେ ସେଥିପାଇଁ ପଦକ୍ଷେପ ନେବାକୁ ଶପଥ ପାଠ କରିଥିଲେ। ତମାଖୁ ଦ୍ରବ୍ୟ ବ୍ୟବହାରରୁ ନିଜ ପରିବେଶ ସୁରକ୍ଷା କରିବା ପାଇଁ ଆବଶ୍ୟକ ସହଯୋଗ କରିବାକୁ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

### ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ

ଅତାବିରା, ୧୦।୧୧
(ହୃଷୀକେଶ ଖମାରୀ)

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲାଦେରପାଲିସ୍ଥିତ ରାମଚଣ୍ଡୀ ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଡା. ସୁନୀଲ ଆଚାର୍ଯ୍ୟ ଓ ଡା. ସୁବଳ ଚରଣ ମିଶ୍ର ଶୁଭାରମ୍ଭ କରିଥିଲେ। ସ୍ୱର୍ଗତ ଆଶିଷ ଭୋଇଙ୍କ ସ୍ମୃତିରେ ରକ୍ତଦାନ କରିଥିବା ରକ୍ତଦାତାମାନଙ୍କୁ ତାଙ୍କ ପରିବାର ଲୋକେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିବିରରେ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନିଷ୍ଠା ପରିବାରର ଉପଦେଷ୍ଟା ମଦନ ମୋହନ ଦାଶ, ସଞ୍ଚୀ ପଣ୍ଡା, ଉମେଶ ପ୍ରଧାନ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ସଙ୍କେତ ଆଠଘରା, ଜୟନ୍ତ ପ୍ରଧାନ, ବିଦ୍ୟାଧର ଭୋଇ, ମହିଳା ଶାଖା ସଂଯୋଜିକ ତ୍ରିପୁରା ସୁହୁଲା, ସୁତପା ଗଡତିଆ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଭାଜପାର ଧାନ ସଂଗ୍ରହ ଅଭିଯାନ ପ୍ରସ୍ତୁତି




ଧାନ ସଂଗ୍ରହ ଅଭିଯାନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଭାଜପା ନେତା।

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭାଜପା କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ଦଳର ଜିଲା କାର୍ଯ୍ୟାଳୟରେ ଧାନ ସଂଗ୍ରହ ଅଭିଯାନ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଯଶୋବନ୍ତ ସେଠ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି, ଜିଲା ସଭାପତି ଅରୂପାନନ୍ଦ ସାହୁ, ବରିଷ୍ଠ ନେତା ସୌରୀଚରଣ ବାରିକ, ରାଜ୍ୟ ଉପ ସଭାପତି ହଳପାଣି ମାଝୀ, ପୁଲିନ ପ୍ରକାଶ ପୁହାଣ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଅନେକ ଚାଷୀନେତା ସାମିଲ ହୋଇଥିଲେ। ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାରରେ କଟ୍‌ନି ଛଟ୍‌ନି ବନ୍ଦ କରିବା ସହିତ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚା ଜିଲାସାରା ସମସ୍ତ ଧାନମଣ୍ଡିକୁ ଯିବା ସହ ତଦାରଖ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଦଳର କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ଜିଲା ଉପ ସଭାପତି ସଞ୍ଜୟ ଉପାଧ୍ୟାୟ, ହରିହର ସାହୁ, ଜିଲା ସମ୍ପାଦକ ପ୍ରଶାନ୍ତ ସାହୁ, ସଙ୍ଗୀତ ଭୋଇ, ପ୍ୟାରୀ ସାହୁ, ମଣ୍ଡଳ ସଭାପତି ସତ୍ୟନାରାୟଣ କର୍ଣ୍ଣ, ସୁରେନ୍ଦ୍ର କାଣ୍ଡେ, ଲିଙ୍ଗରାଜ ଥାଟି, ପ୍ରଶାନ୍ତ ସେନ, ଲଳିତ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ସୁନିଶ୍ଚିତ କରାଯାଉ

ପଦ୍ମପୁର,୧୦।୧୧ (ପ୍ରଦୀପ୍ତ ଦାଶ)

ଗନ୍ଧମାର୍ଦ୍ଦନ ପର୍ବତ ସୁରକ୍ଷା ସୁନିଶ୍ଚିତ କରାଯାଉ ବୋଲି ପଦ୍ମପୁର ନାଗରିକ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୟ ବହିଦାର ଦାବି କରିଛନ୍ତି । ଔଷଧୀୟ ବନରାଜି, ଚିରସ୍ରୋତା ଜଳ ରାଶି, ପବିତ୍ର ପାପନାଶିନୀ ଝରଣା, ପ୍ରଭୁ ନୃସିଂହନାଥ ମନ୍ଦିର, ଗରିବ ଜନଗଣଙ୍କ ଜୀବନ ଜୀବିକାର ଜନ୍ମଦାତ୍ରୀ ଗନ୍ଧମାର୍ଦ୍ଦନ ପର୍ବତ ମାଳା ଉପରେ ଖଣି ଖନନ ଷଡ଼ଯନ୍ତ୍ର ପ୍ରତି ବରଦାସ୍ତ କରାଯିବ ନାହିଁ।୧୯୦୪-୦୫ ଅର୍କଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବାର୍ଷିକ ରିପୋର୍ଟ ୧୨୧ ପୃଷ୍ଠାରେ ଡ଼ ଜି. ଆର. ଭଣ୍ଡାରକର ଏ ସଂକ୍ରାନ୍ତରେ ତଥ୍ୟଭିତ୍ତିକ ରିପୋର୍ଟ ପ୍ରଦାନ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଏକ୍ସଲେନ୍ସି ତରଫରୁ ୧୬ ପ୍ରକାର ବନୌଷଧିରୁ ମଧୁମେହ, ଫାଇଲେରିଆ ନିରାକରଣ ଔଷଧ ତିଆରି ସରିଛି। କର୍କଟ ରୋଗ ଔଷଧ ପାଇଁ ପ୍ରୟାସ ଜାରି ରହିଛି। ଏପରି ସର୍ବଗୁଣ ସମ୍ପନ୍ନ ପାହାଡ଼ରେ ଖଣି ଖନନ ଉଚିତ ହେବନାହିଁ। ଅଶୀ ଦଶକର ଅନ୍ତିମ ପର୍ଯ୍ୟାୟରେ ତତ୍କାଳୀନ ସରକାର ଗନ୍ଧମାର୍ଦ୍ଦନକୁ ମରଣମୁହକୁ ଦେଇଥିଲେ। ସେତେବେଳେ ପଦ୍ମପୁର ଅଞ୍ଚଳ କଲେଜରେ ଛାତ୍ର ଆନ୍ଦୋଳନ ହୋଇଥିଲା ଓ ଖଣି ଖନନ ବନ୍ଦ ହୋଇଥିଲା। ମାତ୍ର ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଥିବାରୁ ଏହି ଖଣି ଖନନ ଯୋଜନା କରାଯାଉଥିବା ଶୁଣିବାକୁ ମିଳିଛି। ଯଦି ଖଣି ଖନନ ହୁଏ ତେବେ ଆନ୍ଦୋଳନ ହେବ ବୋଲି ବହିଦାର ଚେତାବନୀ ଦେଇଛନ୍ତି।

# ଜିଲାସ୍ତରୀୟ ସାଇନିଂ ଷ୍ଟାର୍ ଶିବିର ଉଦ୍‌ଯାପିତ

ପାଇକମାଳ,୧୦।୧୧(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲାସ୍ତରୀୟ ସାଇନିଂ ଷ୍ଟାର ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଜୀବନର ଲକ୍ଷ୍ୟ ହାସଲ କରିବା ପାଇଁ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ତ୍ରିଦିବସୀୟ ଏହି ଶିବିରରେ ବରଗଡ ଜିଲାର ୧୨ଟି ବ୍ଲକର ୧୬୪ ଜଣ ସାଇନିଂ ଷ୍ଟାରଙ୍କୁ ୬୭ ଜଣ ସାଧନ କର୍ମୀ ଆଗାମୀ ଦଶମ ବୋର୍ଡ ପରୀକ୍ଷାରେ ଏ୧ ଗ୍ରେଡ୍ ହାସଲ କରିବା ପାଇଁ କିପରି ପାଠ ପଢିବେ ସେ ନେଇ ବୁଝାଇଥିଲେ। ସକାଳ ୬ଟାରୁ ଛାତ୍ରୀଛାତ୍ରମାନେ ଯୋଗାଭ୍ୟାସ, ବିଷୟ ଶିକ୍ଷା, ପ୍ରେରଣାତ୍ମକ କାର୍ଯ୍ୟକ୍ରମ ସହ ରାତି ୯ଟା ପର୍ଯ୍ୟନ୍ତ ନିଜ ନିଜ ବିଷୟରେ ଥିବା ସନ୍ଦେହଗୁଡ଼ିକୁ ମୋଚନ କରିଥିଲେ। ଡିଇଓ ରାଧାକାନ୍ତ ଛତ୍ରୀ ଓ ପାଇକମାଳ ବିଇଓ ଚୂଡ଼ାମଣି ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବରଗଡ ଜିଲାର ଅଭିନବ ପ୍ରୟାସ ବିଷୟରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରମାନେ ୨ୟ ପର୍ଯ୍ୟାୟ ଶିବିର ଆୟୋଜନ ସହ ଅଧିକ ସାଧନ କର୍ମୀ ଶିକ୍ଷକଙ୍କ ବ୍ୟବସ୍ଥା କରିବା ପାଇଁ ମତ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ, ବବିତା ବେହେରା, ଆନନ୍ଦିନୀ ସେଠ୍, ମଧୁସ୍ମିତା ମେହେର, ନିରୁପମା ସାହୁ, ସୁଦାମ ପାଣ୍ଡେ, ରଜତ ସାହୁ, ଅମିତ ସାହୁ, ମନୋଜ ସାହୁ, ଜେ. ସ୍ୱାଧୀନ, ଲିଙ୍ଗରାଜ ସାହୁ, ଭବାନୀ ଭୋଇ, ନରସିଂହ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ପଶ୍ଚିମ ଓଡ଼ିଶା ଇତିହାସ ସମ୍ମେଳନର ବାର୍ଷିକ ଅଧିବେଶନ

ବରଗଡ଼, ୧୦।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶା ଇତିହାସ ସମ୍ମେଳନର ଦ୍ୱିତୀୟ ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ ସମ୍ମେଳନ ଉଦ୍‌ଘାଟନୀ ସଭାରେ ସଂଯୋଜକ ତଥା ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡଃ ନକୁଳ ସେଠ୍ ସ୍ୱାଗତ ଭାଷଣ ପ୍ରଦାନ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ପ୍ରଫେସର ଡଃ ପୁଷ୍ପିତାରାଣୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପଶ୍ଚିମ ଓଡିଶା ଇତିହାସ ସମ୍ମେଳନ ସଭାପତି ଅବସରପ୍ରାପ୍ତ ପ୍ରଫେସର ଡଃ ବାବା ମିଶ୍ର ଏବଂ ସମ୍ପାଦକ ଡଃ ତ୍ରିଲୋଚନ ଜେନା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡଃ ପତିତପାବନ ମିଶ୍ର ମୁଖ୍ୟ ଅତିଥି ତଥା ବିଷୟ ବିଶେଷଜ୍ଞ ଭାବେ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ନାୟକ ସମ୍ମାନିତ ଅତିଥି ଏବଂ ପଞ୍ଚାୟତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସହକାରୀ ପ୍ରଫେସର ଡଃ ଉମେଶ ଚନ୍ଦ୍ର ମହାପାତ୍ର ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ସାହିତ୍ୟରେ ସୁପରିଚିତ ପଶ୍ଚିମ ଓଡିଶାର କବି, ଲେଖକ ଏବଂ ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଅତିଥିବୃନ୍ଦ ଆଲୋଚନା କରିଥିଲେ। ସନ୍ଥକବି ଭୀମ ଭୋଇ, କବି ମାୟାଧର ମାନସିଂହ, ବିନୋଦ ଚନ୍ଦ୍ର ନାୟକ, ସ୍ୱଭାବ କବି ଗଙ୍ଗାଧର ମେହେର, ପଦ୍ମଶ୍ରୀ ହଳଧର ନାଗ, ଦୟାନିଧି ମିଶ୍ର ପ୍ରମୁଖଙ୍କ ବିଶ୍ୱ ହିତସାଧନ ଅନୁଚିନ୍ତା, ପ୍ରକୃତି ବର୍ଣ୍ଣନା, ଆଶାବାଦ ଚେତନାର ଆଲେଖ୍ୟ ଓ ଅବଦାନ ପରବର୍ତ୍ତୀ ପିଢ଼ି ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ ବୋଲି ମତପ୍ରକାଶ କରିଥିଲେ। ଦୁଇଟି ପର୍ଯ୍ୟାୟରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ସତ୍ୟନାରାୟଣ ନନ୍ଦ ସଭାପତିତ୍ୱ କରିଥିଲେ। ସହକାରୀ ପ୍ରଫେସର ଡଃ ପୁଷ୍ପିତାରାଣୀ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁର ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ରଘୁମଣି ନାୟକ ସଭାପତିତ୍ୱ କରିଥିବାବେଳେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ସାକିର ହୁସେନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଐତିହାସିକ, ଗବେଷିକା, ଗବେଷକମାନେ ସମ୍ମେଳନରେ ନିଜ ନିଜ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସହକାରୀ ପ୍ରଫେସର ଡଃ ବିଭୂତି ଭୂଷଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଶ୍ଚିମ ଓଡିଶା ଇତିହାସ ସମ୍ମେଳନର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇ ଆଗାମୀ ଦୁଇ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନୂତନ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଗୌରୀଶଙ୍କର ପଟେଲ ସଭାପତି, ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡଃ ନକୁଳ ସେଠ ଉପସଭାପତି, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ସାକିର ହୁସେନ ସଚିବ, ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ରାଜ କୁମାର ରେଟ ଯୁଗ୍ମ ସଚିବ ଏବଂ ସୋନପୁର ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ସୁଦାମ ଦୀପ୍ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ।




ପଶ୍ଚିମ ଓଡ଼ିଶା ଇତିହାସ ସମ୍ମେଳନର ବାର୍ଷିକ ଅଧିବେଶନରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ସଂକ୍ଷେପରେ

### ପେପର ମିଲ୍‌ରୁ ଚୋରି, ୮ ଗିରଫ

ବେଦବ୍ୟାସ,୧୦।୧୧(ଆଲୋକ ସ୍ୱାଇଁ)

ଗତ ୭ ତାରିଖରେ ଆଇଡିସିରେ ଥିବା ଜ୍ୟୋତି ପେପର ମିଲ୍‌ରୁ ଚୋରି ହୋଇଥିଲା। ଏ ନେଇ କମ୍ପାନୀ ମ୍ୟାନେଜର ଅଭୟ ରାଉତ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ରବିବାର ୨ କଣ୍ଟା ବେପାରୀଙ୍କ ସମେତ ୮ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁଷ୍ପାଦେବୀ(୫୪), ଗୋପାଳ ଯାଦବ(୫୪), ଜଟିଆ ପ୍ରଧାନ(୩୯), ରମେଶ ଲୁଗୁନ୍(୨୧), ଅଜିତ ଲୁଗୁନ (୧୯), ବିଜୟ ନାୟକ(୨୭) ଏବଂ ସୁନୀଲ ଯୋଯୋ(୧୯)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୯୯/୨୪) ରୁଜୁ କରିଛି।

### ଅସହାୟଙ୍କୁ ସହାୟତା ପ୍ରଦାନ

ରାଉରକେଲା,୧୦।୧୧(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ସ୍ଥିତ ବିପିୟୁଟି ବସ୍ତିରେ ବାସ କରୁଥିବା ଅସହାୟ ଲୋକଙ୍କୁ ଦି' ମିରର ସୋଶିଆଲ ଫାଉଣ୍ଡେଶନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ବିଶ୍ୱଜିତ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଉପସ୍ଥିତ ରହି ଗରିବ ଓ ଅସହାୟ ଲୋକଙ୍କୁ ମାଗଣାରେ ଶୀତବସ୍ତ୍ର ସାଙ୍ଗକୁ ମହିଳାମାନଙ୍କୁ ଶାଢି ଓ ଖାଦ୍ୟ ବିତରଣ କରିଥିଲେ। ଏଥିରେ ୮୦ ଜଣ ଅସହାୟ ଲୋକ ଉପକୃତ ହୋଇଥିଲେ। ଜନ୍ମେଜୟ ଦାସ, ଲଳିତା ସମାଦ୍, ମୁରଲି ମୋହନ ପଟ୍ଟନାୟକ, ଦିବାକର ଦାସ, ବିଶ୍ୱନାଥ ରାଉତ ଓ ବୈକୁଣ୍ଠ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ

# ପ୍ରଚାର ସରିଲା, ୧୨ରେ ଭୋଟ

ରାଉରକେଲା,୧୦।୧୧(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ଆସନ୍ତା ୧୨ ତାରିଖରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନକୁ ଆଉ ମାତ୍ର ୩୬ ଘଣ୍ଟା ସମୟ ରହିଥିବା ବେଳେ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ପ୍ରଚାରକୁ ବିରାମ ଦିଆଯାଇଛି। ଏହାପୂର୍ବରୁ ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ କର ବା ମର ଭଳି ପ୍ରଚାର କରାଯାଇଥିଲା। ଘନ ଘନ ପଥପ୍ରାନ୍ତ ସଭା, ଡାକବାଜି ଯନ୍ତ୍ରରେ ପ୍ରଚାର, ଶ୍ରମିକ ସମାବେଶ, ବାଇକ୍ ରାଲି, ଗୋପନୀୟ ଭାବେ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରେ ଶ୍ରମିକ କର୍ମଚାରୀମାନଙ୍କୁ ଆପ୍ୟାୟିତ କରିବା, ଗୁପ୍ତ ଭୋଟରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଭାବିତ କରିବା ଭଳି ଅନେକ ଉପାୟ ଅବଲମ୍ବନ କରାଯାଇଛି। ଏହି ନିର୍ବାଚନରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ଏବଂ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଏହାର ମେଣ୍ଟ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ପରିଲକ୍ଷିତ ହୋଇଛି। ଏହି ନିର୍ବାଚନରେ ଅନ୍ୟ ଶ୍ରମିକ ସଙ୍ଗଠନ ଗୁଡ଼ିକ ସାମିଲ ହୋଇଥିଲେ ମଧ୍ୟ ସେମାନେ ବହୁ ପଛରେ ରହିଛନ୍ତି। ସେମାନେ ଏହି ଦୁଇ ସଙ୍ଗଠନକୁ ପ୍ରଭାବିତ କରିପାରିବେନାହିଁ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ଭୋଟ କାଟିଲା ଭଳି ଅନ୍ୟ କୌଣସି ସଙ୍ଗଠନ ସକ୍ରିୟ ନାହାନ୍ତି।

ରବିବାର ପ୍ରଚାରର ଶେଷ ଦିନ ଥିବାରୁ ଉଭୟ ଆର୍‌ଆଇକେକେଏସ୍ ଏବଂ ଆର୍‌ଏସ୍‌ଏସ୍ ସଙ୍ଗଠନ ପକ୍ଷରୁ ଶକ୍ତିପ୍ରଦର୍ଶନ କରାଯାଇଥିଲା। ଆର୍‌ଆଇକେକେଏସ୍ ପକ୍ଷରୁ ସେକ୍ଟର-୬ ଟେଲିଫୋନ୍‌ପଡ଼ିଆରେ ବିଶାଳ ରାଲି ଅନୁଷ୍ଠିତ ହୋଇଥିଲା। ଉକ୍ତ ରାଲି ସେକ୍ଟର, ଜଗଦା, କୋଏଲନଗର, ଝିରପାଣି ଅଂଚଳକୁ ଯାଇଥିଲା। ପୂର୍ବାହ୍ନରେ ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟରୁ ବାହାରି ଟାଉନ୍‌ଶିପ୍ ପରିକ୍ରମା କରିବା ପରେ ଟେଲିଫୋନ୍ ଭବନରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଅନ୍ନଦା ଶଙ୍କର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ମିଶ୍ର, ବାଦଲ ମହାରଣା ପ୍ରମୁଖଙ୍କ ଉପସ୍ଥିତିରେ ବିଶାଳ ଜନସଭା ହୋଇଥିଲା। ଉପସ୍ଥିତ ଅତିଥିମାନଙ୍କ ସହିତ ଆର୍‌ଆଇକେକେଏସ୍‌ର ସାଧାରଣ ସମ୍ପାଦକ ହିମାଂଶୁ ବଳ, ସୁରେନ୍ଦ୍ର କଂସାରୀ, ବେନେଡିକ୍ଟ ତିର୍କୀ, ବିବେକାନ୍ଦ ମହାନ୍ତ, ସମିତା ମିଶ୍ର, ବିପେନ ଶର୍ମା, ରୀତାରାଣୀ ସ୍ୱାଇଁ, ଅନୱାରୀ ବେଗମ ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ପ୍ରଦୋଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରାଜେନ୍ଦ୍ରନାଥ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ବକ୍ତାମାନେ ୩୯ ମାସର ଏରିଅର, ଗ୍ରାଚ୍ୟୁଇଟି ସିଲିଂ, ୫୮ମାସର ପର୍କ ଏରିଅର ଲୁଟ୍ ହେବା, ଗ୍ରାଚ୍ୟୁଇଟି ହକ୍ ପାଇଁ କୋର୍ଟର ଦ୍ୱାରସ୍ଥ ହେବା ଭଳି ପ୍ରସଙ୍ଗକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟପକ୍ଷେ ଆର୍‌ଏସ୍‌ଏସ୍ ଏହାର ମେଣ୍ଟ ପକ୍ଷରୁ ସେକ୍ଟର-୮ ଜିଏମ୍‌ଏମ୍ କାର୍ଯ୍ୟାଳୟରେ ମିଳିତ ଖବରଦାତା ସମ୍ମିଳନୀ ସହିତ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଖବରଦାତା ସମ୍ମିଳନୀରେ ଆରଏସ୍‌ଏସ୍ ସଭାନେତ୍ରୀ ଡି. ଏସ୍. ପାଣିକର, ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଦିଲୀପ ମହାପାତ୍ର, ଚକ୍ରଧର ପଣ୍ଡା, ଶେଖର ଦେଓ, ନିହାର ଦାସ, ଗାଙ୍ଗପୁର ମଜଦୁର ମଞ୍ଚ(ଜିଏମ୍‌ଏମ୍)ରୁ ସଭାପତି ଜର୍ଜ ତିର୍କୀ, କାର୍ଯ୍ୟକାରୀ ସଭାପତି ରୋହିତ ଯୋଶେଫ୍ ତିର୍କୀ, ସୁଲେମାନ କାଉଡିଆ, ସଞ୍ଜୟ ପଣ୍ଡା, ବିଷ୍ଣୁ ମହାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ବେହେରା କହିଥିଲେ, ନିର୍ବାଚନରେ ଆଉ ଥରେ ମେଣ୍ଟକୁ ସୁଯୋଗ ଦିଆଯାଉ। ୨୦୨୧ ଫଳାଫଳର ପୁନରାବୃତ୍ତି ହେଲେ ସାଧାରଣ ଶ୍ରମିକ ସ୍ୱାର୍ଥ ଦିଗରେ ଏହା ବେଶ୍ ସହାୟକ ହେବ ବୋଲି ବେହେରା କହିଥିଲେ। ପରେ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଏକ ଶ୍ରମିକ କର୍ମଚାରୀ ସମାବେଶ ହୋଇଥିଲା। ଏଥିରେ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକ ସଙ୍ଗଠନର କାର୍ଯ୍ୟକୁ ନେଇ ସମାଲୋଚନା କରାଯାଇଥିଲା।



ଆର୍‌ଆଇକେକେଏସ୍ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।




ଆର୍‌ଏସ୍‌ଏସ୍‌ର ଶ୍ରମିକ ସମାବେଶରେ ମଞ୍ଚାସୀନ ଶ୍ରମିକ ନେତୃବୃନ୍ଦ।

## ପୋଲିସ ସୁରକ୍ଷା ବଳୟରେ ଆର୍‌ଏଲ୍‌ସି ଅଫିସ

ରାଉରକେଲା,୧୦।୧୧(ସଙ୍ଗୀତା ଜେନା)

ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନକୁ ନେଇ ପ୍ରଚାର କାର୍ଯ୍ୟ ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ଭୋଟ୍‌ଦାନର ୩୬ ଘଣ୍ଟା ପୂର୍ବରୁ ସମସ୍ତ ଶ୍ରମ ସଙ୍ଗଠନର ପ୍ରଚାର ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ବନ୍ଦ କରିଦିଆଯାଇଛି। ସମ୍ପ୍ରତି ସେକ୍ଟର-୫ ସ୍ଥିତ ରାଉରକେଲା ଆଞ୍ଚଳିକ ଶ୍ରମ ବିଭାଗ (କେନ୍ଦ୍ରୀୟ) ପୋଲିସ ସୁରକ୍ଷା ବଳୟରେ ରହିଛି। ଏ ନେଇ ଆର୍‌ଏଲ୍‌ସି ରବିକାନ୍ତ ରେଡ୍ଡୀ ସୂଚନା ଦେଇ କହିଛନ୍ତି, ନିର୍ବାଚନର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବାଲାଟ୍ ନିର୍ବାଚନକୁ ନେଇ ବିଶେଷ ପ୍ରସ୍ତୁତି ହୋଇଛି। ଏହି କ୍ରମରେ ସମୁଦାୟ ୧୧ଟି ବୁଥ୍‌ରେ ପରିଚାଳନା ଅଧିକାରୀ, ପ୍ରିଜାଇଡ଼ିଂ ଅଫିସର, ସୁରକ୍ଷାକର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ପ୍ରତ୍ୟେକ ବୁଥ୍‌କୁ ଏକ ସ୍ୱତନ୍ତ୍ର ବସ୍‌ରେ ପ୍ରିଜାଇଡିଂ ଅଫିସର ପରିଦର୍ଶନ କରିବା ସହିତ ଗୁପ୍ତ ବାଲାଟ୍ ପେପର ରଖିବା ବ୍ୟବସ୍ଥା କରିବେ। ଏଥିପାଇଁ ପୋଲିସର କଡ଼ା ସୁରକ୍ଷା ବଳୟ ସୃଷ୍ଟି କରାଯାଇଛି। ନିର୍ବାଚନ ପରିଚାଳନା କରିବା ପାଇଁ ବାହାର ରାଜ୍ୟରୁ ପ୍ରାୟ ୮୦ ଜଣ ପୋଲିଂ ଅଧିକାରୀ ଆର୍‌ଏଲ୍‌ସିରେ ପହଞ୍ଚିବେ। ସେହିପରି ସୋମବାର ଅନ୍ୟପକ୍ଷେ ସୋମବାର ପୂର୍ବାହ୍ନ ୧୧ଟାରେ ସର୍ବଦଳୀୟ ଶ୍ରମ ସଙ୍ଗଠନର ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ୧୨ଟି ଶ୍ରମ ସଙ୍ଗଠନ ଅଂଶଗ୍ରହଣ କରୁଛନ୍ତି। ଟାଉନ ଇଞ୍ଜିନିୟରିଂ ବିଭାଗ ସମେତ କାରଖାନାରେ ମୋଟ ୧୧ଟି ବୁଥ୍ କରାଯାଇଛି। ସକାଳ ୬ଟାରୁ ଭୋଟଦାନ ପ୍ରକ୍ରିୟା ଆରମ୍ଭ ହେବ। ସନ୍ଧ୍ୟାରେ ସେକ୍ଟର-୧୮ ଦୀପିକା ଇସ୍ପାତ ଶିକ୍ଷାସଦନରେ ଭୋଟ୍ ଗଣତି କରାଯିବ। ନିର୍ବାଚନକୁ ନିରପେକ୍ଷ କରିବାକୁ ଯଥା ସମ୍ଭବ ପ୍ରୟାସ କରାଯାଉଛି ବୋଲି ଆର୍‌ଏଲ୍‌ସି ରେଡ୍ଡୀ କହିଥିଲେ।

## ଦତ୍ତୋପନ୍ତ ଠେଙ୍ଗଡେଙ୍କ ଜୟନ୍ତୀ ପାଳିତ

ରାଉରକେଲା,୧୦।୧୧(ଦିନେଶ ମିଶ୍ର)

ସେକ୍ଟର-୧୭ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱଦେଶୀ ଜାଗରଣ ମଞ୍ଚ ରାଉରକେଲା ପକ୍ଷରୁ ରବିବାର ମଞ୍ଚର ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଭାରତୀୟ ମଜଦୁର ସଭାର ବରିଷ୍ଠ ପ୍ରଚାରକ କୃଷ୍ଣଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇ ଠେଙ୍ଗଡେଙ୍କ ଜୀବନୀର ସ୍ମୃତିଚାରଣ କରିଥିଲେ। ବକ୍ତା ଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସଂଘର ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ଠେଙ୍ଗଡେଙ୍କ ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରତିଷ୍ଠା ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଜିଲା ସଂଯୋଜକ ଭରତ ଗୌଡ ମଞ୍ଚ ପରିଚାଳନା କରିଥିଲେ। ହିତେଶ ହାଲପ, ସତ୍ୟବ୍ରତ ପଣ୍ଡା, ମନୋଜ ନାୟକ, ଭୀମସେନ ନାୟକ, ସୁକାନ୍ତ ସୂତାର, ଜୟନ୍ତ ପ୍ରଧାନ, ପ୍ରମୋଦ ଜେନା, ଦିନେଶ ଭୋଳ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟାଳୟ ପ୍ରମୁଖ ସୁରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଚରିତ୍ର ନିର୍ମାଣରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

### ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ରର ବାର୍ଷିକୋତ୍ସବ ପାଳିତ

ରାଉରକେଲା,୧୦।୧୧(ଦିନେଶ ମିଶ୍ର)

ରାଉରକେଲା ଉଦିତ ନଗର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଅଡିଟୋରିୟମ୍ ହଲ୍‌ରେ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ରର ୪୩ତମ ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ସଭାପତି ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ରବିବାର ପାଳିତ ହୋଇଛି। ଏଥିରେ ସମାଜସେବୀ ପଦ୍ମନାଭ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଚରିତ୍ର ନିର୍ମାଣରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଡକ୍ଟର ଅଶ୍ୱିନୀ ରାୟ ମୁଖ୍ୟବକ୍ତା, ସମାଜସେବୀ ଅନୀଲ କୁମାର ଦାଶ, କରୁଣାକର ପାଟ୍ଟଶାଣୀ, ଶିକ୍ଷାବିତ୍ ଉମାଶଙ୍କର ତିୱାରୀ, ଲକ୍ଷ୍ମଣ କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ସୁବାଷ ଚନ୍ଦ୍ର ଲେଙ୍କା ବାର୍ଷିକ ବିବରଣୀ ପାଠ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଜାତୀୟ ଚରିତ୍ର ନିର୍ମାଣରେ ସାହିତ୍ୟ ଶୀର୍ଷକ ଉପରେ ଅତିଥିଗଣ ବକ୍ତବ୍ୟ ରଖିଥିଲେ। ଏହି ମହୋତ୍ସବରେ ୧୬ ଜଣ ସାହିତ୍ୟ ପ୍ରତିଭା ତଥା ୧୫ ଜଣ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ ସଙ୍ଗୀତ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ପକ୍ଷରୁ ଚଳିତ ବର୍ଷ ସମାଜସେବୀ ପଦ୍ମନାଭ ସାମଲଙ୍କୁ ଉତ୍କଳ ରତ୍ନ ଉପାଧି ଓ ଯାଜପୁର ଜିଲାର ଏଡିଏମ୍ ଅକ୍ଷୟ କୁମାର ମଲ୍ଲିକଙ୍କୁ ଭୂମିପୁତ୍ର ଉପାଧିରେ ସମ୍ମାନିତ କରାଯାଇଥିଲା। ସେହିପରି ଡକ୍ଟର ଶ୍ୟାମ ପ୍ରସାଦ ସ୍ୱାଇଁଙ୍କୁ ପ୍ରଫେସର ଜେ. କେ. ରାଓ ସ୍ମୃତି ସମ୍ମାନ, ଜ୍ଞାନପ୍ରଭାର ସମ୍ପାଦିକା ପ୍ରଣତୀ ଲେଙ୍କାଙ୍କୁ ବିଦ୍ୟା ତିୱାରୀ ସ୍ମୃତି ସମ୍ମାନ, କୈଳାସ ଚନ୍ଦ୍ର ଜେନାଙ୍କୁ ସମାଜସେବା ରତ୍ନ ସମ୍ମାନ ଓ ଦିଗମ୍ବର ପାଢୀଙ୍କୁ ଉତ୍କଳ ସେବା ରତ୍ନ ସମ୍ମାନ, କୁମାରୀ ଋଦ୍ଧି ଶେଖରିଆଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କୁ କ୍ଷେତ୍ରପାଳ ସମ୍ମାନ ପ୍ରଦାନ କରାଯାଇଥିଲା। ମୋନାଲିସା ଗୌଡ ମଞ୍ଚ ପରିଚାଳନା କରିଥିଲେ। ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଇତ ବନ୍ଦାଣ ଉତ୍ସବରେ ହେବ ସଙ୍ଗୀତ କାର୍ଯ୍ୟକ୍ରମ

ରାଉରକେଲା,୧୦।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ୩୪ତମ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବ। ଏହି ଉପଲକ୍ଷେ ୨ଦିନ ଧରି ସ୍ଥାନୀୟ ଦୁର୍ଗାପୂଜା ପଡିଆରେ ଆୟୋଜିତ ହେବ ସଙ୍ଗୀତ ଭିତ୍ତିକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ଆସନ୍ତା ବୁଧବାର ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢୀ, ନାଭ୍ୟା, ତେଜସ୍ୱିନୀ ଏବଂ ବିକାଶଙ୍କ ଦ୍ୱାରା ପ୍ରସିଦ୍ଧ ଓଡିଆ ଏବଂ ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରାଯିବ। ଗୁରୁବାର କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀ, ଈପ୍ସିତା ପଣ୍ଡା, ଦେବ ଏବଂ ଶଙ୍କର ଦାନ ଓଡିଆ ସଙ୍ଗୀତ ପରିବେଷଣ କରିବେ। ଏଥିସହ ରାଉରକେଲାର ଉଦୀୟମାନ ନୃତ୍ୟ ଦଳମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ହେବ। ଶୁକ୍ରବାର ପାରମ୍ପରିକ ବୋଇତ ବନ୍ଦାଣ ନେଇ ଭବ୍ୟ ଶୋଭାଯାତ୍ରା ହେବ। ଏହି ଶୋଭାଯାତ୍ରାରେ ୩୦୧ ସାଧବ ବୋହୂ ସାମିଲ ହୋଇ ପ୍ରାଚୀନ ଓଡ଼ିଆ ଐତିହ୍ୟକୁ ଉଜାଗର କରିବା ସହ ଉତ୍ସବର ମୁଖ୍ୟ ଆକର୍ଷଣ ସାଜିବେ। ଏହା ଓଡିଆ ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ଦେବେ ବୋଲି ପରିଷଦର ସମ୍ପାଦକ ଶଙ୍କର ଜେନା ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନୀଳାମ୍ବର ପୁହାଣ, ଯଶବୀର ସାହାଣୀ, ମୀନତି ଦେବତା, ଅଧ୍ୟକ୍ଷ ସୁନୀଲ କୟାଲ, ଉପସଭାପତି ଆଦିତ୍ୟ ବାରିକ, କୋଷାଧ୍ୟକ୍ଷ ସନ୍ତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅନୁଷ୍ଠାନର କର୍ମକର୍ତ୍ତା।

## ରାଜ୍ୟ ସ୍କୁଲ ସାଇକେଲ୍ ପ୍ରତିଯୋଗିତାରେ କୃତିତ୍ୱ

ରାଉରକେଲା,୧୦।୧୧ (ସଙ୍ଗୀତା ଜେନା)

ଓଡ଼ିଶା ରାଜ୍ୟ ସ୍କୁଲ ସାଇକେଲ ପ୍ରତିଯୋଗିତା କଟକଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ସମେତ ରାଉରକେଲାରୁ ୪ଜଣ ଖେଳାଳି କୃତିତ୍ୱ ହାସଲ କରିଛନ୍ତି। ସୁନ୍ଦରଗଡ଼ ଜିଲା ରନର୍ସ ଅପ୍ ହୋଇଛି। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଆଦିତ୍ୟ ସାହୁ ରୌପ୍ୟ ପଦକ ଏବଂ ବାଳିକା ବର୍ଗରେ ଶିବାନୀ ଶାହା ରୌପ୍ୟ ପଦକ, ରିଆ କୁମାରୀ କାଂସ୍ୟ ଏବଂ ବର୍ଷା ବାନାର୍ଜୀ ଚତୁର୍ଥ ସ୍ଥାନହାସଲ କରିଛନ୍ତି। ଦଳର ମୁଖ୍ୟ ପ୍ରଶିକ୍ଷକ ଗୋପୀନାଥ ପଣ୍ଡା, ସହ ପ୍ରଶିକ୍ଷିକା ଗୀତା ବାନାର୍ଜୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କୃତିତ୍ୱ ପାଇଁ ସୁନ୍ଦରଗଡ଼ ଖେଳକୁଦ ସଂଘ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଜୟଦେବ ପାତ୍ର, ଦୁର୍ଗାମାଧବ ନାୟକ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ଡେପୁଟି ଡାଇରେକ୍ଟର ସୁଦୀପ୍ତ ନାୟକ, ରାଉରକେଲା ବିଧାୟକ ସାରଦା ନାୟକ, ରାଉରକେଲା ୟଙ୍ଗମ୍ୟାନ୍ ଓ ଆସୋସିଏଶନ ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ରବିନ୍ଦ୍ର ଗଣ୍ଡ, ଶରତ ବେହେରା, ଈଶ୍ୱର ନାୟକ, ଅରବିନ୍ଦ ନାୟକ, ସୁନ୍ଦରଗଡ଼ ଭାର ଉତ୍ତୋଳନ ଓ ଶକ୍ତି ଉତ୍ତୋଳନ ପ୍ରଶିକ୍ଷକ ବିକ୍ରମ ସ୍ୱାଇଁ, ବାସୁଦେବ ବାନାର୍ଜୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



କୃତିତ୍ୱ ହାସଲ କରିଥିବା ଖେଳାଳି।

## ଜଗନ୍ନାଥ ମନ୍ଦିରରେ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ

ରାଉରକେଲା,୧୦।୧୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ରବିବାର ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ରବିବାର ଆରମ୍ଭ ହୋଇଛି। ଏହି ଅବସରରେ ସକାଳ ୯ଟା ୩୦ମିନିଟ ସମୟରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଯୋଗ ଦେଇ ସେକ୍ଟର-୨ ସ୍ଥିତ ମଙ୍ଗଳା ମନ୍ଦିରକୁ ଯାଇ ଜଳପୂର୍ଣ୍ଣ କଳସ ଆଣିବା ପରେ ସୂର୍ଯ୍ୟ ପୂଜା, ସର୍ବଦେବାଦେବୀ ପୂଜା ପରେ ଅଗ୍ନି ସ୍ଥାପନ ସହିତ ଯଜ୍ଞାହୂତି ହୋଇଥିଲା। ଏହି ଯଜ୍ଞାହୂତି ପ୍ରକ୍ରିୟା ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଯଜ୍ଞ ଆୟୋଜନ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ ଓ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ତେବେ ରବିବାର ଅଁଳା ନବମୀ ଓ ରାଧାପାଦ ଦର୍ଶନ ଲାଗି ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ବୋଲି ଟ୍ରଷ୍ଟ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ ସୂଚନା ଦେଇଛନ୍ତି।

## ଅତ୍ୟାବଶ୍ୟକ ସାମଗ୍ରୀ ଦର ଅନିୟନ୍ତ୍ରିତ

- ଚିନ୍ତାରେ ମଧ୍ୟମ ଓ ଗରିବ ଶ୍ରେଣୀ ପରିବାର
- କଳାବଜାର ଓ ଖାଦ୍ୟ ସଂରକ୍ଷଣରେ ଅବହେଳା ମୁଖ୍ୟକାରଣ

ରାଉରକେଲା,୧୦।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ବିଭିନ୍ନ ସାମଗ୍ରୀର ଦରଦାମ ହୁ ହୁ ହୋଇ ବୃଦ୍ଧି ପାଉଛି। ଦରଦାମ ନିୟନ୍ତ୍ରଣ ହୋଇପାରୁ ନ ଥିବାରୁ ମଧ୍ୟମ ଓ ଗରିବ ଶ୍ରେଣୀର ଲୋକେ ଚିନ୍ତାରେ ପଡିଗଲେଣି। ଏମିତିକି ଶ୍ରମିକ ବହୁଳ ରାଉରକେଲା ସହରର ଶ୍ରମିକ ପରିବାରରେ ଖାଇବା ଥାଳିରେ ପିଆଜ ଓ ମସଲା ଜାତୀୟ ଖାଦ୍ୟ ମଧ୍ୟ ଉଭାନ ହୋଇଗଲାଣି। ଦରଦାମ୍‌ରେ ଅଙ୍କୁଶ ନ ଲାଗିଲେ ଆଗକୁ ସ୍ଥିତି ସାଂଘାତିକ ହେବ ବୋଲି ଚର୍ଚ୍ଚା ହେଉଛି।

ଗତ କିଛିଦିନ ହେଲା ରାଉରକେଲାରେ ଲୁଣରୁ ଆରମ୍ଭ କରି ତେଲ, ମସଲା, ଚାଉଳ, ଅଟା, ପରିବା ସହ ଆଳୁ, ପିଆଜ, ରସୁଣ ଆଦି ଜିନିଷର ଅହେତୁକ ଦରବୃଦ୍ଧି ହୋଇଛି। ବର୍ତ୍ତମାନ ପିଆଜ କିଲୋ ୭୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଳୁ ୩୫ଟଙ୍କା, ରସୁଣ ୨୪୦ଟଙ୍କା, କାକା ଜିରା ୪୮୦, ଶୁଖିଲା ଲଙ୍କା ୨୫୦ଟଙ୍କା, ହଳଦୀ ୩୨୦ଟଙ୍କା ଓ ସୋରିଷ ୮୦ଟଙ୍କା କିଲୋ ପ୍ରତି ବିକ୍ରି ହେଉଛି। ହରଡ ଡାଲି ୧୭୦ଟଙ୍କାରେ ବିକ୍ରି ହେଉଛି। ଅନୁରୂପ ଭାବେ ମୁଗଡାଲି ୧୨୦ଟଙ୍କାରେ ବିକ୍ରି ହେଉଛି। ସୋରିଷ ତେଲ ଦର ୨୦ ଟଙ୍କା ବୃଦ୍ଧି ପାଇ ୧୪୦ଟଙ୍କାରେ ବିକ୍ରି ହେଉଛି। ଅନୁରୂପ ଭାବେ ପରିବା ବଜାରରେ ପରିବା ଦର ମଧ୍ୟ ଆକାଶଛୁଆଁ ହୋଇଛି। ଫୁଲ କୋବି ୫୦ରୁ ୧୦୦ ଟଙ୍କା, ପତ୍ରକୋବି ୩୦ରୁ ୮୦ଟଙ୍କା, କରଲା ୪୦ରୁ ୮୦ଟଙ୍କା, କଞ୍ଚା କଦଳୀ ୩୦ରୁ ୭୦ଟଙ୍କା, ପୋଟଳ ୮୦ ଟଙ୍କା, କଞ୍ଚାଲଙ୍କା ୧୨୦ଟଙ୍କା, ବାଇଗଣ ୪୦ଟଙ୍କା, ଝୁଲେର ୬୦ରୁ ୮୦ଟଙ୍କା, ଭେଣ୍ଡି ୪୦ଟଙ୍କା, ଟମାଟୋ ୮୦ଟଙ୍କା, ଗାଜର ଶହେ ଟଙ୍କା କିଲୋ ପ୍ରତି ବିକ୍ରି କରାଯାଉଛି। ଫଳରେ ହଜାରେ ଟଙ୍କାର ସଉଦା କିଣିଲେ ମଧ୍ୟ ବ୍ୟାଗ୍ ପୁରୁନାହିଁ। ରାଉରକେଲା ବଜାରକୁ ଆଗରୁ ୧୫୦ରୁ ୨୦୦ଟନ୍ ପିଆଜ ନାସିକରୁ ଆସୁଥିଲା। ମାତ୍ର ଏବେ ଅଧିକ ଆମଦାନୀ ହେଉଥିଲେ ମଧ୍ୟ ଦର ନିୟନ୍ତ୍ରଣ ହେଉନି। ଅହେତୁକ ଦରଦାମ ବୃଦ୍ଧି ଯୋଗୁ ସହରର ପ୍ରାୟ ଦିନ ମଜୁରିଆ ଓ ମଧ୍ୟବିତ୍ତ ପରିବାର ଲୋକେ ଚିନ୍ତାରେ ପଡିଯାଇଛନ୍ତି।

ରାଉରକେଲା ଖୋଲା ବଜାରରେ ଖାଉଟି ଦ୍ରବ୍ୟର ବ୍ୟାପକ କଳାବଜାର ଏବଂ ଶୀତଳ ଭଣ୍ଡାର ଥାଇ ପରିବା ସଂରକ୍ଷିତ ନ ହେବା ଦରବୃଦ୍ଧିର କାରଣ ସାଜୁଥିବା କୁହାଯାଉଛି। ଏଣୁ ଏ ଦିଗରେ ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ସହ କଳବଜାରରେ ଅଙ୍କୁଶ ଲଗାଇବା ଜରୁରୀ ହୋଇପଡିଛି ବୋଲି ମତପ୍ରକାଶ ପାଇଛି। ଏ ନେଇ ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ସଞ୍ଜୟ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲାକୁ ଶନିବାର ୫ଟ୍ରକରେ ୫ଶହ କୁଇଣ୍ଟାଲ ପିଆଜ ଆସିଥିବା ବେଳେ ରବିବାର ମଧ୍ୟ ୫ଶହ କୁଇଣ୍ଟାଲ ପିଆଜ ଆସିଛି। ପିଆଜ ଚଢା ଦରରେ ନାସିକରୁ ଆସୁଛି। ୪/୫ ଦିନ ଆଗରୁ ପିଆଜ କିଲୋ ୬୦ ଟଙ୍କାରେ ବିକ୍ରି କରିବା ନେଇ ଦୋକାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଉ ଦୁଇଦିନ ପରେ ୧୦ଟଙ୍କା କମିବ। ଆଗକୁ ବଜାର ମାନଙ୍କରେ ବର୍ଦ୍ଧିତ ସମସ୍ତ ସାମଗ୍ରୀର ଦରଦାମ ଆକଳନ କରାଯାଇ ଉଚିତ ଦର ଲାଗୁ କରିବା ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାହୁ କହିଥିଲେ।



ଟ୍ରାଫିକ୍ ଗେଟ୍ ପରିବା ବଜାର।

# ବିଶ୍ୱ ମାଣ୍ଡିଆ ଦିବସରେ ଖାଦ୍ୟ ମେଳା, ପ୍ରଦର୍ଶନୀ

ଦେବଗଡ଼,୧୦।୧୧(ଶଶାଙ୍କ ଶେଖର ଝାଙ୍କର)



ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

ଦେବଗଡ ଟାଉନ ହଲଠାରେ ଜିଲା କୃଷି ବିଭାଗ ପକ୍ଷରୁ ବିଶ୍ୱ ମାଣ୍ଡିଆ ଦିବସ ଉପଲକ୍ଷେ ଜିଲାସ୍ତରୀୟ ମାଣ୍ଡିଆ ଦିବସ, ଖାଦ୍ୟ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ବରଣ୍ୟ ଅତିଥି ଅଧ୍ୟକ୍ଷ ରିଆମାଳ ପଞ୍ଚାୟତ ସମିତି ମଧୁସୂଦନ ପ୍ରଧାନ, ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ପୁଷ୍ପାଞ୍ଜଳୀ ପାତ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ,ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବରିଷ୍ଠ ବୈଜ୍ଞାନିକ କୃଷିବିଜ୍ଞାନ କେନ୍ଦ୍ର ମାନସୀ ଭୋଜ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପତ୍ରିବର୍ଷ ନଭେମ୍ବର ୧୦ ତାରିଖକୁ ବିଶ୍ୱ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ମାଣ୍ଡିଆ ଭଳି ଏକ ପୁଷ୍ଟିକର ଖାଦ୍ୟ ଲୋକଙ୍କ ଭିତରେ ଆହୁରି ଆଦୃତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରତି ଜିଲାରେ ଏହି ସ୍ୱତନ୍ତ୍ର ଦିବସକୁ ପାଳନ କରୁଛନ୍ତି। ମାଣ୍ଡିଆରେ ବହୁ ଉପାଦେୟ ଗୁଣ ଭରି ରହିଛି। ମାଣ୍ଡିଆ ଚାଷକୁ ଏକ ଉତ୍ତମ ଜୀବନଜୀବିକା ମାଧ୍ୟମ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କେବଳ ଆଦିବାସୀ କିମ୍ବା ପାହାଡି ଅଞ୍ଚଳରେ ନୁହେଁ ବରଂ ମାଣ୍ଡିଆକୁ ସମସ୍ତେ ବ୍ୟବହାର କରିବା କଥା ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଆଲୋକପାତ କରିଥିଲେ। ପରେ ଜିଲାସ୍ତରରେ ମାଣ୍ଡିଆ ଦିବସ ଉପଲକ୍ଷେ ଛାତ୍ରୀ ଓ ଛାତ୍ର ପୂର୍ବରୁ କରାଯାଇଥିବା ଜଣାଅଜଣା ପରିଯୋଗିତା, ଉତ୍ତମ ମାଣ୍ଡିଆ କୃଷକ, ଉତ୍ତମ ମାଣ୍ଡିଆ ଏସ୍‌ଏଚ୍‌ଜି, ଉତ୍ତମ

## ମାଣ୍ଡିଆ ସମସ୍ତେ ବ୍ୟବହାର କରିବା ଉପରେ ଗୁରୁତ୍ୱ

ଓ ସିଆରପି ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ତିଲେଇବଣି ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ଜିଲାସ୍ତରୀୟ ଶ୍ରୀ ଅନ୍ନ ବ୍ୟଞ୍ଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ମାଣ୍ଡିଆରୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ କରାଯାଇଥିଲା। ସିଏସ୍‌ଡିଆର୍ ସମ୍ପାଦିକା ରିତାରାଣୀ ରାଉତଙ୍କ ସମେତ କୃଷି ବିଭାଗର ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଲିଙ୍ଗରାଜ



@ ମାନସ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ହିଲଟପ୍ କଲୋନୀରେ ପଞ୍ଚୁକ ପୂଜା ଆରମ୍ଭ

ବ୍ରଜରାଜନଗର,୧୦।୧୧(ବିଜୟ ବରାଡ଼)

ଝାରସୁଗୁଡା ଜିଲା ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ହିଲଟଅପ୍ କଲୋନୀରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ତ୍ରିନାଥ ମଣ୍ଡପଠାରେ ପଞ୍ଚୁକ ପୂଜା ଆଡମ୍ବର ସହିତ ଆରମ୍ଭ କରାଯାଇଛି। ରବିବାର କଳସ ସ୍ଥାପନ କରିବା ସହିତ ତ୍ରିନାଥ ଦେବଙ୍କ ଅଧିବାସ ଓ ପୂଜା କରାଯାଇଛି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ମୁକ୍ତେଶ୍ୱର ଭଜନ ମଣ୍ଡଳୀ ଦ୍ୱାରା ଭଜନ ସମାରୋହ, ମଙ୍ଗଳବାର ସୋନପୁରର ଝିଲି ପଟେଲଙ୍କ ପାରାୟଣ କାର୍ଯ୍ୟକ୍ରମ, ବୁଧବାର ବଲାଙ୍ଗୀର ଜିଲାର ପ୍ରୀତିନନ୍ଦା ମିଶ୍ରଙ୍କ ଦ୍ୱାରା ପାରାୟଣ କାର୍ଯ୍ୟକ୍ରମ, ଗୁରବାର ସମ୍ବଲପୁର ପ୍ରସିଦ୍ଧ କୀର୍ତ୍ତନ ଗାୟିକା ଯମୁନା ଭୋଇଙ୍କ ରଙ୍ଗିନ୍ କୀର୍ତ୍ତନ ଓ ଶୁକ୍ରବାର ବରଗଡ଼ ପାରାୟଣ ଗାୟିକା ନମିତା ସାହୁଙ୍କ କାର୍ଯ୍ୟକ୍ରମ ରହିଛି। କଲୋନୀର ତ୍ରିନାଥ ପୂଜା କମିଟି ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରୁଛନ୍ତି।

# ଶବାଦାହ କେନ୍ଦ୍ର ରାସ୍ତା ଶୋଚନୀୟ

ଝାରସୁଗୁଡ଼ା,୧୦।୧୧ (ଆଶିଷ ରଞ୍ଜନ ଦାସ)



ସ୍ମଶାନ ରାସ୍ତା ଉପରେ ଅଳିଆ ଆବର୍ଜନା ପଡିଛି।

ଝାରସୁଗୁଡା ସରବାହାଲ ମୁଖ୍ୟରାସ୍ତାରୁ ଝାରସୁଗୁଡା ମ୍ୟୁନସିପାଲିଟିର ୱାର୍ଡ଼ ନଂ. ୨୨ରେ ଅବସ୍ଥିତ ଥିବା ଶ୍ମଶାନ ବା ଶବାଦାହ କେନ୍ଦ୍ରକୁ ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ଏବଂ ଅବର୍ଜନାମୟ ହୋଇପଡିଛି। ରାସ୍ତା ପାର୍ଶ୍ୱସ୍ଥ ଥିବା ଦୋକାନଗୁଡିକ ତଥା ସହରର ବିଭିନ୍ନ ସ୍ଥାନରୁ ଆବର୍ଜନା ପାଣି ଏହି ରାସ୍ତାରେ ଫୋପଡା ଯାଉଛି। ଫଳରେ ଏହି ରାସ୍ତା ସଦା ସର୍ବଦା ଅଳିଆ ଆବର୍ଜନା ହେଉଛି। ଏପରିକି ସହର ଲୋକମାନେ ଶବଦାହ ପାଇଁ ମୃତଦେହ ନେଇ ଯାଉଥିବା ବେଳେ ମୃତ ବ୍ୟକ୍ତିମାନଙ୍କ ସମ୍ପର୍କୀୟ ବହୁବିଧ ସମସ୍ୟା ସମ୍ମୁଖିନ ହେଉଛନ୍ତି। ପ୍ରକାଶ ଥାଉକି ୱାର୍ଡ ନଂ. ୨୨ରେ ରହିଥିବା ଏହି ଶବଧାର ଗୃହ ଉପରେ ଝାରସୁଗୁଡା ସହରର ସରବାହାଲ, ବଙ୍ଗାଳିପଡା, ମାରୱାଡି ପଡା, ବୁରୋମାଲ, ମଙ୍ଗଳ ବଜାର, ଝଣ୍ଡାଛକ ଏପରିକି ସହରର ଅଧିକ ଲୋକ ନିର୍ଭର କରନ୍ତି। ତୁରନ୍ତ ଏହି ରାସ୍ତା ଅଳିଆଆବର୍ଜନା ମୁକ୍ତ କରିବାକୁ ସହର ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକଙ୍କ ମହଲରେ ଦାବି ହେଉଛି। ଏ ନେଇ ଝାରସୁଗୁଡା ୱାର୍ଡ ନଂ-୩ର ବାସିନ୍ଦା ସନ୍ଦୀପ ପାଣ୍ଡେ କୁହନ୍ତି, ସହରର ସ୍ମଶାନକୁ ଯିବା ପାଇଁ ଏହା ଏକମାତ୍ର ପ୍ରମୁଖ ରାସ୍ତା। ତୁରନ୍ତ ରାସ୍ତାରୁ ଅଳିଆ ଆବର୍ଜନା ହଟା ନ ଗଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି କହିଛନ୍ତି।

# ଆଜିଠୁ ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା

ଦେବଗଡ଼,୧୦।୧୧(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା କ୍ରିକେଟ ଆସୋସିଏଶନ ନିଷ୍ପତ୍ତିକ୍ରମେ ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସୋମବାରଠାରୁ ଆନ୍ତଃ ଜିଲା କ୍ଲବ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଶୁଭାରମ୍ଭ ହେବା କାର୍ଯ୍ୟକ୍ରମ ରହିଛି ବୋଲି କ୍ରିକେଟ ସଂଘ ପକ୍ଷରୁ କୁହାଯାଇଛି। ଏହି ଟୁର୍ନାମେଣ୍ଟରେ ଜିଲାର ଚାରୋଟି ଦଳ ଭାଗ ନେଉଛନ୍ତି। ବମଣ୍ଡା କ୍ରିକେଟ କ୍ଲବ, ଦେବଗଡ଼ କ୍ରିକେଟ କ୍ଲବ, ରାଇଜିଙ୍ଗ ଷ୍ଟାର ଦେବଗଡ଼ ଏବଂ ଫ୍ରେଣ୍ଡସ କ୍ଲବ ବୁଢ଼ାପାଳ ଅଂଶ ଗ୍ରହଣ କରୁଛନ୍ତି। ଏ ନେଇ ପ୍ରସ୍ତୁତି ଚୂଡାନ୍ତ ହେବା ସହ ଖେଳାଳିମାନେ ଅନଲାଇନରେ ରେଜିଷ୍ଟ୍ରେଶନ କରିଥିବା ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଦଳ ଓସିଏ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା କଳାହାଣ୍ଡି କପ୍ କ୍ରିକେଟ ପ୍ରତିଯୋଗିତାରେ ଦେବଗଡ଼ ଜିଲା ପକ୍ଷରୁ ପ୍ରତିନିଧି କରିବ ବୋଲି ଜିଲା କ୍ରିକେଟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ରକ୍ତଦାନ ଶିବିର, ୧୧୧ ୟୁନିଟ ସଂଗୃହୀତ

ସମ୍ବଲପୁର,୧୦।୧୧(ଭବାନୀ ଶଙ୍କର ଭୋଇ)

ରକ୍ତ ଅଭାବକୁ ଦୂର କରିବା ପାଇଁ ହୀରାକୁଦ ଶକ୍ତି କ୍ଲବ ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଭଲିବଲ ଖେଳାଳି ତଥା ସମାଜସେବୀ ପ୍ରଫୁଲ୍ଲ ରାଉତରାୟଙ୍କ ୪୪ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୧୧୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ହିଣ୍ଡାଲକୋର ବହୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ସମୀର ରଞ୍ଜନ ବାବୁ, ବାଲଗୋପାଳ ମିଶ୍ର, ଜଗଦୀଶ ମିଶ୍ର, ପ୍ରଦୀପ ରାଉତରାୟ, ଅନୁପ ମିଶ୍ର, ଜଗନ୍ନାଥ ଚୌଧୁରୀ ଓ ଅଞ୍ଚଳର ଅନେକ ସ୍ୱେଚ୍ଛାସେବୀ ଏହି ଶିବିରରେ ଯୋଗଦେଇଥିଲେ।

# ସରବାହାଲ ରେଲୱେ ଓଭର ବ୍ରିଜ୍
## ସ୍ପିଡ୍ ବ୍ରେକର ଲଗାଇବା ପାଇଁ ଉଠୁଛି ଦାବି

ଝାରସୁଗୁଡ଼ା,୧୦।୧୧(ଆଶିଷ ରଞ୍ଜନ ଦାସ)



ସରବାହାଲ ଓଭର ବ୍ରିଜ୍ ।

ଝାରସୁଗୁଡା ବିଜୁ ଏକ୍ସପ୍ରେସ ରାସ୍ତାଠାରୁ ସହର ଭିତରକୁ ଯିବା ପାଇଁ ସରବାହାଲଠାରେ ରେଲୱେ ଓଭରବ୍ରିଜ ନିର୍ମାଣ କରାଯାଇଛି। ଓଭର ବ୍ରିଜ୍ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଇଛି। ମାତ୍ର ଓଭର ବ୍ରିଜ୍ ମୁଖ୍ୟରାସ୍ତାରେ ସ୍ପିଡ ବ୍ରେକର ଲଗାଯାଇ ନାହିଁ। ଫଳରେ ଓଭର ବ୍ରିଜ୍ ଦେଇ ଯିବା ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ସାବ୍ୟସ୍ତ ହେଉଛି। ଏଥିସହିତ ନବନିର୍ମିତ ଓଭର ବ୍ରିଜ ଅଙ୍କାବଙ୍କା ହୋଇଥିବାରୁ ଅନେକ ସମୟରେ ଉଭୟ ପଟରୁ ଆସୁଥିବା ଯାନବାହନ ମୁହାଁମୁହିଁ ହେଉଛି। ବ୍ରିଜ ନିର୍ମାଣ ହେବାର ବର୍ଷେ ମଧ୍ୟରେ ୨ଜଣ ଲୋକଙ୍କ ମୃତ୍ୟୁ ଘଟି ସାରିଲାଣି। ଏଥିସହ ପ୍ରତ୍ୟେକ ଦିନ ଗୋଟିଏ ନା ଗୋଟିଏ ଦୁର୍ଘଟଣା ମଧ୍ୟ ଘଟୁଛି। ତେବେ ରାସ୍ତାରେ ବୃଦ୍ଧି ପାଉଥିବା ଦୁର୍ଘଟଣା ଦେଖି ସରବାହାଲର ବରିଷ୍ଠ ନାଗରିକ ଏବଂ ଅଞ୍ଚଳର ବୁଦ୍ଧିଜୀବୀ ମହଲଙ୍କ ସମେତ ଆଇନଜୀବୀ ରାମହରି ପୂଜାରୀ ଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ସ୍ପିଡ ବ୍ରେକର, ଓଭରବ୍ରିଜ ଉଭୟ ପାର୍ଶ୍ୱରେ ଏବଂ ମଝିରେ ମଧ୍ୟ ସ୍ପିଡ ବ୍ରେକର ଲଗାଇବା ସହିତ ଓଭରବ୍ରିଜ ଉଭୟ ପାର୍ଶ୍ୱ ଶେଷ ମୁଣ୍ଡରେ ହାଇମାକ୍ସ ଲାଇଟ, ତୁରନ୍ତ ରୋଡରେ ରେଡିୟମ ଲାଇଟିଂ ବ୍ୟବସ୍ଥା କରି ବୃଦ୍ଧି ପାଉଥିବା ଦୁର୍ଘଟଣାକୁ ରୋକାଯିବା ନେଇ ଦାବି କରିଛନ୍ତି।

# ଭାଲୁପାଲି ଉନ୍ନୟନ ପରିଷଦର ସଫେଇ ଅଭିଯାନ

ସମ୍ବଲପୁର,୧୦।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଭାଲୁପାଲି ଉନ୍ନୟନ ପରିଷଦ ପକ୍ଷରୁ ରବିବାର ବୈଦିକ ବିହାରଠାରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ପରିଷଦ ଗଠନ ହେବା ପରଠାରୁ ପ୍ରତି ରବିବାର ନିୟମିତ ଭାବେ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସକାଳ ୭ଟାରୁ ପରିଷଦର ସମସ୍ତ ସଦସ୍ୟ ରାସ୍ତାର ଉଭୟ ପାର୍ଶ୍ୱ ସଫେଇ କରିଛନ୍ତି। ଆଗାମୀ ଦିନରେ ଭାଲୁପାଲିର ଅନ୍ୟାନ୍ୟ ସ୍ଥାନମାନଙ୍କରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ ଆୟୋଜିତ କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ପରିଷଦ ସଭାପତି ଅମୂଲ୍ୟ ମିଶ୍ର, ଉପସଭାପତି ଗତିକୃଷ୍ଣ ପଣ୍ଡା, ବଜରଙ୍ଗ ମୁଣ୍ଡା, ସମ୍ପାଦକ ନିଶିକାନ୍ତ ବିଶ୍ୱାଳ, ଆଶିଷ ସାହୁ, ପଣ୍ଡିତ ଅମରନାଥ ମିଶ୍ର, ରବୀନ୍ଦ୍ର ଦାଶ, ପ୍ରଶାନ୍ତ ନାଥ, ଶିବ ମେହେର, ହରିବନ୍ଧୁ ସେନାପତିଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ। ଆସନ୍ତା ଡିସେମ୍ବର ମାସରେ ଏକ ରକ୍ତଦାନ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

# ଜିଲାସ୍ତରୀୟ କବାଡ଼ି ଚୟନ ଶିବିର

ଦେବଗଡ଼,୧୦।୧୧(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ କବାଡି ଖେଳାଳି ଚୟନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡା ସଂସଦ କବାଡି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚୟନ ପ୍ରକ୍ରିୟାରେ ଜିଲାର ତିନୋଟି ବ୍ଲକ ଓ ସଦର ମହକୁମାରୁ ସର୍ବମୋଟ ୩୭ଜଣ ପୁରୁଷ ଓ ମହିଳା ଖେଳାଳି ଅଂଶ ଗ୍ରହଣ କରିଥିଲେ। ପ୍ରକଶ ଥାଉ କି ଏହି ଶିବିରରୁ ଯେଉଁମାନଙ୍କୁ ଚୟନ କରାଯାଇ ଦେବଗଡ଼ ଜିଲା ଦଳ ଗଠନ କରାଯିବ, ସେମାନେ ଚଳିତ ମାସ ଗଞ୍ଜାମ ଜିଲାର ଅସିକାଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ ରାଜ୍ୟସ୍ତରୀୟ ସିନିୟର୍ କବାଡି ଚାମ୍ପିୟନଶିପ୍‌ରେ ଦେବଗଡ ଜିଲାର ପ୍ରତିନିଧି କରିବେ। ଏହି ଚୟନ ଶିବିରରେ ଚୟନ କର୍ତ୍ତା ଭାବେ ବାତ୍ସଲ୍ୟ କୁମାର ବିଶ୍ୱାଳ ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ନୀରିକ୍ଷକ, ମନୋଜ କୁମାର ଆଚାର୍ଯ୍ୟ କବାଡି ରେଫରୀ ତଥା ବରିଷ୍ଠ କାବଡ଼ି ଖେଳାଳି, କିଶୋର ରାଏ ବରିଷ୍ଠ କବାଡି ଖେଳାଳି, ସୌରଭ କୁମାର ନାଏକ ଶାରିରୀକ ଶିକ୍ଷକ ଦେବଗଡ ମହାବିଦ୍ୟାଳୟ ଓ ବରିଷ୍ଠ ମହିଳା କବାଡି ଖେଳାଳି ବାସନ୍ତୀ ମିସ୍ତ୍ରୀ ଯୋଗଦେଇ ଖେଳାଳି ଚୟନ କରିଥିଲେ। ଏହି ଚୟନ ଶିବିର ଇଂ ସୁଜିତ କୁମାର ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଆଲୋକ ଆମାନ୍ତ, ପ୍ରଦୀପ କୁମାର ଛତ୍ରିଆ, ଇଂ ଭୁବନେଶ୍ୱର ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ବୋଲି ସାଧାରଣ ସମ୍ପାଦକ ଜିଲା କ୍ରୀଡା ସଂସଦ ଧୀରେନ୍ଦ୍ର ନାଏକ ସୂଚନା ଦେଇଛନ୍ତି।



ରାଜ୍ୟସ୍ତରୀୟ ସିନିୟର୍ କବାଡି ଚାମ୍ପିୟନଶିପ୍ ପାଇଁ ଚୟନ ଖେଳାଳି ଏବଂ ଅନ୍ୟମାନେ।

# ନୂଆଁମୁଣ୍ଡା ଫୁଟ୍‌ବଲ ଦଳ ଚାମ୍ପିୟନ

ଦେବଗଡ଼,୧୦।୧୧(ଶଶାଙ୍କ ଶେଖର ଝାଙ୍କର)



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ସରୁଆଳିସ୍ଥିତ ପିବିଡିଏ ଖେଳ ପଡିଆରେ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଜାଡିହି ପିବିଡିଏ କ୍ଲବ ପକ୍ଷରୁ ୧୬ଟି ଫୁଟ୍‌ବଲ ଦଳକୁ ନେଇ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲା ଫପଣ୍ଡ ହାତିଘିଂଚା ଦଳକୁ ୨-୧ ଗୋଲରେ ପରାସ୍ତ କରି ଦେବଗଡ ଜିଲା ନୁଆଁମୁଣ୍ଡା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ଦୀପକ ବେହେରା, ପ୍ରବୀଣ ସାହୁ ଓ ଦିପକ ବିଶ୍ୱାଳ କରିଥିବା ବେଳେ ଭାଷ୍ୟକାର ଭାବେ ସନ୍ତୋଷ ନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ମିଟୁ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ଆୟୋଜକ ପିବିଡିଏ କ୍ଲବ ସମ୍ପାଦକ କର୍ମୁ ନାୟକ ଓ ଉପଦେଷ୍ଟା ପ୍ରଶାନ୍ତ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ସଂକ୍ଷେପରେ

### ହାଇୱା ପଛରେ ପିଟି ବାଇକ୍ ଚାଳକ ମୃତ

ଲାଞ୍ଜିଗଡ, ୧୦।୧୧ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପୋଖରୀବନ୍ଧ ଠାରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ବକଟପୁର ନିକଟରେ ଶନିବାର ବିଳମ୍ବିତ ରାତିରେ ଜଣେ ବାଇକ ଆରୋହୀ ହାଇୱା ପଛରେ ପିଟିହୋଇ ଗୁରୁତର ହୋଇଥିଲେ ଏବଂ ଚିକିତ୍ସିତ ଅବସ୍ଥାରେ ରବିବାର ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଲାଞ୍ଜିଗଡ ବ୍ଲକ ଛତ୍ରପୁର ପଞ୍ଚାୟତ ଟାଙ୍ଗନକଣା ଗାଁର ଦିଲୀପ ମାଝୀ (୨୭) ଶନିବାର କୌଣସି କାମରେ ବାଇକରେ ଭବାନୀପାଟଣା ଯାଇଥିଲେ ଏବଂ କାମ ସରିବାପରେ ଶନିବାର ବିଳମ୍ବିତ ରାତିରେ ନିଜ ଗାଁକୁ ଫେରୁଥିବା ସମୟରେ ବକଟପୁର ନିକଟରେ ବ୍ରେକ ଡାଉନ ହୋଇ ରାସ୍ତା କଡରେ ଛିଡ଼ା ହୋଇଥିବା ହାଇୱା ପଛରେ ବାଡେଇ ହୋଇ ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ । ଏ ସମ୍ପର୍କରେ ଖବରପାଇ ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମଙ୍କ ନେତୃତ୍ୱରେ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରଯାଇଥିଲା।

### ଫେବୃଆରୀ ୪ରୁ ୮ ଖଡ଼ିଆଳ ମହୋତ୍ସବ

ଖଡ଼ିଆଳ, ୧୦।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଅଞ୍ଚଳର ଲୋକକଳା, ଲୋକ ସାହିତ୍ୟ ଓ ଲୋକ ପରମ୍ପରାର ପୁନଃରୁଦ୍ଧାର ପାଇଁ ପାଳନ ହୋଇଆସୁଛି ଖଡ଼ିଆଳ ମହୋତ୍ସବ। ଚଳିତ ବର୍ଷ ଏହା ୧୯ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ଚଳିତବର୍ଷ ଖଡ଼ିଆଳ ମହୋତ୍ସବ ୨୦୨୫ ପାଳନ ନେଇ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ପ୍ରସ୍ତୁତି ବୈଠକ ମହୋତ୍ସବ ପାଳନ କମିଟିର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଥିବାବେଳେ ଆୟୋଜକ କମିଟି ସମ୍ପାଦକ ସୁନୀଲ କୁମାର ସାହୁ ଗତ ୨୦୨୪ ମହୋତ୍ସବ ପାଳନର ସଫଳତା ସାଙ୍ଗକୁ ଆୟବ୍ୟୟ ଉପରେ ସୂଚନା ଦେଇଥିଲେ। ପରେ ଆଗାମୀ ୨୦୨୫ ମହୋତ୍ସବ ପାଳନର ରୂପରେଖ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଆସନ୍ତା ଫେବୃଆରୀ ୪ଠାରୁ ୮ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ସହିତ ମହୋତ୍ସବକୁ ସଫଳତାର ସହ ଆୟୋଜନ କରିବା ପାଇଁ ଏକ ଆୟୋଜକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପୁଣି ଥରେ ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ଭାବେ ସୁନୀଲ କୁମାର ସାହୁ, ମୁଖ୍ୟ ସଂଯୋଜକ ନିମାଇଁ ଚରଣ ତାଣ୍ଡି, ସହ ସମ୍ପାଦକ ଭାବେ ଗିରିଧାରୀ ବିଭାର, କୋଷାଧକ୍ଷ ଛବି ସାଗର, ଉପ ସଭାପତି ସୁଶାନ୍ତ ତାଣ୍ଡିଙ୍କୁ ମନୋନୀତ କରାଯାଇଛି। ଏହା ସହିତ ମହୋତ୍ସବକୁ ଠିକ ଭାବରେ ପାଳନ କରିବା ପାଇଁ ଆଗାମୀ ଦିନରେ ବିଭିନ୍ନ ବିଭାଗର ଉପ କମିଟି ଗଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର ଉପଦେଷ୍ଟା ଏନଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ମେଜର ରାମଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ, ସତୀଶ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ଅମରେଶ ପଟ୍ଟନାୟକ, ସୁଶାନ୍ତ କୁମାର ବିଶି ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ



ବିକାଶ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

## ବିକାଶର ବାର୍ଷିକୋତ୍ସବ ହାର୍ଭେଷ୍ଟ ୨୦୨୪

ଭବାନୀପାଟଣା, ୧୦।୧୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ 'ହାର୍ଭେଷ୍ଟ ୨୦୨୪ ଶନିବାର ସନ୍ଧ୍ୟାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଓ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ଡ. ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଡି. ନାଗେଶର ରାଓ, ପରିଚାଳନା ମଣ୍ଡଳୀ ସଦସ୍ୟ ଡି.ଭି.ଭି. ସତ୍ୟନାରାୟଣ, ଡି.ପ୍ରତାପ, ଡି.ସୁରଜ , ଡିନ ପିତାମ୍ବର ଦାସ , ଡିନ ଆର.ଏସ.ଭି. କ୍ରିଷ୍ଣା, ବରଗଡ଼ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଡ଼.ପୂର୍ଣ୍ଣେନ୍ଦୁ ମିଶ୍ର, ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଶିକ୍ଷା ପ୍ରଭାରୀ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ଆଦିତ୍ୟ କୁମାର ପଟ୍ଟନାୟକ, ବିବିଏ, ବିସିଏ ବିଭାଗ ଅଧ୍ୟକ୍ଷ ଡ.ସୁଦୀପ୍ତ ଜେନା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ,ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, କଣ୍ଟାବାଞ୍ଜି ଲକ୍ଷ୍ମୀ ବିକାଶ ଟେକ୍ନୋ ସ୍କୁଲର ଅଧ୍ୟକ୍ଷ ବିଶ୍ୱରଞ୍ଜନ ରାୟ, ଜୟପୁର ଲକ୍ଷ୍ମୀ ବିକାଶ ଗ୍ଲୋବାଲ ସ୍କୁଲ ଅଧ୍ୟକ୍ଷ ଦେବାଶିଷ ବ୍ରହ୍ମା, ଏଡମିନିଷ୍ଟ୍ରେଟିଭ ଅଫିସର ଗୋପାଳ ସାବତ, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଜେନେରାଲ ମ୍ୟାନେଜର ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ ଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବାସ୍କେଟ ବଲ ଓ ବ୍ୟାଡମିଣ୍ଟନ କୋର୍ଟରେ ଶୁଭ ଉଦଘାଟନ ହୋଇଥିଲା। ବିଶିଷ୍ଟ ଅତିଥି ଡ଼. ଶ୍ୟାମ ସୁନ୍ଦର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଉପଯୁକ୍ତ ଶିକ୍ଷା ଦ୍ୱାରା ଏ ସୃଷ୍ଟିର ରହସ୍ୟକୁ ଜାଣିବାକୁ ସକ୍ଷମ ହେବା ବୋଲି ଅଭିମତ ପ୍ରକାଶ କରିଥିଲେ। ଚେୟାରମ୍ୟାନ ଡି.ନାଗେଶ୍ୱର ରାଓ ତାଙ୍କ ବକ୍ତବ୍ୟରେ କଳାହାଣ୍ଡି ମାଟିରେ ଶିକ୍ଷାର ପ୍ରସାର ଦିଗରେ ଗୁରୁତ୍ୱାରୋପ କରିଥିଲେ । ନିର୍ଦ୍ଦେଶକ ଡି.ଶ୍ୟାମ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର ବିଦ୍ୟାର୍ଥୀଙ୍କ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ ନର୍ସିଂ କଲେଜର ବାର୍ଷିକ ବିବରଣୀ ପଠନ କରିଥିବାବେଳେ ଅଧ୍ୟକ୍ଷ ଡ଼. ଆଦିତ୍ୟ କୁମାର ପଟ୍ଟନାୟକ ଅଧ୍ୟକ୍ଷ ଡ଼.ସୁଦୀପ୍ତ ଜେନା, ଅଧ୍ୟକ୍ଷ ଯୁବରାଜ ନାୟକ ଅଧ୍ୟକ୍ଷା ଆରତି ମିଶ୍ର ନିଜ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପରିଚାଳନା କରିଥିଲେ। ଶିକ୍ଷା ପ୍ରଭାରୀ ଡି.ବିଜୟା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ବିଦ୍ୟାର୍ଥୀଙ୍କ ଦାରା ୩୨ଟି ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

# ଖଟିଆରେ ବୁହାହେଲେ ଗର୍ଭବତୀ

## ରାସ୍ତା ଖରାପ ଯୋଗୁ ଯାଇପାରିଲାନି ଆମ୍ବୁଲାନ୍ସ

ଥୁଆମୂଳ ରାମପୁର, ୧୦।୧୧ (ଦୁର୍ଗା କିର୍ତ୍ତୀ)

କଳାହାଣ୍ଡିରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ରାସ୍ତା ଖରାପ ଯୋଗୁ ଗାଁକୁ ଯାଇ ପାରିଲାନି ୧୦୮ ଆମ୍ବୁଲାନ୍ସ। ଅଧବାଟରେ ଅଟକି ରହିବାରୁ ଆମ୍ବୁଲାନ୍ସ କର୍ମଚାରୀମାନେ ମାନବିକତା ଦେଖାଇ ୨ କିମି ଗର୍ଭବତୀଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ଗର୍ଭବତୀଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏଭଳି ଘଟଣା ଦେଖିବାକୁ ମିଳିଛି ରବିବାର କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର କାଣିଗୁମା ପଞ୍ଚାୟତ ଚିକ୍ରାଗୁଡା ଗ୍ରାମରେ। ଏହି ଗ୍ରାମର ଓଲାଙ୍ଗ ମାଝୀ ନାମକ ଜଣେ ମହିଳାଙ୍କୁ ପ୍ରସବ ବେଦନା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଗ୍ରାମକୁ ଆସି ନ ପାରି ୨କିମି ଦୂରରେ ଅଟକି ରହିଥିଲା। ଆମ୍ବୁଲାନ୍ସ କର୍ମଚାରୀ ବିକାଶ ଲହଜଲ, ରାଜକିଶୋର ମାଝୀ ଓ ଜଗନ୍ନାଥ ନାଏକ ଗ୍ରାମକୁ ଯାଇ ଗର୍ଭବତୀଙ୍କୁ ଖଟିଆରେ ବୋହି ଆଣିଥିଲେ।



ଗର୍ଭବତୀଙ୍କୁ ଖଟିଆରେ ବୋହି ନେଉଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ।

# ଟେରାକୋଟା କାରିଗରଙ୍କୁ ସମ୍ବର୍ଦ୍ଧନା

ନୂଆପଡା, ୧୦।୧୧ (ମକାରୁ ବେମାଲ)

ନୁଆପଡା ସଦର ବ୍ଲକ ସିଳଦା ଗାଁ କୁରାଳ ସମାଜ ଜିଲା କାର୍ଯ୍ୟାଳୟଠାରେ ରବିବାର ପଶ୍ଚିମ ଓଡିଶା କୁରାଳ (କୁମ୍ଭାର) ସମାଜ ସଂଘ ନୂଆପଡା ପକ୍ଷରୁ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ନୂତନ ଟେରାକୋଟା କାରିଗରମାନଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଛି। କୁରାଳ ସମାଜ ଜିଲା ସଭାପତି ଇନ୍ଦଲ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପୁଷ୍ପରଞ୍ଜନ ସାହୁ ମୁଖ୍ୟଅତିଥି, ସମ୍ପାଦକ ଓମ ପ୍ରକାଶ ରଣା, ବିଶ୍ୱନାଥ ରଣା, ଘୂନେଶ୍ୱର ରଣା, ପିତାମ୍ବର ରଣା, ମେଲୁ ରଣା, ଅମିତ କୁମାର ରଣା, ଲଳିତ ରଣା, ପିଣ୍ଟୁ ପାଣ୍ଡେ, ଲଳିତ ପାଣ୍ଡେ, ରାମଜୀ ପାଣ୍ଡେ, କହ୍ନେୟା ପାଣ୍ଡେ, ଖେଲୁ ପାଣ୍ଡେ, କୁଶଳ ପାଣ୍ଡେ, ଲଖନ ରଣା, ରାମ କୁମାର ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲାରେ କୁମ୍ଭାର ମାନଙ୍କ ପାଇଁ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ମହିଳାମାନଙ୍କୁ ଟେରାକୋଟା କାରିଗର ଭାବରେ ବିଭିନ୍ନ ପ୍ରକାର ତାଲିମ ଦେଇ ସ୍ୱାବଲମ୍ବୀ କରିବା ପାଇଁ ହାତକୁ ଅନେକ କାର୍ଯ୍ୟକ୍ରମ ନେଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଜିଲାରେ ୯୦ ଜଣ ତାଲିମପ୍ରାପ୍ତ ମହିଳାଙ୍କୁ ସରକାର ସ୍ୱୀକୃତି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା କୁରାଳ ସମାଜ ପାଇଁ ଗର୍ବ ଓ ଗୌରବ। ସେହି ସମ୍ବର୍ଦ୍ଧିତ ମହିଳାମାନଙ୍କୁ ରବିବାର ଏକ ସଭା ଆୟୋଜନ କରି କୁରାଳ ସମାଜ ପକ୍ଷରୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଜନକ ପାଣ୍ଡେ, କନତ ପାଣ୍ଡେ, ଟପଇଲେନ ରଣା, ତିଳକ ରାମ ରଣା, ବାସୁଦେବ ରଣା, ବ୍ରଜବନ୍ଧୁ ରଣା, ଚନ୍ଦ୍ରଧ୍ୱଜ ରଣା, ପ୍ରଦେଶୀ ରଣା, ବବି ରଣା, ଥିଳା ରଣା, ଯଶୋଦା ରଣା ପ୍ରମୁଖ ଆୟୋଜନ କରିଥିଲେ।

# ଜିଲାସ୍ତରୀୟ ମାଣ୍ଡିଆ ଦିବସ




ମାଣ୍ଡିଆ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୂଆପଡା, ୧୦।୧୧ (ମକାରୁ ବେମାଲ)

ସ୍ଥାନୀୟ ପୋଲିସ ପଡିଆରେ ରବିବାର ଜିଲାସ୍ତରୀୟ ମାଣ୍ଡିଆ ଦିବସ, ଖାଦ୍ୟ ମେଳା ଓ ପ୍ରଦର୍ଶନୀ ବା ଓଡିଶାର ଶ୍ରୀଅନ୍ନ ଓ ପାରମ୍ପାରିକ କୃଷି ଐତିହ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲାପାଳ ମଧୁସୁଦନ ଦାସ ମୁଖ୍ୟ ଅତିଥି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି ଓ ନୂତନ ଭାବରେ ଜିଲାକୁ ଆସିଥିବା ୧୨ ଜଣ ପ୍ରଶାସନ ଅଧିକାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜୈବିକ ଚାଷ ପ୍ରଣାଳୀ, ଶ୍ରୀପ୍ରଣାଳୀ, ଜିଆଖତ, ମାଣ୍ଡିଆ ଉପରେ ଆଲୋକପାତ କରିଥିଲେ । ଆଗ କାଳରେ ଲୋକେ ମାଣ୍ଡିଆ ଚାଷ କରି ତୋରାଣି କରି ଖାଉଥିଲେ । ମାଣ୍ଡିଆରେ ଅନେକ ପ୍ରକାର ରୋଗ ପ୍ରତିଷେଧକ ଗୁଣ ରହିଥିବାରୁ ଆଗକାଳର ଲୋକେ ଶହେ ବର୍ଷ ବଞ୍ଚି ମଧ୍ୟ ନିରୋଗ ହୋଇ ରହୁଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ମାଣ୍ଡିଆ ଦିବସରେ ମାଣ୍ଡିଆ ତିଆରି ଷ୍ଟଲମାନ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ଜିଲା କୃଷି ଅଧିକାରୀ ଦୀପ୍ତିମୟୀ ବାରିକ, ବ୍ଲକ କୃଷି ଅଧିକାରୀ ସତ୍ୟଭୂଷଣ ନାଗ, ଦୁଃଖିରାମ ଗୁଡ୍ଡୁ, ସୁଧାଂଶୁ ମେହେର, ଅତିରିକ୍ତ କୃଷି ଅଧିକାରୀ ଆଶିଷ ମେହେର, ବର୍ଷା ଆଜାଦ, ତପସ୍ୱିନୀ ମାଝି ପ୍ରମୁଖ ଆୟୋଜନ କରିଥିବା ବେଳେ ଦୀପାଶ୍ରୀ ମଣ୍ଡଳ ଓ ନରସିଂ ଜଗତ ମଞ୍ଚ ପରିଚାଳନା କରିଥିଲେ।

## କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର ବାର୍ଷିକ ସାଧାରଣ ସଭା

ଭବାନୀପାଟଣା, ୧୦।୧୧ (ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହର ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ସଭା ଗୃହଠାରେ ରବିବାର କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା କ୍ରୀଡା ସଂସ୍ଥା ସହିତ ଅନୁବନ୍ଧିତ ସମସ୍ତ ଅନୁଷ୍ଠାନର ପ୍ରତିନିଧି, ଆଜୀବନ ସଭ୍ୟ ଓ ବାର୍ଷିକ ସଭ୍ୟ ଯୋଗଦେଇଥିଲେ। ଗତବର୍ଷ ଅନୁଷ୍ଠିତ ହୋଇଥିବା ବାର୍ଷିକ ସାଧାରଣ ସଭାର ପ୍ରୋସେଡିଙ୍ଗ ରିପୋର୍ଟ, ବାର୍ଷିକ ବିବରଣୀ, ଅଡିଟ୍ ରିପୋର୍ଟ ଓ ୨୦୨୪ -୨୫ ମସିହାର ଟେଣ୍ଟେଟିଭ ବଜେଟକୁ ସଭାରେ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। ସେହିପରି ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୟନ ହେବାକୁ ଥିବା କ୍ରୀଡ଼ା ନୀତିରେ ରାଜ୍ୟ ଓ ଜିଲା ସ୍ତରର ବେସରକାରୀ କ୍ରୀଡା ସଙ୍ଗଠନମାନଙ୍କର ଆର୍ଥିକ ଓ ଖେଳ ଭିତ୍ତିଭୂମିର ଉନ୍ନତି ସକାଶେ ଗୁରୁତ୍ୱ ଦେବା ପାଇଁ ସରକାରଙ୍କୁ ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ଅନୁରୋଧ କରିଥିଲେ। ସଂସ୍ଥାର ଉପସଭାପତି ରାମ କୁମାର ଜୈନ ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କୁ ଶିକ୍ଷକଙ୍କ ସମସ୍ୟା ନେଇ ଦାବିପତ୍ର

କୋକସରା, ୧୦।୧୧
(ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଲ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ (ଏଓପିଟିଏ) ପକ୍ଷରୁ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଢଯୋଷୀଙ୍କୁ ସାକ୍ଷାତକରିଥିଲେ। କୋକସରା ବ୍ଲକରେ ରହିଥିବା ଶିକ୍ଷକଙ୍କ ସମସ୍ୟାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସଂଘର ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷକ ସଞ୍ଜୀବ କୁମାର ପାଢୀ, ଜିଲା ଏନପିଏସ ସମ୍ପାଦକ ବୈକୁଣ୍ଠ ଜାଲ, ସାଧାରଣ ସମ୍ପାଦକ ବେଣୁଧର ନାଏକ, ସହ ସମ୍ପାଦକ ସନାତନ ପଣ୍ଡା, ମିଡିଆ କୋଡ଼ିନେଟର ଈଶ୍ୱରୀ ପ୍ରସାଦ ଅଗସ୍ତିଙ୍କ ଉପସ୍ଥିତିରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଲକ୍ଷ୍ମୀବସ୍ ସହ ଟ୍ରାକ୍ଟର ଧକ୍କା

କୋକସରା, ୧୦।୧୧ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ଲକ୍ଷ୍ମୀ ବସଷ୍ଟାଣ୍ଡ ନିକଟରେ ରବିବାର ଅପରାହ୍ନ ୪ଟାରେ ଲକ୍ଷ୍ମୀବସ ଓ ଟ୍ରାକ୍ଟର ଦୁର୍ଘଟଣା ଘଟିଥିଲା। ସର୍ଗିଗୁଡ଼ା ପଟରୁ ଖୁଣ୍ଟିଆ ଗ୍ରାମଦେଇ ଆସୁଥିବା ଲକ୍ଷ୍ମୀ ବସକୁ ମିର୍ଜାପୁର ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରାକ୍ଟର ସାଇଡ ଦେବା ବେଳେ ବସର ଗୋଟିଏ ପାର୍ଶ୍ୱରେ ପିଟିହୋଇ ପାଖ ଜମିରେ ଓଲଟି ପଡିଥିଲା। ଟ୍ରାକ୍ଟର ଚାଳକ ଖଗେଶ୍ୱର ନାଗ (୩୦) ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

## ଦୁଇ ବାଇକ୍ ଧକ୍କା: ଜଣେ ମୃତ

ନର୍ଲା, ୧୦।୧୧ (ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଚିପୂଲ ନାଳ ବାଇପାସ ରାସ୍ତା ନିକଟରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୪ଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଚିକିତ୍ସା ହେଉଥିବାବେଳେ ଜଣେ ମୃତ୍ୟୁବରଣ କରିଥିଲେ। ମୃତ ଯୁବକ ଜଣକ ବଡଟିଟିଙ୍ଗ ଗ୍ରାମର ହେମରାଜ ବାଗ (୨୫)। ସୂଚନା ମୁତାବକ ହେମରାଜ ଗାଡି ନଂ ଓଡ଼ି ୦୮ଭି ୨୪୦୨ ଯୋଗେ ନର୍ଲା ଠାରୁ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ କ୍ଷିପ୍ର ଗତିରେ ଆସି ଓଡ଼ି ୦୮ ଜି ୪୩୯୫ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ କରିଥିଲା। ଦୁର୍ଘଟଣାରେ ଚାରି ଜଣ ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ନର୍ଲା ପୋଲିସ ଓ ଦମକଳ ବାହୀନି ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ମୃତଙ୍କ ପରିବାର ପକ୍ଷରୁ ନର୍ଲା ଥାନାରେ ଅଭିଯୋଗ କରାଯାଇଛି।

# ମାଣବସା ଲକ୍ଷ୍ମୀ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ



କୋକସରା, ୧୦।୧୧
(ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

ମାଣବସା ଗୁରୁବାର ପୂଜନୋତ୍ସବ ପାଇଁ ରବିବାର କଳାହାଣ୍ଡି ଜିଲା କୋକସରା ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ପୂଜନୋତ୍ସବ ପୂର୍ବ ନିର୍ଦ୍ଧାରିତ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ମାଟି ଅନୁକୂଳ ପାଇଁ ରେଙ୍ଗାଲପାଲିସ୍ଥିତ ମୁଣ୍ଡରା ନଦୀ ପଠାରେ ପଣ୍ଡିତ ଶ୍ରୀପତି ଠାକୁରଙ୍କ ପୂଜାର୍ଚ୍ଚନାରେ ପୂଜାକର୍ତ୍ତା ଭାବେ ପୀତବାସ ରାଉତ ମାଟି ଅନୁକୂଳ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା କମିଟି ପକ୍ଷରୁ ସଭାପତି କୈଳାସ ଚନ୍ଦ୍ର ଦାସ, ସମ୍ପାଦକ ମୋକ୍ଷରାମ ପ୍ରଧାନୀ, ଉପସଭାପତି ଲଳିତ ଶବର, ସହ ସମ୍ପାଦକ ବସନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନୀ, ରାମନାରାୟଣ ପ୍ରଧାନୀ, ରମେଶ ଶବର, ଆଦିତ୍ୟ ପ୍ରଧାନୀ, ଲଳିତ ମୋହନ ପ୍ରଧାନୀ, ଅଶୋକ ପଟ୍ଟନାୟକ, ଦେବ ପଟ୍ଟନାୟକ, ଗୁଲୁଚୁନ ପ୍ରଧାନୀ, ହରିହର ମାଝୀ, ସଚିନ ପ୍ରଧାନୀ, ଆକାଶ ନାୟକ, ସେବାୟତ କବି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ

ପଲମ, ୧୦।୧୧ (ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧିନସ୍ଥ ମୁସ୍କୁଟି ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଭୂତେଶ୍ୱର ଶୈବ ପୀଠରେ ରୁପ୍ରା ମଣ୍ଡଳର ଭାଜପା କର୍ମୀମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମଣ୍ଡଳ ଅଧିନରେ ଥିବା ରୁପ୍ରା, ମୁସ୍କୁଟି, ଗିଗିନା ଟକର୍ଲା, ପଲମ, ଘୋଡ଼ାବନ୍ଧ, ଭାନପୁର, ଭିମକେଲା, ପଞ୍ଚାୟତର ଭାଜପା କର୍ମୀ ଉପସ୍ଥିତ ରହିଥିଲେ। ନର୍ଲା ମଣ୍ଡଳର ଅନିରୁଦ୍ଧ ପଧାନ, ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକ, ସଂଯୋଜକ ନିରଞ୍ଜନ ଯୋଷି, ରୁପ୍ରା ମଣ୍ଡଳର ମନ୍ମୟ ଚାନ୍ଦ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଧନୁର୍ଜୟ ବାରିକ, ଯୁବମୁର୍ଚ୍ଚା ସଭାପତି ଦିନେଶ ସାହୁ, ସାଧାରଣ ସମ୍ପାଦକ ନବୀନ ପଧାନ, ରାଜୀବଲୋଚନ ପୋଡ୍, ଗୁଣନିଧି ସାହୁ, ବଳରାମ ଭୋଇ, ଡାକ ଋଷି ସାହୁ, ହିରୋ ମହଲା, ଦିଲ୍ଲୀପ ନାଏକ, ଅନେଶର ମାହାର ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବଳରାମ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଭାଜପା ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# କଳାହାଣ୍ଡିରେ ହେବ ୧୦୦ ଶଯ୍ୟାବିଶିଷ୍ଟ ମଲ୍ଟି ହସ୍ପିଟାଲ

ଭବାନୀପାଟଣା, ୧୦।୧୧ (ଉତ୍ତମ କୁମାର ଦାଶ)




କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଡ. ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

## କିମ୍ସ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

କଳାହାଣ୍ଡି ଜିଲା ଭବାନୀପାଟଣାବ୍ଲକ ବାଦିଲିଠାରେ ଥିବା କିସ ଆବାସିକ ବିଦ୍ୟାଳୟ ପରିସରରେ ଶନିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକ୍ରମେ ଗ୍ରାମାଞ୍ଚଳ ସହ ପାହାଡିଆ ଅଞ୍ଚଳରେ ରହିଥିବା ଲୋକଙ୍କ ନିକଟରେ ସେବା ପହଞ୍ଚାଇବା ଲକ୍ଷ୍ୟରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ (କିମ୍ସ) ପକ୍ଷରୁ ଏହି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସିଡିଏମଓ ନିହାରେନ୍ଦ୍ର ପଣ୍ଡା, ଆଇନଜୀବୀ ପ୍ରିୟରଞ୍ଜନ ବହିଦାର, ପ୍ରାଧ୍ୟାପକ ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ କିମ୍ସର ବିଭିନ୍ନ ବିଭାଗର ୧୦୦ରୁ ଉର୍ଦ୍ଧ୍ୱ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେ। ଏଥିରେ ଲୋକମାନଙ୍କୁ ଚିକିତ୍ସା ପରାମର୍ଶ ସହ ବିନାଦେୟରେ ଔଷଧ ବଣ୍ଟନ ଓ ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା ମଧ କରାଯାଇଥିଲା। ଜିଲାର ୧୩ଟି ବ୍ଲକରୁ ୪ହଜାରରୁ ଉର୍ଦ୍ଧ୍ୱ ରୋଗୀ ଯୋଗ ଦେଇ ଚିକିତ୍ସାର ସୁଯୋଗ ନେଇଥିଲେ। ପରେ କିଟ କିସ ଓ କିମ୍ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ପହଞ୍ଚି ଲୋକଙ୍କୁ ଠିକ ଭାବରେ ସେବା ପାଉଛ କି ବୋଲି ପଚାରିବା ସହ ବହୁତ ଶୀଘ୍ର କଳାହାଣ୍ଡି ଜିଲାରେ କିମ୍ସର ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ହସପିଟାଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କିସର ଛାତ୍ରୀମାନଙ୍କୁ ଭେଟି ଭଲମନ୍ଦ ପଚାରି ବୁଝିବା ସହ ସମସ୍ତଙ୍କୁ ଫଳ ବଣ୍ଟନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କିସ୍‌ର ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନଙ୍କ ସମେତ ଶିକ୍ଷକ ଓ ଅଣଶିକ୍ଷକ କିସର ବିକାଶ ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ସ୍କୁଟି-ହାଇଓ୍ୱା ଧକ୍କା: ଜଣେ ମୃତ, ୨ ଗୁରୁତର

ହେମଗିର,୧୦।୧୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଛେଙ୍ଗାପାହାଡ ଗୁଞ୍ଜାର ପ୍ରବେଶ ରାସ୍ତା ନିକଟରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଦୁର୍ଘଟଣା ଘଟିଛି। ଏକ ଦଶଚକିଆ ହାଇଓ୍ୱା ଗାଡ଼ି ସହିତ ସ୍କୁଟିର ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଗୁଞ୍ଜାଡିହି ଗ୍ରାମର ଆଲୋକ ଧୁଆ(୨୫)। ଆହତ ଦ୍ୱୟ ହେଲେ ଗଜନଯୋର ଗ୍ରାମର ଯୌତି ସତନାମୀ(୨୦) ଓ ନିଖିଲ ଏକ୍କା। ଏହି ୩ଜଣ ଏକ ସ୍କୁଟି ଓଡି ୨୩ଆର ୬୭୬୬ ଯୋଗେ ଛେଙ୍ଗାପାହାଡଠାରୁ ବାହାରି ହେମଗିର ପଟେ ଯାଉଥିବା ସମୟରେ ବସୁନ୍ଧରା ପଟୁ ଆସୁଥିବା ଏକ ହାଇଓ୍ୱା ଗାଡି ଓଡି୧୬ଏଫ ୧୬୬୯ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସ୍କୁଟିରେ ଥିବା ୩ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଖବରପାଇ ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଲୋକଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଯୌତିଙ୍କୁ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ହେମଗିର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମୃତ ଛାତ୍ରୀଙ୍କ ଘରକୁ ଗଲେ ବିଧାୟକ

ବନ୍ଧମୁଣ୍ଡା, ୧୦।୧୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ଏ-ସେକ୍ଟରସ୍ଥିତ ମୁଖି ବସ୍ତି ଠାରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଆତ୍ମହତ୍ୟା ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ରବିବାର ମୃତକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିଥିଲେ। ବିଧାୟକ ମୃତ ଛାତ୍ରୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ସମୟରେ ସ୍ଥାନୀୟ ବିଜେଡି କର୍ମୀମାନେ ବିଧାୟକଙ୍କ ସହ ଉପସ୍ଥିତ ଥିଲେ।

# ନିର୍ଭୁଲ ଭୋଟର କାର୍ଡ ପାଇବା ଉପରେ ଗୁରୁତ୍ୱ



ସୁନ୍ଦରଗଡ଼ ଗସ୍ତ ସମୟରେ ଅଧିକାରୀମାନଙ୍କ ସହ ପର୍ଯ୍ୟବେକ୍ଷକ ଭୂପିନ୍ଦର ସିଂ ପୁନିଆ।

- ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ
- ଇଲେକ୍ଟୋରାଲ ରୋଲର ଜିଲା ପର୍ଯ୍ୟବେକ୍ଷକଙ୍କ ସୁନ୍ଦରଗଡ଼ ଗସ୍ତ

ସୁନ୍ଦରଗଡ଼, ୧୦।୧୧(ଜୟ ନାରାୟଣ ମେଣ୍ଡୁଲି)

ଇପିକଲର ପରିଚାଳନା ନିର୍ଦ୍ଦେଶକ ତଥା ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲା ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନିମନ୍ତେ ପର୍ଯ୍ୟବେକ୍ଷକ ଭୂପିନ୍ଦର ସିଂ ପୁନିଆ ରବିବାର ସୁନ୍ଦରଗଡ଼ ଗସ୍ତରେ ଆସିଥିଲେ।

ଏହି ଗସ୍ତ ସମୟରେ ସେ ଜିଲାର କିଛି ବୁଥକୁ ପରିଦର୍ଶନ କରିଥିଲେ। ଜିଲାର ବୁଥ ସଂଖ୍ୟା ୧୯୯, ୨୦୦, ୨୦୧ ପରିଦର୍ଶନ କରିଥିଲେ ଏବଂ ବିଏଲଓ ମାନଙ୍କ ସହିତ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

ପରେ ସର୍କିଟ ହାଉସଠାରେ ଅଧିକାରୀ ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ପର୍ଯ୍ୟବେକ୍ଷକ ପୁନିଆ ଭୋଟର କାର୍ଡର ନକଲ, ଭୋଟର କାର୍ଡରେ ନାମ ସଂଯୋଗିକରଣ, କୌଣସି ଭୋଟରଙ୍କର ମୃତ୍ୟୁ ହୋଇଥିଲେ, ଝିଅମାନେ ବିବାହ କରି ଅନ୍ୟ ସ୍ଥାନରେ ରହୁଥିଲେ ବା ଭୋଟରଙ୍କର ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିକରଣ ଆଦି କ୍ଷେତ୍ରରେ ଭୋଟର କାର୍ଡକୁ ବାଦ ଦେବା, କାର୍ଡରେ କୌଣସି ଭୁଲ ଥିଲେ ତାହାକୁ ସଂଶୋଧନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଭୋଟରମାନେ କିଭଳି ଭାବେ ନିର୍ଭୁଲ ଭୋଟର କାର୍ଡ ପାଇପାରିବେ ତାହା ଉପରେ ଆଲୋଚନା କରାଯାଇଥିଲା। ଏହି ସବୁ ନିମନ୍ତେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ମତାମତ ମଧ୍ୟ ନେଇଥିଲେ। ସେହିଭଳି ପର୍ଯ୍ୟବେକ୍ଷକ ପୁନିଆ ଜିଲାରେ ଚାଲିଥିବା ଭୋଟର ସଚେତନତା କାର୍ଯ୍ୟକ୍ରମ ଉପରେ ପଚାରି ବୁଝିଥିଲେ ଏବଂ ବିଭାଗୀୟ ଅଧିକାରୀମାନଙ୍କ ନିୟମିତ କ୍ଷେତ୍ର ପରିଦର୍ଶନ ଏବଂ ବୁଥସ୍ତରୀୟ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ, ବିଜେଡି ପକ୍ଷରୁ ଜୟ ନାରାୟଣ ତ୍ରିପାଠୀ, ଭାଜପାର ପ୍ରତିନିଧି ପ୍ରଭାତ କୁମାର ନନ୍ଦ ଏବଂ କଂଗ୍ରେସ ତରଫରୁ ଅଜିତ ପ୍ରସାଦ ଓ ପର୍ଶୁରାମ ସରାଫ ଉପସ୍ଥିତ ଥିଲେ।

## ମଦର ମରିୟମଙ୍କ ପ୍ରତିମୂର୍ତ୍ତି ସ୍ଥାପିତ



ମଦର ମରିୟମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।

ବନ୍ଧମୁଣ୍ଡା, ୧୦।୧୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ କ୍ୟାଥୋଲିକ ଚର୍ଚ୍ଚ ସମ୍ମୁଖରେ ମଦର ମରିୟମଙ୍କ ଗୋଟିଏ ପ୍ରତିମୂର୍ତ୍ତି ରବିବାର ସ୍ଥାପନ କରାଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ପ୍ରାର୍ଥନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଚର୍ଚ୍ଚର ଲୋକମାନେ ଅଂଶଗ୍ରହଣ କରିଥିଲେ। ଗୋରେଟୋ ଉଦ୍‌ଘାଟନ କରିବା ସମୟରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିବା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଅଞ୍ଚଳର ଲୋକଙ୍କ ସୁଖ ଓ ଶାନ୍ତି ପାଇଁ ମାତା ମରିୟମଙ୍କୁ ପ୍ରାର୍ଥନା କରିଥିଲେ। ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଚର୍ଚ୍ଚ ଫାଦର ଜୋସେଫ ପାଇସ କହିଛନ୍ତି, ଖ୍ରୀଷ୍ଟିଆନ ଧର୍ମରେ ମାତା ମରିୟମ ହେଉଛନ୍ତି ଅସୀମ ପ୍ରେମର ପ୍ରତୀକ। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାତା ମରିୟମ ସମସ୍ତ ଲୋକଙ୍କ ଇଚ୍ଛା ପୂରଣ କରିଥାନ୍ତି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡା କ୍ୟାଥଲିକ ଚର୍ଚ୍ଚରେ ୧୯୫୩ ମସିହାରେ ଗୋରେଟୋ ନିର୍ମାଣ ହୋଇଥିଲା। ଯେଉଁଥିରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକଙ୍କ ଚେଷ୍ଟା କ୍ରମେ ମାତା ମରିୟମଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚର୍ଚ୍ଚର ସହାୟକ ଫାଦର ଆଲବିନୁଶ ଏକ୍କା, ଫାଦର୍ ହରମନ ମିଞ୍ଜ, ଫାଦର ରେମେଜିଅସ ସୋରେନଙ୍କ ସହ ବିଜେଡିର ଚନ୍ଦନ ତରାଇ, ଡି ଅଭିକ କୁମାର, ମେରି ଟପ୍ପୋ, ଜନ ଭେଙ୍ଗ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ୪୦ ଯୁବତୀଯୁବକଙ୍କୁ କୋଚିଂ ସୁବିଧା

ରାଉରକେଲା,୧୦।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଧାସଳଖ ପ୍ରଭାବ ଜୋନ ଅଞ୍ଚଳରେ ରହୁଥିବା ବଞ୍ଚିତ ଶ୍ରେଣୀ ଯୁବବର୍ଗଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ସିଏସ୍‌ଆର ପଦକ୍ଷେପ ସ୍ୱରୂପ ପ୍ରକଳ୍ପ ସମର୍ଥ ଅଧୀନରେ ଦ୍ୱିତୀୟ ବ୍ୟାଚ୍ ଯୁବତୀ ଯୁବକଙ୍କୁ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ୱତନ୍ତ୍ର ନିଯୁକ୍ତି କୋଚିଂ ପାଇଁ ପଠାଯାଇଛି। ଆର୍‌ଏସ୍‌ପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ସିଜିଏମ୍ ଆନନ୍ଦ କୁମାର ଏକ ସ୍ୱତନ୍ତ୍ର କୋଚିଂ ପାଠ୍ୟକ୍ରମ ପାଇଁ ରାଉରକେଲା ଓ ନିକଟବର୍ତ୍ତୀ ଅଞ୍ଚଳର ୪୦ଜଣ ଛାତ୍ରୀଛାତ୍ରମାନଙ୍କୁ ନେଇ ଯାଉଥିବା ବସ୍‌କୁ ସେକ୍ଟର-୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ ଏବଂ ଆର୍‌ଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆନନ୍ଦ କୁମାର କହିଥିଲେ, ଆର୍‌ଏସ୍‌ପି ପାର୍ଶ୍ୱାଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ତାଲିମ ଦେବା ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ। ଯେଉଁମାନେ ବୈଷୟିକ ଶିକ୍ଷା ହାସଲ କରିଛନ୍ତି କିନ୍ତୁ ନିଜର ପସନ୍ଦର ଚାକିରି ପାଇବାକୁ ସକ୍ଷମ ନୁହନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସେମାନଙ୍କୁ ଏକ ମଞ୍ଚ ପ୍ରଦାନ କରିବାକୁ ଇଚ୍ଛା ରଖିଛୁ। ଏହା ମାଧ୍ୟମରେ ଯୁବବର୍ଗ କିପରି ନିଜ ପ୍ରତିଭା ପ୍ରଦର୍ଶନ କରିବେ ଏବଂ ରୋଜଗାରକ୍ଷମ ହୋଇପାରିବେ ତଥା ସମାଜରେ ସକରାତ୍ମକ ଅବଦାନ ଦେବେ ସେଥିପାଇଁ ଆମେ ଲକ୍ଷ୍ୟ ରଖିଛୁ। ପ୍ରାରମ୍ଭରେ ସିଏସ୍‌ଆର ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ୍ ମିତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସିଏସ୍‌ଆର ବିଭାଗ ଏଜିଏମ୍ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର ବିଭାଗର ମ୍ୟାନେଜର ସୁଶ୍ରୀ ରିଚା ସୁଧିରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଗୋଷ୍ଠୀରେ ୨୦ଜଣ ଆଇଟିଆଇ ଡିଗ୍ରୀଧାରୀ ଏବଂ ଫିଟର, ଇଲେକ୍ଟ୍ରିସିଆନ, ମେଶିନ, ସିଭିଲ, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ଭଳି ବିଭିନ୍ନ ବିଷୟର ୨୦ଜଣ ଡିପ୍ଲୋମାଧାରୀ ସାମିଲ ହୋଇଛନ୍ତି।



କୋଚିଂ ପାଇଁ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱର ପଠାଯାଉଛି।

## ବାଇକ୍ -ଟ୍ରେଲର ଧକ୍କା: ଜଣେ ମୃତ

ହେମଗିର,୧୦।୧୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଗଜନବାହାଲ ପାର୍କିଂ ନିକଟରେ ରବିବାର ଏକ ବାଇକ୍ ଓ ଟ୍ରେଲର ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ଗଜନବାହାଲ ଗ୍ରାମର ପପୁ ଅମାତ(୨୫)। ମିଳିଥିବା ସୂଚନା ଅନୁସାରେ ପପୁ ବାଇକ ଯୋଗେ ପାର୍କିଂ ନିକଟରେ ଯାଉଥିବା ସମୟରେ ଅପର ପକ୍ଷରୁ ଆସୁଥିବା ଏକ ଟ୍ରେଲର ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ପପୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ରାସ୍ତାରୋକୋ କରିଥିଲେ। ହେମଗିର ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିବାର ସୂଚନା ମିଳିଛି।

## ସୁନ୍ଦରଗଡ଼-ପୁରୀ ଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର କୋଚ୍ ବସ୍ ପ୍ରତ୍ୟାହାର ନେଇ ପ୍ରତିକ୍ରିୟା

ସୁନ୍ଦରଗଡ଼, ୧୦।୧୧(ଜୟନାରାୟଣ ମେଣ୍ଡୁଲି)

ଜଗନ୍ନାଥ ଏକ୍ସପ୍ରେସ ସ୍ଲିପର କୋଚ ସୁନ୍ଦରଗଡରୁ ପ୍ରତ୍ୟାହାରକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ପ୍ରେସ ବିବୃତ୍ତିରେ ସୁନ୍ଦରଗଡ ଜିଲା ମହିଳା ବିଜେଡି ସଭାପତି ରଞ୍ଜନା ପଣ୍ଡା ଓ ବିଜୁ ଛାତ୍ର ଜନତାଦଳର ସେହେବାଜ ହୁସେନ ନିଜ ପ୍ରତିକ୍ରିୟା ରଖିଛନ୍ତି। ମନ୍ତବ୍ୟରେ ଓଡ଼ିଶା ସରକାରଙ୍କ ଏହି ପରିବର୍ତ୍ତନଶୀଳ ମନୋଭାବକୁ ଗଭୀର ନିନ୍ଦା କରିଛନ୍ତି। ସୁନ୍ଦରଗଡ଼ରୁ ପୁରୀକୁ ସିଧାସଳଖ ବସ କିମ୍ବା ରେଳ ସେବା ନ ଥିବାରୁ ପୂର୍ବତନ ବିଜେଡି ସରକାର ଏହାକୁ ହୃଦବୋଧ କରି ଏହି ବସର ଚଳାଚଳ ଆରମ୍ଭ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଏହି ଜିଲାର ଗରିବ ଜନତାଙ୍କ ସୁବିଧା ପାଇଁ ଏହି ବସ ସେବା ଆରମ୍ଭ କରିଥିଲେ। ଯଦ୍ୱାରା ସାଧାରଣ ଲୋକ ସୁରୁଖୁରୁରେ ଜଗନ୍ନାଥ ଧାମକୁ ଯାଇ ପ୍ରଭୁଙ୍କ ଦର୍ଶନ କରିପାରୁଥିଲେ। ଚଳିତମାସ ୮ରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଏହି ନିଷ୍ପତ୍ତି ସମସ୍ତ ସୁନ୍ଦରଗଡବାସୀଙ୍କୁ ଚକିତ କରିଦେଇଛି। ସୁନ୍ଦରଗଡ଼ବାସୀଙ୍କ ପ୍ରତିବାଦକୁ ସମର୍ଥନ ଜଣାଇ ସ୍ଥାନୀୟ ବିଧାୟକ ସିଂହ ଓଡ଼ିଶା ସରକାରଙ୍କ ପରିବହନବିଭାଗ ମନ୍ତ୍ରୀ ଓ ରାଜ୍ୟ ଆଞ୍ଚଳିକ ପରିବହନ ନିଗମର ଏମ.ଡିଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାରେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ, ବସ ସେବାକୁ ପ୍ରତ୍ୟାହାର କରାଯିବ ନାହିଁ। କିନ୍ତୁ ଦୁଃଖର ବିଷୟ ନଭେମ୍ବର ୯ରେ ଅନ୍‌ଲାଇନ ଟିକେଟ ବୁକିଂ ବନ୍ଦ ହୋଇଯାଇଛି। ୧୦ ତାରିଖରେ ଜାଣିବାକୁ ମିଳିଲା ଜଗନ୍ନାଥ ଏକ୍ସପ୍ରେସ ସ୍ଲିପର ବସ ସେବାକୁ ସରକାର ବନ୍ଦ କରିଦେଇଛନ୍ତି।

## ଜମି କିଣାବିକାରେ ଠକେଇ, ୨ ଗିରଫ

ରାଉରକେଲା,୧୦।୧୧(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ବିସ୍ରା ଥାନା ରିଞ୍ଜୁ ଅଞ୍ଚଳରେ ଘରବାଡି ଜମି କିଣାବିକାକୁ ନେଇ ଠକେଇ ହୋଇଥିବା ଝିରପାଣି ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ରବିବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରିଞ୍ଜୁର ରୋହିତ ତ୍ରିପାଠୀ(୪୭) ଓ ଦଲପୋଷ ଗ୍ରାମର ଗିରିଜା ଶଙ୍କର ଶତପଥୀ(୪୯)। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୬୭/୨୪) ରୁଜୁ କରିଛି। ଛେଣ୍ଡ ଅଞ୍ଚଳର ସରିତା ନାୟକଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ରେ ରିଞ୍ଜୁ ଗ୍ରାମର ଗୋଲାପ ଖଣ୍ଡାୟତଙ୍କ ମୋଟ୍ ୨ ଏକର ୬୦ ଡେସିମିଲ୍ ଜମିରୁ ୧ ଏକର ଜମିକୁ ରୋହିତଙ୍କ ଜରିଆରେ ୮୫ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ସରିତା ୮ଲକ୍ଷ ଟଙ୍କା ଅଗ୍ରୀମ ରାଶି ପ୍ରଦାନ କରିଥିଲେ। ଏହାପରେ ଜମି ମାଲିକ ବାରମ୍ବାର ଜମି ପଞ୍ଜୀକରଣ ପାଇଁ ଚାପ ପକାଉଥିବା ବେଳେ ୨୦୨୧ରେ ସରିତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ଫଳରେ ସେ ଜମି କିଣିବା ପାଇଁ ବଳକା ଟଙ୍କା ପୈଠ କରିପାରି ନ ଥିଲେ। ଏହାର ସୁଯୋଗ ନେଇ ଜମିମାଲିକ ଓ ମଧ୍ୟସ୍ଥମାନେ ଅନ୍ୟ ଜଣଙ୍କୁ ଉକ୍ତ ଜମି ବିକ୍ରି କରିଦେଇଥିଲେ। ଏପରିକି ସରିତାଙ୍କ ଅଗ୍ରୀମ ରାଶି ଫେରସ୍ତ ମଧ୍ୟ କରି ନ ଥିଲେ। ଫଳରେ ଗତ ଅକ୍ଟୋବର ୩୦ ତାରିଖରେ ସରିତା ଝିରପାଣି ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ବର୍ତ୍ତମାନ ଜମି ମାଲିକ ଓ ଅନ୍ୟ ଜଣେ ବ୍ୟକ୍ତି ଫେରାର ଅଛନ୍ତି ବୋଲି ପୋଲିସ କହିଛି।

## ସିପିଆଇଏମ୍ ଆଞ୍ଚଳିକ କମିଟିର ସମ୍ମିଳନୀ

ଲହୁଣୀପଡ଼ା, ୧୦।୧୧(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା କଲ୍ୟାଣ ମଣ୍ଡପ ଠାରେ ରବିବାର ସିପିଆଇଏମ୍ ଆଞ୍ଚଳିକ କମିଟି ଡିଲେଶ୍ୱର ମଞ୍ଚଠାରେ ଦଶମ ପାର୍ଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଜାହାଙ୍ଗିର ଅଲ୍ଲୀ, ସଭ୍ୟ ସୁରେନ୍ଦ୍ର ଦାସ, କୋଇଡ଼ା(କ)ଜିଲା ପରିଷଦ ସଭ୍ୟା ଶୁଶିଳା ମୁଣ୍ଡା, ଶସ୍ୟକଳା ପଞ୍ଚାୟତ ସମିତି ସଭ୍ୟା ଅନିତା ଦୀପ୍ତି ମୁଣ୍ଡା, କୁରଡ଼ା ପଞ୍ଚାୟତ ସମିତି ସଭ୍ୟ ନୃପମଣି କିଷାନ, ଶଙ୍ଖପୋଷ ପଞ୍ଚାୟତ ସରପଞ୍ଚ ପ୍ରେମାନାଥ ମୁଣ୍ଡା, ଲହୁଣୀପଡା ସରପଞ୍ଚ ନେଲସନ ହେମ୍ବ୍ରମ, ଖୁଣ୍ଟଗାଁ ଆଞ୍ଚଳିକ କମିଟି ସମ୍ପାଦକ ସମୀର କୁମାର ନାଏକ, ଲହୁଣୀପଡା ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୂର ମାହାନ୍ତ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଦଳୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ଲାଲ ବାହାଦୂର ମାହାନ୍ତ ପରିଚୟ ଓ ରିପୋର୍ଟ ଉପସ୍ଥାପନା କରିଥିଲେ। ସମ୍ପାଦକଙ୍କ ପ୍ରଦାନ ରିପୋର୍ଟ ଉପରେ ଅନିତା ଦୀପ୍ତି ମୁଣ୍ଡା, ଜିତେନ୍ଦ୍ର ସିଂ, ବାବୁରାମ ମାହାନ୍ତ, ଦୁର୍ଯ୍ୟୋଧନ ମାହାନ୍ତ, ପୂର୍ଣ୍ଣଚନ୍ଦ୍ର ଭୂମିଜ ପ୍ରମୁଖ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଉପରେ କ୍ଷୋଭ ପ୍ରକାଶ କରିବା ସହିତ ଆଞ୍ଚଳିକ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରାଯିବ ବୋଲି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ। ପାର୍ଟିର ସଙ୍ଗଠନକୁ ସୁଦୃଢ କରିବା ପାଇଁ ସଭ୍ୟ ସଂଖ୍ୟା ବୃଦ୍ଧି କରିବା ସହିତ ଯୁବ, ଛାତ୍ର, ମହିଳା, କୃଷକ, ଆଦିବାସୀମାନଙ୍କୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ସିପିଆଇଏମ୍ ଆଞ୍ଚଳିକ କମିଟିର ସମ୍ପାଦକ ଭାବେ ପୁନର୍ବାର ଲାଲ ବାହାଦୂର ମାହାନ୍ତ ନିର୍ବାଚିତ ହୋଇଥିଲେ। ସୌଭାଗ୍ୟ ରଞ୍ଜନ ରାଉତ, ନିକୁଞ୍ଜ ସିଂ, ସୁରେଶ ଚନ୍ଦ୍ର ମାହାନ୍ତ, ଚଳତ ପଣ୍ଡା, ଗୁନୁ ଜୟସ୍ୱାଲ, ପ୍ରେମ କିଶୋର ଠାକୁର, ରାଜକୁମାର ଠାକୁର, ପ୍ରଭାତ ମାହାନ୍ତ, ମନ୍ମଥ ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଭା ଶେଷରେ ପୂର୍ଣ୍ଣଚନ୍ଦ୍ର ଭୂମିଜ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ ମେଳା: ୫୬ ପ୍ରକଳ୍ପ ପ୍ରଦର୍ଶିତ

ବଡ଼ଗାଁ, ୧୦।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଗ୍ରାମ ନିକଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏହି ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ୫୬ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବଡ଼ଗାଁ ହାଇସ୍କୁଲର ଶିକ୍ଷକ ନିରଞ୍ଜନ ତ୍ରିପାଠୀ,ଏକମା ହାଇସ୍କୁଲର ପ୍ରଧାନ ଶିକ୍ଷକ ଜ୍ୟୋତିଷ ପ୍ରଧାନ, ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସଞ୍ଜୁ କିଷାନ ପ୍ରମୁଖ ପ୍ରଦର୍ଶିତ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସୁରେଶ କିଷାନ, ଭେଷଜ ସିଂ ନାଏକ, ରୋହିତ ମାଝୀ, ମାଧୁରୀ ବେଗ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଅନ୍ୱେଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓସିପିଏଲ୍ ପକ୍ଷରୁ କୋଇଲା ଖଣିରେ ବିସ୍ଫୋରକ ବ୍ୟବହାର ସମ୍ପର୍କିତ କର୍ମଶାଳା



ଭୁବନେଶ୍ୱର,୧୦।୧୧ (ଅନୁରାଧା ମହାରଣା)

ସୁନ୍ଦରଗଡ଼ରେ ଥିବା ଓସିପିଏଲ୍‌ର ମନୋହରପୁର କୋଇଲା ଖଣିରେ ଭୁବନେଶ୍ୱରର ଡିଜିଏମ୍‌ଏସ୍ ରିଜିଅନ-୨ର ତତ୍ତ୍ୱାବଧାନରେ ସୁରକ୍ଷିତ ସଂରକ୍ଷଣ, ପରିବହନ, ନିୟନ୍ତ୍ରଣ ଏବଂ ଖଣିରେ ବିସ୍ଫୋରଣ ପାଇଁ ବିସ୍ଫୋରକ ବ୍ୟବହାର ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଭିନ୍ନ କୋଇଲାଖଣି କମ୍ପାନୀ ଯଥା ଏମସିଏଲ୍, ଏନ୍‌ଏଲ୍‌ସିଏଲ, ଏନ୍‌ଟିପିସି, ବେଦାନ୍ତ, ଓସିପିଏଲ୍, ସୋଲାର, ଆଦାନୀ, ବିଜିଆର୍ ମାଇନିଂ ଆଣ୍ଡ ଇନ୍‌ଫ୍ରା ଲିମିଟେଡ଼, ସୈନିକ ମାଇନିଂ ଆଦିର ଏଜେଣ୍ଟ, ପରିଚାଳକ, ସୁରକ୍ଷା ଅଧିକାରୀ, ବ୍ଲାଷ୍ଟିଂ ଅଫିସର, ବ୍ଲାଷ୍ଟିଂ କ୍ରୁ, ଇଞ୍ଜିନିୟର, ବିସ୍ଫୋରକ ଯୋଗାଣକାରୀଙ୍କ ସମେତ ପ୍ରାୟ ୧୩୦ଜଣ ଯୋଗଦେଇଥିଲେ।

ଖଣି ଭିତରେ ସୁରକ୍ଷିତ ବିସ୍ଫୋରଣ ପାଇଁ ବିସ୍ଫୋରକ ସାମଗ୍ରୀ ସଂରକ୍ଷଣ, ପରିବହନ ଏବଂ ପରିଚାଳନା ସମୟରେ କାର୍ଯ୍ୟକାରୀ ହେବାକୁ ଥିବା ସୁରକ୍ଷା ପାରାମିଟର ଉପରେ ଉପନିର୍ଦ୍ଦେଶକ(ଖଣି) ଉଲିମେଲା ଶିବଶଙ୍କର ଓ ଉପନିର୍ଦ୍ଦେଶକ (ମେକାନିକାଲ) ରବିନ୍ଦର ବୋଷ୍ଟା ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ। ଏହି କର୍ମଶାଳାରେ ପିପିଇର ବ୍ୟବହାର, ତାଲିମ ଏବଂ ସାର୍ଟିଫିକେଟ, ଭର୍ଚୁଆଲ ରିଅଲିଟିରେ କାର୍ଯ୍ୟକାରିତା ତଥା ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ଅଗମେଣ୍ଟେଶନ ରିଅଲିଟି ତାଲିମ, ପତ୍ରିକା ଗୃହର ଯାଞ୍ଚ, ବିସ୍ଫୋରକ ଭ୍ୟାନ ଓ ବିଏମଡି ଯାନ, ଦକ୍ଷ ମାନବ ଶକ୍ତି, ଖଣି ଅଞ୍ଚଳରେ ମୋବାଇଲର ସୀମିତ ବ୍ୟବହାର, ଇଲେକ୍ଟ୍ରୋନିକ ଡିଟୋନେଟର ବ୍ୟବହାର, ବଜ୍ରପାତରୁ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଦିଗରେ ଆଲୋଚନା କରାଯାଇଥିଲା। ନିକଟ ଅତୀତରେ ଘଟିଥିବା ଖଣି ବିସ୍ଫୋରଣଜନିତ ବିଭିନ୍ନ ଦୁର୍ଘଟଣା ଏବଂ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସୁରକ୍ଷିତ ବିସ୍ଫୋରଣ ଅଭ୍ୟାସକୁ ନିଶ୍ଚିତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ସମସ୍ୟା ସମାଧାନ ହେଉ ନ ଥିବାରୁ ଉଦ୍‌ବେଗ

ସୁନ୍ଦରଗଡ଼,୧୦।୧୧(ଜୟନାରାୟଣ ମେଣ୍ଡୁଲି)




ସିପିଆଇର ସାଧାରଣ ବୈଠକରେ କର୍ମକର୍ତ୍ତା।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଏକ ସାଧାରଣ ବୈଠକ ରବିବାର ସଦର ବ୍ଲକର କିରେଇଠାରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଦର ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରୁ ସିପିଆଇର ସଦସ୍ୟମାନେ ଯୋଗ ଦେଇଥିଲେ। ସଦର ବ୍ଲକ ଜିଲା ସଦର ମହକୁମା ନିକଟରେ ଥିଲେ ମଧ୍ୟ ଏହି ବ୍ଲକରେ ନାନାବିଧ ଜନସମସ୍ୟା ଦୀର୍ଘ ଦିନ ହେଲା ସମାଧାନ ହୋଇପାରୁନାହିଁ ବୋଲି ବୈଠକରେ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଜଙ୍ଗଲ ଜମି ଅଧିକାର, ସାମାଜିକ ସୁରକ୍ଷା ଆଦି ପ୍ରତ୍ୟେକ ବିଷୟରେ ଆଲୋଚନା ହୋଇଥିଲା। ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ (ୟୁଏମପିପି) ପାଇଁ ହୋଇଥିବା ଜମି ଅଧିଗ୍ରହଣର ୧୦ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ଶିଳ୍ପାନୁଷ୍ଠାନ ନ ହେବା ଓ ଏବେ ଏମ୍‌ସିଏଲ ଦ୍ୱାରା ତାପଜ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରାଗଲେ ନିୟମାନୁଯାୟୀ ପୁନଃ ଜମି ଅଧିଗ୍ରହଣ କରିବା ପାଇଁ ଦାବି ଉଠାଇବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଅଶୋକ କୁମାର ଦାଶ, ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ରାଜ୍ୟ ପରିଷଦର ସଦସ୍ୟ ତଥା ବିସ୍ଥାପନ ଓ ପ୍ରଦୂଷଣ ବିରୋଧୀ ନେତା ରାଜେନ୍ଦ୍ର ନାଏକ, ଅଖିଳ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ସଦର ବ୍ଲକର ଜନସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏଥିପାଇଁ ଜନଜାଗରଣ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ପବିତ୍ର ବାଘ ଆବାହକ ରହିଥିଲା ବେଳେ ମିଶ୍ର ବାଘ, ଲକ୍ଷ୍ମୀଧର ଡେଲକି, ଭଗବାନ ସା, ରୋମାଞ୍ଚ ପୃଷେଠ, ଦୁଲାର ବାଗ, ମଦନ କିଷାନ, ଦିଲୀପ ମୁଣ୍ଡା, ନିରଞ୍ଜନ ସା, ଶିବଲାଲ ବଗୁଆର, ଭକ୍ତଚରଣ ନାଏକ ପ୍ରମୁଖ ସଭ୍ୟ ରହିଛନ୍ତି। ବ୍ଲକର ନାନାବିଧ ସମସ୍ୟାର ସମାଧାନ ପାଇଁ ଆଗାମୀ ଦିନରେ ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନା ସହ ଆବଶ୍ୟକ ପଡିଲେ ଜନଆନ୍ଦୋଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ସିପିଆଇର ସାଧାରଣ ବୈଠକ

# କ୍ୟାନ୍‌ସର : କାରଣ, ସତର୍କତା



ଡା. କ୍ଷୀତିଶ ଚନ୍ଦ୍ର ମିଶ୍ର

''କ୍ୟାନ୍‌ସର ହେଉଛି ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ହେଲେ ଏହା ଜୀବନ ପ୍ରତି ବିପଦପୂର୍ଣ୍ଣ ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରୋଗର ପ୍ରାରମ୍ଭିକ ଲକ୍ଷଣ ବିଷୟରେ ଜାଣିପାରିଲେ ବିଳମ୍ବ ନ କରି ତୁରନ୍ତ ତଥା ଠିକ୍ ସମୟରେ ଚିକିତ୍ସା କରାଇନେଲେ କ୍ୟାନ୍‌ସରରୁ ଆରୋଗ୍ୟ ମିଳିଥାଏ। ଏହି କଥାଟିକୁ ସମସ୍ତେ ମନେରଖିବା ଯେ, କ୍ୟାନ୍‌ସର ଏକ ଡିଆଁ ରୋଗ ନୁହେଁ। କ୍ୟାନ୍‌ସର ରୋଗୀଙ୍କ ସହ ରହିଲେ, ତାଙ୍କୁ ଛୁଇଁଲେ, ସେମାନଙ୍କର ଜିନିଷପତ୍ର ବ୍ୟବହାର କଲେ କ୍ୟାନ୍‌ସର ହୋଇ ନ ଥାଏ। ଆମ ରାଜ୍ୟରେ କ୍ୟାନ୍‌ସରର ସମସ୍ତ ଚିକିତ୍ସା ଉପଲବ୍ଧ। ଅନ୍ୟପକ୍ଷରେ କ୍ୟାନ୍‌ସର ରୋଗର ଚିକିତ୍ସା ପାଇଁ ଆମ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି।''





ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଆମ ରାଜ୍ୟରେ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାର କେତେକ କାରଣ ମଧ୍ୟ ରହିଛି। ଅଧିକାଂଶ ବ୍ୟକ୍ତି କ୍ୟାନ୍‌ସର ରୋଗର ଲକ୍ଷଣକୁ ପ୍ରାଥମିକ ସ୍ତରରେ ଜାଣିପାରନ୍ତି ନାହିଁ। କେବଳ ସେତିକି ନୁହେଁ, ସେଭଳି ଲକ୍ଷଣକୁ ଗୁରୁତ୍ୱର ସହ ନ ନେଇ ଅବହେଳା କରିଥାଆନ୍ତି। ଏହା ଫଳରେ କ୍ୟାନ୍‌ସର ରୋଗ ବଢ଼ିଯାଏ ଏବଂ ଅଧିକ ଦିନ ଚିକିତ୍ସା କରିବାକୁ ପଡ଼ିଥାଏ। ବେଳେବେଳେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ତେଣୁ ଆମେ ଯଦି କ୍ୟାନ୍‌ସର ଲକ୍ଷଣକୁ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା, ଡାକ୍ତରଙ୍କ ପରାମର୍ଶରେ ସମସ୍ତ ଡାକ୍ତରୀ ପରୀକ୍ଷା କରାଇନେବା ଏବଂ ଆବଶ୍ୟକ ପଡିଲେ ଠିକ୍ ଚିକିତ୍ସା କରାଇନେବା, ତେବେ ଆମେ ମଧ୍ୟ ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ଭଳି ଏକ ସାଧାରଣ ଜୀବନ ଅତିବାହିତ କରିପାରିବା। ତେଣୁ ଏହି ରୋଗର କାରଣ ସମ୍ପର୍କରେ ଆସନ୍ତୁ ଜାଣିବା। କାରଣ ଏ ବିଷୟରେ ଜଣେ ଭଲ ଭାବରେ ଅବଗତ ହେବା ନିହାତି ଦରକାର।

**ଜିଭ, ପାଟିରେ ଘା'**

ଆପଣଙ୍କ ଜିଭ, ପାଟିରେ ଘା' ହୋଇଛି କି? ଯଦି ହଁ, ତେବେ ଏହା ଚିକିତ୍ସା ପରେ ସମ୍ପୂର୍ଣ୍ଣ ଭାବରେ ଶୁଖି ଯାଇଛି ତ? ଯଦି ଘା' ଶୁଖୁ ନାହିଁ ତେବେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କାରଣ ଏହା ହୁଏତ କ୍ୟାନ୍‌ସରର କାରଣ ହୋଇପାରେ। ଅନ୍ୟପକ୍ଷରେ ବେକରେ ଆବୁ ପରି ଫୁଲିବା, ସ୍ୱର ପରିବର୍ତ୍ତନ ହେବା, ଖାଦ୍ୟ ଢୋକିବାରେ ଅସୁବିଧା ହେବାକୁ ଅବହେଳା କରନ୍ତୁ ନାହିଁ। ଏସବୁ ବିଷୟରେ ଜାଣିବାକୁ ପାଇଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଏଗୁଡିକୁ କ୍ୟାନ୍‌ସରର ପ୍ରାରମ୍ଭିକ ଲକ୍ଷଣ ଭାବରେ ଗଣାଯାଇଥାଏ।

**ସ୍ତନରେ ଗୋଟା ଭଳି ଅନୁଭବ ହେବା**

ଯଦି ଆପଣଙ୍କର ସ୍ତନ କିମ୍ବା କାଖରେ ଗୋଟା ଭଳି ଅନୁଭବ ହେଉଛି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏହା ସହିତ ସ୍ତନର ଆକାର ପରିବର୍ତ୍ତନ ହେବା, ନିପଲ ଭିତରକୁ ପଶିଯିବା, ନିପଲରୁ ତରଳ ପଦାର୍ଥ ବାହାରିବା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ସହ ଯେତେ ଶୀଘ୍ର ପରାମର୍ଶ କରିବେ ସେତେ ଭଲ।

**ଅସ୍ୱାଭାବିକ ରକ୍ତସ୍ରାବ ହେବା**

ମେନୋପୋଜ୍ ବା ଋତୁସ୍ରାବ ବନ୍ଦ ହେବା ପରେ ମଝିରେ ମଝିରେ ରକ୍ତସ୍ରାବ ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହା ସହିତ ଶାରୀରିକ ସମ୍ପର୍କ ପରେ ରକ୍ତସ୍ରାବ ହେବା, ଅଧିକ ଯନ୍ତ୍ରଣା ହେବା ଏବଂ ଯୌନାଙ୍ଗରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା କ୍ୟାନ୍‌ସରର ଲକ୍ଷଣ ହୋଇପାରେ।

**ଝାଡ଼ାରେ ପରିବର୍ତ୍ତନ**

ଯଦି ଆପଣଙ୍କ ଝାଡ଼ାରେ ପରିବର୍ତ୍ତନ ହେଉଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ହଠାତ୍ ପତଳା ଝାଡ଼ା ହେବା କିମ୍ବା ହଠାତ୍ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେବା ଝାଡ଼ାରେ ରକ୍ତ ପଡ଼ିବା କ୍ୟାନ୍‌ସର ରୋଗର ଲକ୍ଷଣ ହୋଇପାରେ।

**ଖାଇବାକୁ ଇଚ୍ଛା ନ ହେବା**

ସବୁବେଳେ ପେଟ ଫୁଲିଲା ଭଳି ଅନୁଭବ ହେବା, ଖାଇବାକୁ ଇଚ୍ଛା ନ ହେବା, ଅତ୍ୟଧିକ ହାଲିଆ ଲାଗିବା ସହିତ ହଠାତ୍ ଓଜନ କମିଗଲେ ବିଳମ୍ବ ନ କରି ଯେତେଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଏହା ହୁଏତ କ୍ୟାନ୍‌ସରର ପ୍ରମୁଖ ଲକ୍ଷଣ ହୋଇପାରେ।

**ବାରମ୍ବାର କାଶ ହେବା**

ପାଖାପାଖି ତିନି ସପ୍ତାହରୁ ଅଧିକ ସମୟ ଧରି କଫ ଲାଗି ରହିବା, କାଶରେ ପରିବର୍ତ୍ତନ, କଫରେ ରକ୍ତ ପଡ଼ିବା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେଲେ ଡେରି ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**କଳାଜାଇ ଆକାର ପରିବର୍ତ୍ତନ**

କଳାଜାଇ, ଭାତୁଡ଼ିର ଆକାର, ରଙ୍ଗ ଏବଂ ସଂଖ୍ୟାରେ ପରିବର୍ତ୍ତନ କ୍ୟାନ୍‌ସରର ଲକ୍ଷଣ ହୋଇପାରେ। ଏହା ସହିତ ଯଦି ସେଥିରୁ ରକ୍ତସ୍ରାବ ହେଉଛି ତେବେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ଏ ବିଷୟରେ ପରାମର୍ଶ କରନ୍ତୁ।

**କ୍ୟାନ୍‌ସର ଚିକିତ୍ସା ସମ୍ଭବ**

କ୍ୟାନ୍‌ସର ହେଉଛି ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ହେଲେ ଏହା ଜୀବନ ପ୍ରତି ବିପଦପୂର୍ଣ୍ଣ ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରୋଗର ପ୍ରାରମ୍ଭିକ ଲକ୍ଷଣ ବିଷୟରେ ଜାଣିପାରିଲେ ବିଳମ୍ବ ନ କରି ତୁରନ୍ତ ତଥା ଠିକ୍ ସମୟରେ ଚିକିତ୍ସା କରାଇ ନେଲେ କ୍ୟାନ୍‌ସରରୁ ଆରୋଗ୍ୟ ମିଳିଥାଏ। ଏହି କଥାଟିକୁ ସମସ୍ତେ ମନେରଖିବା ଯେ, କ୍ୟାନ୍‌ସର ଏକ ଡିଆଁ ରୋଗ ନୁହେଁ। କ୍ୟାନ୍‌ସର ରୋଗୀଙ୍କ ସହ ରହିଲେ, ତାଙ୍କୁ ଛୁଇଁଲେ, ସେମାନଙ୍କର ଜିନିଷପତ୍ର ବ୍ୟବହାର କଲେ କ୍ୟାନ୍‌ସର ହୋଇ ନ ଥାଏ। ଆମ ରାଜ୍ୟରେ କ୍ୟାନ୍‌ସରର ସମସ୍ତ ଚିକିତ୍ସା ଉପଲବ୍ଧ। ଅନ୍ୟପକ୍ଷରେ କ୍ୟାନ୍‌ସର ରୋଗର ଚିକିତ୍ସା ପାଇଁ ଆମ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି।

**ପରିବାର ଲୋକଙ୍କ ଦାୟିତ୍ୱ**

କ୍ୟାନ୍‌ସର ରୋଗୀଙ୍କୁ ଘୃଣା କରନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ସମୟରେ ପରୀକ୍ଷା କରାଇ ନିଅନ୍ତୁ। ରୋଗୀକୁ ସବୁବେଳେ ଉତ୍ସାହିତ କରନ୍ତୁ। ଘରେ ସକାରାତ୍ମକ ପରିବେଶ ସୃଷ୍ଟି କରନ୍ତୁ। ରୋଗୀ ସହିତ ହସଖୁସିରେ ଦିନ ଅତିବାହିତ କରନ୍ତୁ।

-ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ, କାର୍ସିନୋଭା କ୍ୟାନ୍‌ସର ହସ୍‌ପିଟାଲ, କଟକ
ମୋ : ୯୪୩୮୧୬୩୨୮୦

## ବ୍ୟାକ୍ଟେରିଆକୁ ପ୍ରତିରୋଧ କରେ ଅଙ୍ଗୁର



ଶରୀରକୁ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାରେ ଅଙ୍ଗୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଭିଟାମିନ୍ସ, ମିନେରାଲ୍ସ ଏବଂ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିବା ସହ ପାଣି ମଧ୍ୟ ପ୍ରଚୁର ପରିମାଣରେ ଭରି ରହିଛି। ଅଙ୍ଗୁରରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖେ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଅଙ୍ଗୁରରେ ଏଭଳି ତତ୍ତ୍ୱ ରହିଛି ଯାହା ସୁସ୍ଥ କୋଷଗୁଡିକୁ କ୍ୟାନସରଗ୍ରସ୍ତ ହେବାରୁ କେତେକାଂଶରେ ରକ୍ଷା କରିଥାଏ। ରକ୍ତଚାପକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଏଥିରେ ଫାଇବର୍ ମାତ୍ରା ରହିଛି, ଯାହା କୋଲେଷ୍ଟରଲ୍‌ର ବୃଦ୍ଧି କରିବାକୁ ଦେଇ ନ ଥାଏ। ଆଲ୍‌ଜିମର୍ସ ଭଳି ମସ୍ତିଷ୍କଜନିତ ରୋଗରୁ ଏହା କିଛି ମାତ୍ରାରେ ଉପଶମ ଦେଇଥାଏ। ଏଥିରେ ଭିଟାମିନ୍-କେ, କ୍ୟାଲସିୟମ୍, ପଟାସିୟମ୍ ଓ ମ୍ୟାଗ୍ନେସିୟମ୍ ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ଅସ୍ଥି ଓ ମଜ୍ଜା ଶକ୍ତ ରହିଥାଏ।

## ଦୃଷ୍ଟିଶକ୍ତିକୁ ପ୍ରଖର କରେ କଖାରୁଫୁଲ



ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ଏଥିରୁ ରକ୍ଷା ପାଇବାର ଏକ ସରଳ ତଥା ସହଜ ଉପାୟ ରହିଛି। ବାସ୍, ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କଖାରୁଫୁଲ ସାମିଲ କରନ୍ତୁ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରାଇବାରେ ସହାୟକ ହୋଇଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। କେବଳ ସେତିକି ନୁହେଁ, ଏଥିରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କଖାରୁଫୁଲରେ ଭିଟାମିନ୍ 'ସି' ମଧ୍ୟ ଭରି ରହିଛି। ଥଣ୍ଡା, କାଶ, କଫ ଆଦି କମାଇବାରେ ଏହା ମଧ୍ୟ ସାହାଯ୍ୟ କରେ। ଏହା ଅନ୍ଧାରକଣା ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ବେଳେବେଳେ ଆମେ ଅନେକ ରୋଗର ଶିକାର ହୋଇଥାଉ। ବାହାର ଜୀବାଣୁ ଆମ ଶରୀରରେ ପଶି ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁଫୁଲରେ ରହିଛି।

## ଜାଣି ରଖନ୍ତୁ



- ନିୟମିତ ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ଭବିଷ୍ୟତରେ ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।
- ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହା କୋଲେଷ୍ଟରଲ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା।
- ବ୍ରେକ୍‌ଫାଷ୍ଟ ତାଲିକାରେ ଗାଜର ସାମିଲ କଲେ ତାହା ଅସ୍ଥିକୁ ମଜଭୁତ ରଖିବାରେ ସାହାଯ୍ୟ କରେ।
- କେତେକ ରୋଗରେ ପୀଡ଼ିତ ହେଲେ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବାକୁ ପଡିଥାଏ। ସେଥିପ୍ରତି ସଚେତନ ରୁହନ୍ତୁ। ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ଉପାୟ ହାତପାହାନ୍ତାରେ



ସବୁବେଳେ ଖୁସିରେ ରହିବାକୁ କିଏ ବା ନ ଚାହେଁ ? କେବଳ ସେତିକି ନୁହେଁ, ଏହାସହ ନିଜର ଚିନ୍ତାଧାରାକୁ ସକାରାତ୍ମକ ରଖି ଏକ ସୁସ୍ଥ ଜୀବନଯାପନ କରିବାକୁ ଆଶା ବି ରଖେ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ ଠିକ୍-ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ, ଫଳରେ ଭୁଲ୍ କାମ କରିବସୁ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ବିଶ୍ଳେଷଣ କରନ୍ତୁ। ସକାରାତ୍ମକ ମାନସିକତା ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣଙ୍କୁ କେତେକାଂଶରେ ଖୁସି ମିଳିବ। ସବୁବେଳେ ଖୁସିର ପରିବେଶରେ ରହିବାକୁ ଚେଷ୍ଟା କରନ୍ତୁ। ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ। କୌଣସି ଭୁଲ୍ ହୋଇଗଲେ ତାହାକୁ ଗୁରୁତ୍ୱର ସହ ନେଇ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ବ୍ୟସ୍ତ ଜୀବନ ଭିତରେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ। ଅବସାଦ, ଟେନସନ୍ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ତେବେ ଆପଣ ଏକ ରୁଟିନ୍ ଲାଇଫ ବିତାଇ ପାରିବେ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତା'ସହ ସେ ଯେଉଁ କେତୋଟି କଥାକୁ ଗୁରୁତ୍ୱ ଦେବାକୁ କହିଛନ୍ତି ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।
- ଶାରୀରିକ ବ୍ୟାୟାମ କରିବା ସହ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏ ନେଇ ମନରେ ଯଦି କିଛି ପ୍ରଶ୍ନବାଚୀ ସୃଷ୍ଟି ହେଉଛି ତେବେ ଯୋଗ ଏକ୍ସପର୍ଟଙ୍କ ସହ ସେ ବିଷୟରେ ବିଶଦ ଭାବରେ ଆଲୋଚନା କରନ୍ତୁ।
- ମଧ୍ୟାହ୍ନଭୋଜନ କିମ୍ବା ରାତ୍ରଭୋଜନ ପରେ ଫଳମୂଳ ଖାଆନ୍ତୁ ନାହିଁ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ଖାଇନିଅନ୍ତୁ।
- ଫାଷ୍ଟଫୁଡ୍ ଜାତୀୟ ଏବଂ ଅଧିକ ତେଲଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏହା ପେଟଜନିତ ସମସ୍ୟା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।
- ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।
- ଖାଦ୍ୟ ଖାଇବା ସମୟରେ ଶାନ୍ତ ମନରେ ଖାଆନ୍ତୁ। ଏହି ସମୟରେ ଟିଭି ଦେଖିବା ଭଲ।
- ଡାକ୍ତରଙ୍କ ସହ ଆଲୋଚନା କରୁଥିବା ସମୟରେ ସେ ବୁଝିବାକୁ ଚାହୁଁଥିବା ପ୍ରତିଟି ବିଷୟରେ ସବିଶେଷ ସୂଚନା ଦିଅନ୍ତୁ। କାରଣ ତାହାକୁ ଆଧାର କରି ସେ ରୋଗ ନିରୂପଣ କରିଥାଆନ୍ତି।



# ଦୂର ସାଗରର ଝଡ଼



ନିକୁଞ୍ଜ ବିହାରୀ ସାହୁ

''ପ୍ରଚଣ୍ଡ ସୂର୍ଯ୍ୟତାପରେ ସମୁଦ୍ରର ବିସ୍ତୀର୍ଣ୍ଣ ଜଳରାଶି କ୍ରମାଗତ ବାଷ୍ପ ହେଉଥିବାରୁ ବିଷୁବ ମଣ୍ଡଳୀୟ ଅଞ୍ଚଳରେ ବିଶେଷକରି ଗ୍ରୀଷ୍ମ କିମ୍ବା ଶରତ ଋତୁରେ ବାୟୁ ଯଥେଷ୍ଟ ଉଷ୍ମ ଓ ଆର୍ଦ୍ର ଥାଏ। ବେଳେବେଳେ ଏହି ଉଷ୍ମ ଆର୍ଦ୍ର ବାୟୁ କେଉଁଆଡେ ସଞ୍ଚାଳିତ ନ ହୋଇ ବିଶାଳକାୟ ଏକ ବାଦଲ ଆକାରରେ ସମୁଦ୍ର ଉପରେ ନିଶ୍ଚଳ ରୂପେ ଝୁଲି ରହେ। ଏଭଳି ବାଦଲ ବାସ୍ତବକ୍ଷେତ୍ରରେ ଅତ୍ୟନ୍ତ ଅସ୍ଥିର ଓ ଅସ୍ଥାୟୀ। ପ୍ରଚଣ୍ଡ ସୂର୍ଯ୍ୟତାପରେ ବାୟୁ ଆହୁରି ଗରମ ହୋଇ ଏହି ବାଦଲ ମଧ ଦେଇ ଉର୍ଦ୍ଧ୍ୱକୁ ଉଠିବାରୁ ପୂର୍ବୋକ୍ତ ବାଦଲରେ ଶୂନ୍ୟ ସ୍ଥାନ ହୋଇ ଏକ ଲଘୁଚାପ ମଣ୍ଡଳ ସୃଷ୍ଟି କରେ।''



ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏକ କ୍ଷୁଦ୍ର ଲଘୁଚାପ 'ଦାନା' ସମୟକ୍ରମେ ଅବପାତ, ଗଭୀର ଅବପାତ, ଘୂର୍ଣ୍ଣିବାତ୍ୟା ଓ ଗଭୀର ଘୂର୍ଣ୍ଣିବାତ୍ୟାରେ ପରିଣତ ହୋଇ ଓଡ଼ିଶା ଦେଇ ପ୍ରବାହିତ ହୋଇଯାଇଛି। ଏହା ଏକ କ୍ରାନ୍ତିମଣ୍ଡଳୀୟ ଘୂର୍ଣ୍ଣିଝଡ଼। ସାମୁଦ୍ରିକ ଝଡ଼ଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବାରୁ ସେଗୁଡ଼ିକ ବାସ୍ତବପକ୍ଷରେ ଧନଜୀବନ ପ୍ରତି ମହାବିନାଶକ ଓ ମହାଧ୍ୱଂସକାରୀ ସାବ୍ୟସ୍ତ ହୋଇ ଥାଆନ୍ତି।

**ଅତୀତର କ୍ଷତ:** ୧୯୯୯ ମସିହା ଅକ୍ଟୋବର ୩୧ ତାରିଖ ରବିବାର ସକାଳ : ରାଜଧାନୀ କେନ୍ଦ୍ରାଞ୍ଚଳର ଛାତ ଉପରୁ ମହାନଗରୀର ଏକ ଦୃଶ୍ୟ। ଗଛ, ବସ୍ତି, ସାଇନ ବୋର୍ଡ, ବିଜୁଳିଖୁଣ୍ଟ ସବୁ ଧରାଶାୟୀ ଓ ଧ୍ୱସ୍ତବିଧ୍ୱସ୍ତ। ଦୃଷ୍ଟି ଲମ୍ବି ଯାଉଥାଏ ଦୂର ଦିଗ୍‌ବଳୟକୁ ଓ ଦୃଷ୍ଟି ଅନ୍ତରାଳରେ ଥିବା ରାଜଧାନୀର ବହୁ ଅଞ୍ଚଳ ଆଖି ପୂରେଇ ଦେଖି ହେଉଥାଏ। ରାସ୍ତାଘାଟଗୁଡ଼ିକ ଥାଏ ନୀରବ ଓ ନିର୍ଜନ। ମୁଷ୍ଟିମେୟ ଜନପ୍ରାଣୀ କାଁ ଭାଁ ବିଚରଣ କରୁଥାନ୍ତି। ସବୁ ଲାଗୁଥାଏ ନୂଆ ନୂଆ, ଅଜଣା, ଅଚିହ୍ନା। ମନେହେଉଥାଏ ସବୁ ଯେମିତି କେଉଁ ଏକ ଆଦିମ ସଭ୍ୟତାର କରୁଣ ଧ୍ୱଂସାବଶେଷ। ଏହାର କାରଣ ବୁଝିବା ପାଇଁ ହେଲେ ବେଶି କଷ୍ଟ କରିବାକୁ ପଡ଼େ ନାହିଁ। ପ୍ରାୟ ୩୦ ଘଣ୍ଟା ଧରି ରାଜଧାନୀ ଓ ସମଗ୍ର ପୂର୍ବ ଓଡ଼ିଶାରେ ବହି ଯାଇଥିଲା ଏକ ମହାପ୍ରଳୟଙ୍କରୀ, ମହାବିନାଶକ, ଅଭୂତପୂର୍ବ ତଥା ଶତାବ୍ଦୀର ଶ୍ରେଷ୍ଠ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼।

କେବଳ ୧୯୯୯ ମସିହାର ମହାବାତ୍ୟା ନୁହେଁ, ଫାଇଲିନ (୨୦୧୩), ହୁଦ୍‌ହୁଦ୍ (୨୦୧୪), ତିତ୍‌ଲି (୨୦୧୮), ଫନୀ (୨୦୧୯), ୟସ୍ (୨୦୨୧) ଆଦି ପ୍ରଳୟଙ୍କରୀ ଘୂର୍ଣ୍ଣିଝଡ଼ଗୁଡ଼ିକ ଅତୀତରେ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରି ଧନଜୀବନର ବିପୁଳ କ୍ଷୟକ୍ଷତି ଘଟାଇଛନ୍ତି। ଏବେ ପୁଣି ଘୂର୍ଣ୍ଣିଝଡ଼ 'ଦାନା' ଓଡ଼ିଶାର ଉତ୍ତରପୂର୍ବ ଉପକୂଳରେ ପ୍ରବାହିତ ହୋଇ ଧ୍ୱଂସର ତାଣ୍ଡବ ରଚନା କରିଛି। ତେବେ ମନରେ ପ୍ରଶ୍ନ ଉଠେ- ସମୁଦ୍ର ବକ୍ଷରେ ଏଭଳି ଅଥୟ ଓ ଅଶାନ୍ତ ଝଡ଼ସବୁ ସୃଷ୍ଟି ହୁଏ କିପରି? ସ୍ଥଳଭାଗର ଖଣ୍ଡିଆଭୂତ ଧୂଳିଝଡ଼ଗୁଡ଼ିକ ଶୀଘ୍ର ନିଃଶେଷ ହୋଇ ଯାଉଥିଲାବେଳେ ସମୁଦ୍ରର ଝଡ଼ସବୁ ଦୀର୍ଘସ୍ଥାୟୀ ଓ ଭୟଙ୍କର ହୁଏ କାହିଁକି? ଝଡ଼ ପୁଣି ଗତି କରେ କିପରି? ଝଡ଼ରେ ପବନର ଦିଗ ହଠାତ ବଦଳିଯାଏ କାହିଁକି?

**ସମୁଦ୍ରରେ ଖଣ୍ଡିଆଭୂତ:** ପ୍ରଚଣ୍ଡ ସୂର୍ଯ୍ୟତାପରେ ସମୁଦ୍ରର ବିସ୍ତୀର୍ଣ୍ଣ ଜଳରାଶି କ୍ରମାଗତ ବାଷ୍ପ ହେଉଥିବାରୁ ବିଷୁବ ମଣ୍ଡଳୀୟ ଅଞ୍ଚଳରେ ବିଶେଷକରି ଗ୍ରୀଷ୍ମ କିମ୍ବା ଶରତ ଋତୁରେ ବାୟୁ ଯଥେଷ୍ଟ ଉଷ୍ମ ଓ ଆର୍ଦ୍ର ଥାଏ। ବେଳେବେଳେ ଏହି ଉଷ୍ମ ଆର୍ଦ୍ର ବାୟୁ କେଉଁଆଡେ ସଞ୍ଚାଳିତ ନ ହୋଇ ବିଶାଳକାୟ ଏକ ବାଦଲ ଆକାରରେ ସମୁଦ୍ର ଉପରେ ନିଶ୍ଚଳ ରୂପେ ଝୁଲି ରହେ। ଏଭଳି ବାଦଲ ବାସ୍ତବକ୍ଷେତ୍ରରେ ଅତ୍ୟନ୍ତ ଅସ୍ଥିର ଓ ଅସ୍ଥାୟୀ। ପ୍ରଚଣ୍ଡ ସୂର୍ଯ୍ୟତାପରେ ବାୟୁ ଆହୁରି ଗରମ ହୋଇ ଏହି ବାଦଲ ମଧ୍ୟ ଦେଇ ଉର୍ଦ୍ଧ୍ୱକୁ ଉଠିବାରୁ ପୂର୍ବୋକ୍ତ ବାଦଲରେ ଶୂନ୍ୟ ସ୍ଥାନ ହୋଇ ଏକ ଲଘୁଚାପ ମଣ୍ଡଳ ସୃଷ୍ଟି କରେ। ଏହି ସ୍ଥାନ ପୂରଣ ନିମନ୍ତେ ଚତୁଃପାର୍ଶ୍ୱର ଶୀତଳ ବାୟୁ ଲଘୁଚାପର କେନ୍ଦ୍ର ଆଡକୁ ମାଡିଆସେ ଯାହା ପୃଥିବୀର ଅକ୍ଷୀୟ ଘୂର୍ଣ୍ଣନ ଯୋଗୁ ବିକ୍ଷେପିତ ହୋଇ କୁଣ୍ଡଳାକାର ରୂପ ଧାରଣ କରେ ଏବଂ ଘୂରି ଘୂରି ଉପରକୁ ଉଠେ। ଏହିଭଳି ଭାବରେ ସମୁଦ୍ର ବକ୍ଷରେ ଏକ ଛୋଟିଆ ଖଣ୍ଡିଆଭୂତ ସୃଷ୍ଟି ହୁଏ। ତେବେ ପ୍ରଶ୍ନ ଉଠେ- ଦୂର ସମୁଦ୍ରର ଏହି ଅଜ୍ଞାତ ଅନାମଧେୟ ଖଣ୍ଡିଆଭୂତଟି ଏକ ବହୁଚର୍ଚ୍ଚିତ ପ୍ରଳୟଙ୍କରୀ ଝଡ଼ର ରୂପ ନିଏ କିପରି? ଏହା ଜଳର ଏକ ମୌଳିକ ଧର୍ମ ଉପରେ ନିର୍ଭର କରେ। (କ୍ରମଶଃ..)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୬୭୪

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ